# ପ୍ରଶ୍ନୋତ୍ତର

ଶୁଭ ସନ୍ଧ୍ୟା, ବନ୍ଧୁଗଣ, ଆଜି ରାତି ଏଠାରେ ରହିବା ଭଲ ଅଟେ । ଏବଂ ମୁଁ...ଯେଉଁ ଉପାୟରେ ଏହି ସମସ୍ତ ପ୍ରକାର ବିଷୟ ମୋ ଉପରକୁ ଆସିଥିଲା, ତାହାର କାରଣ ହେଲା ଯେ ମୁଁ...ଆଜି ସକାଳରେ ମୋ ଭାଇ ବିଷୟରେ ଭାବୁଥିଲି, ଏବଂ କିପରି ମୁଁ ଜାଣେ ଯେ ଦିନକୁ ଦୁଇଟି ସେବା କରିବାର ଅର୍ଥ କଅଣ ।

2 ଏବଂ ମୁଁ—ମୁଁ ମୋର ଗଳାରେ ଟିକିଏ *ସସଟ* ଅନୁଭବ କରୁ ଥିଲି । ମୁଁ ବହୁତ ପ୍ରଚାର କରିଥିଲି । ଆଉ ଠିକ୍ ଯେତେବେଳେ ମୁଁ ଏହି ସହରରେ, ଏହି ଉପତ୍ୟକାରେ ପ୍ରବେଶ କଲି, ସେହି ପାଟି ଭିତରେ ଥିବା ଛୋଟ ଅଂଶଟି ଏଠାରେ ଏକ ପ୍ରକାରରୁ...ଏହା, ସେମାନେ ଏହାକୁ କୁହନ୍ତି...ଏଠାରେ ଉପତ୍ୟକାରେ ଏଠାକାର ଜଳବାୟୁ ଏଠାରେ, ଏହା କେବଳ ତାକୁ ଫୁଲାଇ ଦେଇ ଏତେ ଖରାପ ଭାବରେ ରଖେ ଯେ ମୁଁ ଉପତ୍ୟକାରେ ରହିବା ସମୟରେ ମୋତେ ସବୁବେଳେ ତାହା ଗିଳିବାକୁ ପଡିଥାଏ । ଏବଂ ମୁଁ ଦୂରେଇ ଯାଏ, ଅଳ୍ପ କେତେକ ଦିନ, ତାହା ଚାଲିଯାଏ । ଫେରି ଆସନ୍ତୁ, ସେ ପୁଣିଥରେ ଚାଲି ଆସେ ।

3 ଏବଂ ମୁଁ ଭାଇ ନେଭିଲଙ୍କ ପାଇଁ ଏକ ପ୍ରକାର ଅନୁଭୂତି ରଖେ, ଏହା ଜାଣି ଯେ—ଯେ ଆମେ ବୋଧହୁଏ ମାର୍ଗରେ ଟିକିଏ ଅଧିକ ଆଗକୁ ଆସି ଯାଇଛୁ ଯେତେ କି ଆପଣମାନଙ୍କ ମଧ୍ୟରୁ କେତେକ ଯୁବା ବ୍ୟକ୍ତିମାନେ ଅଛନ୍ତି, ଆଉ ତେଣୁକରି ଆମେମାନେ ଅନ୍ୟ ଉପାୟକୁ ଦେଖୁଅଛୁ । ତେଣୁ ଆମେ ପରସ୍ପର ଜଣେ ଅନ୍ୟର ପାଇଁ ଏକ ପ୍ରକାର ଅନୁଭବ କରୁ, ଏବଂ ତାହା ଆହୁରି ଅଧିକ ଅଟେ ଯେତେବେଳେକି ଦିନଗୁଡିକ ପାଖେଇ ଆସୁଥାଏ, ମନ୍ଦ ଦିନଗୁଡ଼ିକ ପାଖେଇ ଆସୁଥାଏ । ଏବଂ ତାହାପରେ ଏହା ଜାଣି ଯେ ଆମେମାନେ ବର୍ତ୍ତମାନ ଚାଲି ଯାଉଅଛୁ, ତୁରନ୍ତ ହିଁ, ଯଦି ପ୍ରଭୁଙ୍କର ଇଚ୍ଛା ହୁଏ ।

4 ଏବଂ ମୁଁ ଭାବିଲି, ଆପଣ ଜାଣନ୍ତି, ଭାଇ ବୋଜେ ଆସନ୍ତା ରବିବାର ସନ୍ଧ୍ୟାରେ ଏଠାରେ ରହିବେ, ମୁଁ ବିଶ୍ୱାସ କରେ । ମୁଁ...କଅଣ ଆପଣମାନେ ତାହା ବୁଝିଲେ? ହଁ, ଏବଂ ଆଗାମୀ ରବିବାର ସନ୍ଧ୍ୟା । ତାଙ୍କ ପାଖରେ ଏକ—ଏକ ଚଳଚିତ୍ର ଅଛି ଯାହା ସେ ଦେଖାଇବାକୁ ଚାହାଁନ୍ତି, ଯାହାକି ବିଦେଶରେ ଥିବା ତାଙ୍କର ମିଶନ କାର୍ଯ୍ୟଗୁଡିକ ଉପରେ ଅଟେ...ତାଙ୍କୁ ଅନେକ ବର୍ଷ ପୂର୍ବେ ଏକ—ଏକ ଏକ ସ୍ୱପ୍ନ ଆସିଥିଲା, ଚିକାଗୋକୁ ଆସିବା ବିଷୟରେ । ଏବଂ ସେହି ବେଚାରା ଦୁଃଖୀ ସାନ ବ୍ୟକ୍ତି ସର୍ବତ୍ର ଭାଙ୍ଗି ପଡିଥିବା ପରି ଅନୁଭବ କଲେ, କହିଲେ ତାଙ୍କର ସେହି ବାର୍ତ୍ତା କେବେ ବି ସଫଳ ହେଲା ନାହିଁ । ଏବଂ ମୁଁ ତାଙ୍କୁ ତାହା ବୁଝାଇଲି ଯେ ପ୍ରଭୁ କିପରି ସଫଳ କରିସାରିଥିଲେ । ତାହାପରେ ସେ ଏହାକୁ ବୁଝି ପାଇଲେ ।

5 ତେଣୁ ତେବେ ପ୍ରଭୁ ତାଙ୍କୁ ଆଉ ଏକ ସ୍ୱପ୍ନ ଦେଲେ । ଏବଂ ତାହାପରେ ଯେତେବେଳେ ବ୍ୟାଖ୍ୟା ଆସିଲା, ତାଙ୍କୁ କହିଲି ଯେ କୁଆଡେ ଯିବାକୁ ଅଛି ଏବଂ କଅଣ କରିବାକୁ ଅଛି ।

ଏବଂ ସେ ସେଠାକୁ ଗଲେ ଏବଂ, ମୋର, ଓଃ, ମୋର ପ୍ରଭୁ, କେନିୟା, ଟାଙ୍ଗାନିକା ଏବଂ ଉଗାଣ୍ଡା, ଓ ସେଠାରେ ଥିବା ସେହି ଦେଶଗୁଡିକୁ, ସେମାନଙ୍କର ମିଶନ କାର୍ଯ୍ୟରେ ପ୍ରଭୁ ସେମାନଙ୍କ ପାଇଁ ଯାହା କରିଛନ୍ତି ତାହା କେବଳ ଆଶ୍ଚର୍ଯ୍ୟଜନକ ଅଟେ । ଏବଂ ସେ ଚିତ୍ର ଦେଖାଇବାକୁ ଚାହାଁନ୍ତି, କେବଳ ଏହା ଦେଖାଇବାକୁ ଯେ ପ୍ରଭୁ ସେହି ଲୋକମାନଙ୍କ ମଧ୍ୟରେ କଅଣ କରୁଛନ୍ତି, ସେଠାରେ ଥିବା ସେହି ଆଫ୍ରିକୀୟ ଜନଜାତିମାନଙ୍କ ମଧ୍ୟରେ । ପ୍ରଭୁ ଇଚ୍ଛା କଲେ, ଜାନୁୟାରୀରେ, ମୁଁ ତାହା ନିମନ୍ତେ ତାଙ୍କୁ ସେଠାରେ ଯୋଗଦେବାକୁ ଚାହେଁ…ଏବଂ ସେହି ଜନଜାତିମାନଙ୍କ ମଧ୍ୟରେ, କେବଳ ଏକ ସଭା ନିମନ୍ତେ ଏହା ପୂର୍ବେକି ମୁଁ ପୁନର୍ବାର ରୋଡେସିଆ ଏବଂ ଦକ୍ଷିଣ ଆଫ୍ରିକାକୁ ଯାଏ ।

6 ଏବଂ, ତାହାପରେ, ତେବେ ଏହି ଆସନ୍ତା ରବିବାର ରାତି, ତେଣୁ ମନେରଖନ୍ତୁ, ବର୍ତ୍ତମାନ । ଏବଂ ଭାଇ ଯୋସେଫଙ୍କ ନିମନ୍ତେ ଭାରଯୁକ୍ତ ହୋଇ ପ୍ରାର୍ଥନା କରନ୍ତୁ, ସେ ଜଣେ ସୁନ୍ଦର ସାନ ଭାଇ । ମୁଁ ତାଙ୍କୁ ବହୁତ ପ୍ରଶଂସା କରିଛି, ତାଙ୍କର ସହଭାଗୀତା ଓ ଇତ୍ୟାଦିକୁ ।

7 ତାହାପରେ, ଆସନ୍ତା ସପ୍ତାହରେ, ଆମେ ସେଠାରୁ ଛାଡି ଚାଲି ଯିବା…ଉପରେ ସଦର୍ନ ପାଇନ୍ସକୁ, ଏବଂ ତାହାପରେ ତଳେ କଲମ୍ବିଆ, ଦକ୍ଷିଣ କାରୋଲାଇନାକୁ; ଏବଂ ତାହାପରେ ସେଠାରୁ କାଓ ପ୍ୟାଲେସ୍, ପଶ୍ଚିମ ତଟକୁ, ତାହାପରେ ଉପରେ ଗ୍ରାସ ଭେଲି ପର୍ଯ୍ୟନ୍ତ; ଏବଂ ତାହାପରେ ବିଶ୍ୱ ମେଳାକୁ, ଏବଂ ପୁନର୍ବାର ଫେରି ଓରେଗନ୍‌କୁ; ତାହାପରେ ବ୍ରିଟିଶ୍ କଲମ୍ବିଆକୁ, ଏବଂ ପ୍ରଭୃତି, ଏହିପରି ଭାବରେ ଆଗକୁ ଓ ଆଗକୁ ଶରତ ପର୍ଯ୍ୟନ୍ତ । ତେବେ ଆମେମାନେ ଆଶା କରୁ, ଯେ ଏହି ଶରତ ଋତୁରେ, ପ୍ରଭୁଙ୍କ ଇଚ୍ଛା ହେଲେ, ଏଠାରେ ଆଉ କେତେକ ସଭାମାନ କରିବା, ଯଦି ପ୍ରଭୁ ଯୋଗାନ୍ତି ।

8 ତାହାପରେ ମୁଁ ଭାବିଲି, ଏହା ପୂର୍ବେକି ମୁଁ ଛାଡି ଚାଲିଯାଏ, କିଛି ପ୍ରଶ୍ନ ପଚାରିବା ଏକ ପ୍ରକାର ଭଲ କଥା ହେବ । ଆପଣ ଜାଣନ୍ତି, ଯେତେବେଳେ ଆପଣ ପ୍ରଶ୍ନ ପଚାରନ୍ତି ଆପଣ ଜାଣିପାରନ୍ତି ଯେ ଲୋକମାନଙ୍କ ହୃଦୟରେ କଅଣ ଅଛି । ଆଉ ତେଣୁକରି ମୁଁ ଭାବିଲି, ଆପଣ ଜାଣନ୍ତି, ଆଜି ରାତିରେ, ଏକ ପ୍ରକାର କେବଳ ହୃଦୟ-ରୁ-ହୃଦୟ କଥାବାର୍ତ୍ତା କରିବା ଏଠାରେ ଥିବା ଲୋକମାନଙ୍କର, ସେହି—ସେହି ଛୋଟ ସମୂହ ସହିତ, କେବଳ—କେବଳ ଆପଣମାନଙ୍କ ସହିତ ଆମର ହୃଦୟରୁ—ରୁ କଥାବାର୍ତ୍ତା କରିବା । ବେଳେବେଳେ ମୁଁ ଭାବେ ଯେ ତାହା ଉପଦେଶ ପ୍ରଚାର କରିବା ଅପେକ୍ଷା ଅଧିକ ଭଲ କାର୍ଯ୍ୟ କରେ, କେବଳ ପରସ୍ପର ଜଣେ ଅନ୍ୟକୁ ଭଲ ଭାବରେ ବୁଝିବା ।

9 ଆମେ ପରମେଶ୍ୱରଙ୍କ ପ୍ରତି କୃତଜ୍ଞ ଅଟୁ ଯାହା ସବୁ ସେ ଏହି ସପ୍ତାହରେ ପ୍ରାର୍ଥନାର ପ୍ରତ୍ୟୁତ୍ତରରେ ଆମେ ତାହାଙ୍କୁ କରୁଥିବାର ଦେଖିଛୁ, ଏହା ଅତ୍ୟନ୍ତ ଉଲ୍ଲେଖନୀୟ ଅଟେ । ଏବଂ ତେଣୁ ଆମେ କୃତଜ୍ଞ, କେବଳ ଅତ୍ୟଧିକ କୃତଜ୍ଞ ଅଟୁ ।

10 ଏବଂ ଆମେ ସମୟକୁ ଦେଖୁଅଛୁ ଓ ସେହି ଶେଷ ସମୟ ପାଖେଇ ଆସୁଛି, ଏହା ଜାଣି ଯେ କିଛି ଗୋଟାଏ ଘଟିବାକୁ ଯାଉଅଛି । ଏବଂ ସେଠାରେ କେହି ନାହାଁନ୍ତି ମାତ୍ର କେବଳ ସେ

ଯିଏକି ଜାଣନ୍ତି ଯେ ତାହା ସତ୍ୟ ଅଟେ, ଯଦି ସେ ଜଣେ—ଯଦି ସେ ଜଣେ ଚିନ୍ତକ ଅଟନ୍ତି। ଆମେ ଜାଣିଛୁ, ଆମେ ଯୁଗ ଯୁଗ ଧରି ଏହାକୁ ଦେଖିଛୁ, ପ୍ରତ୍ୟେକ ଜଣ ଏହାକୁ ଦେଖିଛନ୍ତି। କିନ୍ତୁ, ଆପଣ ଜାଣନ୍ତି, ବର୍ତ୍ତମାନ ବହୁତ କିଛି ଘଟୁଅଛି। ଆମେ—ଆମେ ଜାଣୁ ଯେ ତାହା ଠିକ୍ ଅଟେ...ଅଧିକ ଦୂର ହୋଇ ନ ପାରେ। ଏବଂ ହୋଇପାରେ ଯେ ବର୍ତ୍ତମାନ ମୁଁ ଅଳ୍ପ କିଛି ମୁହୂର୍ତ୍ତ ସେଗୁଡିକ ମଧ୍ୟରୁ କେତେକ ଉପରେ କହିବି।

11 କିନ୍ତୁ ବର୍ତ୍ତମାନ ଆସନ୍ତୁ, ଆରମ୍ଭ କରିବା ପାଇଁ, କେବଳ ପ୍ରାର୍ଥନା ଶବ୍ଦ ପାଇଁ ମସ୍ତକଗୁଡିକ ନତ କରିବା। ଆଉ ଯେତେବେଳେ ଆମର ମସ୍ତକଗୁଡିକ ନତ ଅଛି, ମୁଁ ଭାବେ ଯଦି ଆମ ହୃଦୟରେ ଏପରି କିଛି ଅଛି କି, ଯାହାକି ଆମେ ଚାହୁଁ ଯେ ପରମେଶ୍ୱରଙ୍କ ସମ୍ମୁଖରେ ପ୍ରାର୍ଥନାରେ ସ୍ମରଣ କରାଯାଉ। ଯଦି ଏହା ଏପରି ଅଟେ, ତେବେ କେବଳ ନିଜର ହାତ ଉଠାନ୍ତୁ। ସେ ବୁଝି ଯିବେ, ସେ ଏହା ବିଷୟରେ ସବୁ କିଛି ଜାଣନ୍ତି। କେବଳ କିଛି ଅନୁରୋଧ ଯାହା ଆପଣ କହିବାକୁ ପସନ୍ଦ କରିବେ, "ପରମେଶ୍ୱର, ମୋତେ ସ୍ମରଣ କରିବ।" ପ୍ରଭୁ ଆପଣଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଆଶୀର୍ବାଦ କରନ୍ତୁ।

12 ଆମମାନଙ୍କର ସ୍ୱର୍ଗୀୟ ପିତା, ଯେତେବେଳେ ଆମେ ଆଜି ରାତିରେ ସେହି ଅନୁଗ୍ରହର ସିଂହାସନ ନିକଟକୁ ଆସୁଅଛୁ, ଯାହାକି ତୁମେ ଅତି କରୁଣା କରି ପରମେଶ୍ୱରଙ୍କ ସିଂହାସନ ଏବଂ ତାହାଙ୍କର ଅନୁଗ୍ରହ ସମ୍ମୁଖକୁ ସାହାସର ସହ ଆସିବାକୁ ଆମମାନଙ୍କୁ ନିମନ୍ତ୍ରିତ କରିଅଛ, ଯେ ଆମେ କୌଣସି ବି ନିବେଦନ ମାଗି ପାରୁ ଯାହା ଆମର ଆବଶ୍ୟକ ଅଟେ। ତୁମେ ଆମକୁ କହୀଛ ଯେ ଯଦି ଆମେ ଦୁଇ କିମ୍ବା ତିନିଜଣ ସୁଦ୍ଧା ଏକାଠି ହେଉ ଏବଂ ତୁମ ନାମରେ ସମବେତ ହେଉ, ତେବେ ତୁମେ ଆମ ମଧ୍ୟରେ ରହିବ। ଏବଂ ତାହାପରେ ଆମେମାନେ ଯାହା ଇଚ୍ଛା କରିବୁ, ଯଦି ଆମେମାନେ ତାହା ମାଗିବୁ, ଆମେମାନେ ଏହାକୁ ପାଇବୁ ଯଦି ଆମେମାନେ ତାହା ପାଇବୁ ବୋଲି କେବଳ ବିଶ୍ୱାସ କରିବୁ।

13 ତୁମେ ଆଜିର ଦିନର ଅବସ୍ଥା ଏବଂ ମଣ୍ଡଳୀ ଓ ଲୋକମାନଙ୍କର ଅବସ୍ଥା ଜାଣିଛ, ଏବଂ ତୁମ ସମ୍ମୁଖରେ ଥିବା ଆମର ଅନୁରୋଧଗୁଡିକୁ ଜାଣିଛ। ବର୍ତ୍ତମାନ, ହେ ପ୍ରଭୁ, ତୁମେ ହାତଗୁଡିକ ଦେଖିଛ। ତୁମେ ଲୋକମାନଙ୍କର ହୃଦୟ, ଏବଂ ସେମାନଙ୍କର ଇଚ୍ଛା ଓ ସେମାନଙ୍କର ଆବଶ୍ୟକତା ଜାଣିଛ। ଏବଂ ଆମେ ଦେଖୁଛୁ ଯେ ସମୟ ପାଖେଇ ଆସୁଛି, ଏହା ବର୍ତ୍ତମାନ ଅତି ନିକଟବର୍ତ୍ତୀ ହୋଇ ମାଡି ଆସୁଛି, ସେହି ମହାନ ମେଘଗୁଡିକ ପୁଣି ସ୍ଥିର ହେଉଅଛି। ଭବିଷ୍ୟଦ୍‌ବକ୍ତାମାନେ ଶହ ଶହ ବର୍ଷ ପୂର୍ବେ ଯେଉଁ ବିଷୟରେ କହିଥିଲେ, ଆମେ ଦେଖୁଅଛୁ ଯେ ତାହା ଏହି ସମୟ ପର୍ଯ୍ୟନ୍ତ କଦାପି ଘଟିତ ହୋଇ ନାହିଁ, ଏବଂ ଏହାକୁ ଠିକ ଆମେ ଏଠାରେ ଆମ ଦିନରେ ଦେଖୁଅଛୁ।

14 ବର୍ତ୍ତମାନ, ହେ ପିତା, ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଆମକୁ ଏହି ଆଶୀର୍ବାଦଗୁଡିକୁ ପ୍ରଦାନ କରିବ ଯାହା ଆମେମାନେ ମାଗିଅଛୁ। ରୋଗୀ ଓ ପୀଡ଼ିତମାନଙ୍କୁ ସୁସ୍ଥ କର। ହେ ପ୍ରଭୁ, ତୁମର ମଣ୍ଡଳୀରେ ପବିତ୍ରଆତ୍ମାଙ୍କର ଜୀବନ୍ତ ଶକ୍ତିକୁ, ସେହି ଜୀବନ୍ତ ବିଶ୍ୱାସକୁ ପୁନଃସ୍ଥାପିତ

କର ଯେ ଯାହା ଆମେମାନେ ମାଗୁଅଛୁ ଆମେ ତାହା ବିଶ୍ୱାସ କରୁ । ଆମେ ବିଶ୍ୱାସ କରୁ ଯେ ଆମେ ଏହା ପାଇଅଛୁ କାରଣ ଆମେ ସୁନିଶ୍ଚିତ ଅଟୁ ଯେ ଏହା ପରମେଶ୍ୱରଙ୍କ ଇଚ୍ଛା ଯେ ଆମେ କିଛି ମାଗିବା ପୂର୍ବରୁ ସେ ଆମକୁ ତାହା ପ୍ରଦାନ କରିଥାନ୍ତି । ଆମେ ଭୁଲ୍ ମାଗୁ ନାହୁଁ, ଆମେ ପରମେଶ୍ୱରଙ୍କ ରାଜ୍ୟ ନିମନ୍ତେ ମାଗୁଅଛୁ, ଏଣୁ ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଆମକୁ ତାହା ପ୍ରଦାନ କରିବ ।

15 ଆମର ସମାବେଶକୁ, ଆମର ପାଳକ, ମଣ୍ଡଳୀର କର୍ମକର୍ତ୍ତାମାନଙ୍କୁ, ପ୍ରତ୍ୟେକ ବ୍ୟକ୍ତିଙ୍କୁ, ଖ୍ରୀଷ୍ଟଙ୍କ ଶରୀରର ସଦସ୍ୟମାନଙ୍କୁ ଯେଉଁମାନେକି ଉପସ୍ଥିତ ଅଛନ୍ତି ଆଶୀର୍ବାଦ କର । ଯେଉଁମାନେ ଖ୍ରୀଷ୍ଟଙ୍କ ଶରୀରର ସଦସ୍ୟ ନୁହଁନ୍ତି, ଆଜି ଅନ୍ୟ କୌଣସି ସ୍ଥାନରେ ଆଶ୍ରୟ ଖୋଜୁଛନ୍ତି, ପଛ ଅଗଣାରେ ସୁରକ୍ଷା ନିମନ୍ତେ ଏକ ବୋମା ଆଶ୍ରୟ କିଣୁଛନ୍ତି, ଏହା ହେଉ ଯେ ହେ ପରମେଶ୍ୱର, ସେମାନେ ପ୍ରଭୁ ଯୀଶୁଙ୍କ ଆଶ୍ରୟସ୍ଥଳ ଅଧୀନରେ ଆସିଯାଆନ୍ତୁ, ଏହା ଜାଣି ଯେ ଯେତେବେଳେ ଏହି ଜୀବନ ସମାପ୍ତ ହୁଏ, ସେଠାରେ ଏହାଠାରୁ ଅଧିକ ଉତ୍ତମ ଏକ ଜୀବନ ଅଛି । ପ୍ରତିଜ୍ଞା ପାଇଁ ତୁମକୁ ଧନ୍ୟବାଦ କରୁଛୁ ।

16 ଆଜି ରାତି ଆମକୁ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ, ଯେପରିକି ଆମେ ତୁମର ବାକ୍ୟ ଦ୍ୱାରା ପ୍ରତ୍ୟେକ ହୃଦୟକୁ ସନ୍ତୁଷ୍ଟ କରିପାରୁ । କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

17 ପ୍ରଭୁଙ୍କ ଆଗମନର ନିକଟବର୍ତ୍ତି ହେବା, ଏହା କେତେ ବଡ଼ ଏକ ଆଶ୍ୱାସନା ଅଟେ!

18 ମୁଁ କିଛି ସମୟ ପୂର୍ବରୁ କହୁଥିଲି, କେହି ଜଣେ *ବୀମା* ବିଷୟରେ କିଛି ଗୋଟାଏ କହିଲେ, ମୁଁ ବ୍ୟବସାୟୀ ପୁରୁଷମାନଙ୍କ ସହିତ କିଛି ସମୟ ପୂର୍ବରୁ ସେମାନଙ୍କର ଏକ ସମ୍ମିଳନୀ, ଏକ ଆନ୍ତର୍ଜାତୀୟ ସମ୍ମିଳନୀରେ ଥିଲି । ମୁଁ କେବଳ ଗୋଟିଏ, ଆଞ୍ଚଳିକ ସ୍ତରରେ ଯୋଗ ଦେଇଥିଲି । ମୁଁ ବିଶ୍ୱବ୍ୟାପୀ ସ୍ତରରେ, ପୂର୍ଣ୍ଣ ସୁସମାଚାର ବ୍ୟବସାୟୀ ପୁରୁଷମାନଙ୍କ ପାଇଁ କହିଥାଏ । ଆଉ ତେବେ ଏହି—ଏହି ସମ୍ମିଳନୀଟି ପଶ୍ଚିମ ତଟରେ ହୋଇଥିବା ହେତୁରୁ, ଏବଂ ସେଠାରେ ସମଗ୍ର ବିଶ୍ୱରୁ ସମସ୍ତ ଗଣ୍ୟମାନ୍ୟ ଲୋକମାନେ ବସିଥିବା ହେତୁ, ତାହା ସହିତ… ଉତ୍ତମ ବସ୍ତ୍ର ପରିହିତ ଏବଂ ସମ୍ମାନଜନକ । ସେମାନଙ୍କ ମଧ୍ୟରୁ ଜଣେ ମୋତେ କହିଲେ, "ମୁଁ କାହାରିକୁ ଆପଣଙ୍କୁ ଡାକୁଥିବାର ଶୁଣିଲି 'ସମ୍ମାନୀୟ ।'"

ମୁଁ କହିଲି, "ହଁ, ଆଜ୍ଞା ।"

କହିଲେ, "ଆପଣ ଜଣେ ପ୍ରଚାରକ ଅଟନ୍ତି?"

ମୁଁ କହିଲି, "ହଁ, ଆଜ୍ଞା ।"

ସେ କହିଲେ, "ଆପଣ ଏହି ବ୍ୟବସାୟୀମାନଙ୍କ ସହିତ କଅଣ କରୁଛନ୍ତି?"

ମୁଁ କହିଲି, "ମୁଁ—ମୁଁ ଜଣେ ବ୍ୟବସାୟୀ ଅଟେ ।"

"ଓଃ?" କହିଲେ, "ଆପଣ କେଉଁ ପ୍ରକାରର ବ୍ୟବସାୟରେ ଅଛନ୍ତି?"

ମୁଁ କହିଲି, “ଆଶ୍ୱାସନା ।”

19 ସେ ମୋତେ ଭୁଲ ବୁଝିଲେ, ସେ ଭାବିଲେ ଯେ ମୁଁ ବୀମା ବୋଲି କହୁଛି । ତେଣୁ ସେ ମୋତେ କହିଲେ, ସେ କହିଲେ, “ଆପଣ କେଉଁ କମ୍ପାନୀ ସହିତ ଅଛନ୍ତି?”

ମୁଁ କହିଲି, “ସ୍ୱର୍ଗୀୟ କମ୍ପାନୀ ।”

ସେ କହିଲେ, “ମୁଁ ବିଶ୍ୱାସ କରେ ନାହିଁ ଯେ ମୁଁ ତାହା ଜାଣେ ।”

ମୁଁ କହିଲି—କହିଲି, “କେଉଁ—କେଉଁ ପ୍ରକାର ଏକ ବୀମା ଆପଣ ବିକ୍ରୟ କରନ୍ତି?”

20 “ମୁଁ କଦାପି...” ମୁଁ କହିଲି, “ମୁଁ କଦାପି *ବୀମା* କହି ନାହିଁ, ମୁଁ ତ *ଆଶ୍ୱାସନା* କହିଲି ।”

କହିଲେ, “ଆପଣଙ୍କ ଅର୍ଥ କଅଣ?”

ମୁଁ କହିଲି:

ଆଶୀଷିତ ଆଶ୍ୱାସନା, ଯୀଶୁ ମୋହର!
ଓଃ, ଈଶ୍ୱରୀୟ ମହିମାର କି ଏକ ଆସ୍ୱାଦନ!
ପରିତ୍ରାଣର ଉତ୍ତରାଧିକାରୀ, ପରମେଶ୍ୱରଙ୍କ ଦ୍ୱାରା କ୍ରୀତ,
ତାହାଙ୍କ ଆତ୍ମାରୁ ଜନ୍ମ, ତାହାଙ୍କ ରକ୍ତରେ ଧୌତ ।

21 ତେଣୁ, ସେହି ରାତି ଯେତେବେଳେ ମୋତେ ପ୍ରସାରଣ ନିମନ୍ତେ ପରିଚିତ କରା ଯାଉଥିଲା, ମୁଁ ଏହାକୁ କହିଲି । ଆଉ ମୁଁ କହିଲି, “ବର୍ତ୍ତମାନ, ମୋ—ମୋ ପାଖରେ ଏଠାରେ ବୀମା ପଲିସୀଗୁଡିକ ଅଛି ଯଦି ଆପଣଙ୍କ ମଧ୍ୟରୁ କେହି ଏଠାରେ କିମ୍ବା ବାହାରେ ରାଷ୍ଟ୍ରରେ, ଯିଏକି ଏକ ପଲିସୀରେ ଆଗ୍ରହ ରଖନ୍ତି, ମୁଁ ଏହାକୁ ସେବାର ଠିକ୍ ପରେ ଆପଣଙ୍କ ସହିତ କଥାବାର୍ତ୍ତା ହେବାକୁ ଚାହିଁବି । ଆଶ୍ୱାସନା, ଆଶୀଷିତ ଆଶ୍ୱାସନା!”

22 ତେବେ, ମୁଁ ଭାବିଲି, ଏହି ପ୍ରଶ୍ନଗୁଡିକ ପଚାରା ଯିବାରେ, ଏହା ହୁଏତ ମୋତେ ଆପଣଙ୍କର—ଆପଣଙ୍କର ଚିନ୍ତାଧାରା ପ୍ରତି ଟିକେ ଆଭିମୁଖ୍ୟ ଦେଇପାରେ । ମୋ ପାଖରେ ଦୁଇଟି ଅଛି । ଯେତେବେଳେ ମୁଁ ଦ୍ୱାର ଦେଇ ଆସିଲି ବିଲି କହିଲା ଯେ ସେଠାରେ ଆହୁରି ଅଧିକ ଅଛି, ମାତ୍ର, ଅବଶ୍ୟ, ମୁଁ ସେମାନଙ୍କୁ ଦେଖିବାର ସୁଯୋଗ ପାଇ ନ ଥିଲି । ଏବଂ ମୁଁ ସୁନିଶ୍ଚିତ ହେବାକୁ ଚାହେଁ ଯେ ମୁଁ ଏହାର ଉତ୍ତର ଦେବା ପୂର୍ବରୁ ଶାସ୍ତ୍ର ଅନୁସାରେ ଠିକ୍ ଅଟେ, କାରଣ ଆପଣ...ତାହା ସେହିପରି ହେଉ ବୋଲି ଚାହାଁନ୍ତି, କିମ୍ବା ମୁଁ ଏହାର ଉତ୍ତର ଦେବା ପୂର୍ବରୁ ସେହିପରି ଚାହିଁଥିଲେ । ତେଣୁ ବୋଧହୁଏ ମୁଁ ସେଗୁଡିକୁ ଅନ୍ୟ କୌଣସି ସମୟ ପାଇଁ ରଖିପାରେ । ତେବେ, ତନ୍ମଧ୍ୟରୁ ଗୋଟିଏ...ଏବଂ ବର୍ତ୍ତମାନ ଏହି ପ୍ରଶ୍ନଗୁଡିକର ଉତ୍ତର ଦେବାରେ, ମନେ ରଖନ୍ତୁ, ମୁଁ ତ କେବଳ ସର୍ବୋତ୍କୃଷ୍ଟ ଭାବେ କରୁଅଛି ଯେତିକି ମୁଁ କରିପାରେ ।

23 ମୁଁ ବାହାରେ ସେବାଗୁଡିକରେ ପ୍ରଶ୍ନର ଉତ୍ତର ଦିଏ ନାହିଁ । ମୁଁ ଏହାକୁ ଥରେ ଚେଷ୍ଟା କରିଥିଲି ଓ ଅସୁବିଧାରେ ପଡ଼ିଥିଲି । ସେମାନେ ମୋତେ ଭୁଲ ବୁଝିଥିଲେ । ଏହା ଶ୍ରୀମାନ ଆଲେନ୍ ବିଷୟରେ ଥିଲା, କିମ୍ବା ପବିତ୍ରଆତ୍ମାଙ୍କର ପ୍ରମାଣ ସ୍ୱରୂପେ, ହାତ ଓ ମୁଖରେ, ରକ୍ତ

ଏବଂ ତେଲର ପ୍ରମାଣ ଇତ୍ୟାଦି ବିଷୟରେ ଥିଲା । ମୁଁ କହିଲି, "ତେବେ, ମୁଁ ତ ସେହି ବିଷୟରେ କିଛି ଜାଣେ ନାହିଁ," ମୁଁ କହିଲି, "ମୁଁ ଶାସ୍ତ୍ରରେ ଏହିପରି କୌଣସି ବିଷୟ କେବେବି ଦେଖି ନାହିଁ ।" ମୁଁ କହିଲି, "ମାତ୍ର ମୁଁ—ମୁଁ ବିଶ୍ୱାସ କରେ ଯେ ମୁଁ...କାଳେ ଏହି ଭାଇ ପରି ପ୍ରଚାର କରିପାରନ୍ତି, ମୁଁ ସମ୍ବେଦନାଗୁଡିକ ଉପରେ ଆଧାରିତ କରନ୍ତି ନାହିଁ । ମୁଁ ତ କେବଳ ସୁସମାଚାର ପ୍ରଚାର କରନ୍ତି," ଏବଂ ଚାଲି ଯାଆନ୍ତି ।

24 ଆଉ ତେଣୁ ସେମାନେ ଆନ୍ତର୍ଜାତୀୟ ସ୍ତରରେ, ଏକ ଚିଠି ପାଇଲେ, "ପ୍ରିୟ ଭାଇ ବ୍ରାନହାମ୍..." ଏଣୁ ତାହା ସବୁଆଡେ ଗଲା । ଏବଂ ସେମାନେ କେବଳ ଏହାକୁ ଭୁଲ ବୁଝିଲେ । ଏବଂ ଆମେ ସେମାନଙ୍କୁ ଟେପ୍ ପଠାଇଲୁ ଏବଂ ସେମାନେ ଏହାକୁ ଚଲାଇଲେ ଓ ଦେଖିଲେ ଯେ ମୁଁ...କହିଲେ ଯେ ମୁଁ "ସେହି ବ୍ୟକ୍ତିଙ୍କୁ ନିନ୍ଦା କଲି ।" ମୁଁ—ମୁଁ କରି ନାହିଁ । ମୁଁ କେବେ ବି କୌଣସି ଭାଇକୁ ନିନ୍ଦା କରି ନାହିଁ । ବେଳେବେଳେ ମୁଁ ସେମାନଙ୍କ ସହିତ ଅସହମତ ହୋଇପାରେ, ମାତ୍ର ତାହା ବନ୍ଧୁତ୍ୱ ଆଧାରରେ ଅଟେ ।

25 ଏବଂ ତାହାପରେ ଏଠାରେ କିଛି ସମୟ ପୂର୍ବରୁ ଜଣେ ବ୍ୟକ୍ତି ଏହି ବ୍ୟକ୍ତିଙ୍କ ବିଷୟରେ ଏକ ପୁସ୍ତକ ଲେଖିଲେ, ବିଷୟରେ, *ବାଇଟିଙ୍ଗ୍ସ ଅଫ୍ ଡେଭିଲ୍ସ* । ତେବେ ମୁଁ ଭାବିଲି ଯେ ଏହା ଏକ ସମୟ ହୋଇପାରେ ବୋଧହୁଏ ଦେୟ ଦେବା ନିମନ୍ତେ କିମ୍ବା ତାଙ୍କୁ ଜଣାଇବା ନିମନ୍ତେ । ଏବଂ ପୁସ୍ତକ ଲେଖିଥିବା ସେହି ବ୍ୟକ୍ତି ଜଣକ ମୋ ଛଡା ମିଶନ କ୍ଷେତ୍ରର ପ୍ରତ୍ୟେକ ପ୍ରଚାରକଙ୍କୁ ସମାଲୋଚନା କରିଥିଲେ, ଏବଂ ସେ ଠିକ ମୋ ସଭାରେ ବସିଥିଲେ, ତେଣୁ ମୁଁ କହିଲି, "ମୁଁ ପ୍ରଶଂସା କରେ ନାହିଁ...ସେହି ସମାଲୋଚନାକୁ, ମାତ୍ର..." ମୁଁ କହିଲି...ସେହି ଭାଇ, ଖୋଲାଖୋଲି ଭାବରେ, ସେ ଏହାକୁ *ଖ୍ରୀଷ୍ଟିଆନ ଡାଇଜେଷ୍ଟ* ରେ ପ୍ରଶଂସା କରିଥିଲେ, ସେ କହିଥିଲେ ଯେ ମୁଁ ହିଁ ଜଣେ ଥିଲି ଯିଏକି କେବେ ନୈବେଦ୍ୟ ଗ୍ରହଣ କରି ନ ଥିଲି ଏବଂ ଲୋକମାନଙ୍କୁ ଟଙ୍କା ପାଇଁ ଭିକ୍ଷା କରି ନ ଥିଲି, ଏବଂ ସେପରି ଇତ୍ୟାଦି କରି ନ ଥିଲି, ଆଉ ସେ ଏହାକୁ ପ୍ରଶଂସା କରିଥିଲେ । ଏବଂ ସେହି ବ୍ୟକ୍ତି ସେଠାରେ ବସିଥିଲେ । କିନ୍ତୁ ଏକ ସୁଯୋଗ ଯେ ମୁଁ ଜାଣିଥିଲି ଯେ ସେହି ବ୍ୟକ୍ତି ଜଣକ ଭାଇ ଆଲେନ୍‌ଙ୍କ ବିଷୟରେ ଏପରି କିଛି କହିଥିଲେ ଯାହା ଠିକ୍ ନ ଥିଲା ।

ସେ କହିଲେ, "ଏ. ଏ. ଆଲେନ୍ *ବାଇଟିଙ୍ଗ୍ସ ଅଫ୍ ଡେଭିଲ୍ସ* ର ଏହି ପୁସ୍ତକକୁ ଲେଖିଥିଲେ ।"

26 ବର୍ତ୍ତମାନ, ଏ. ଏ. ଆଲେନ୍ ସେହି ପୁସ୍ତକ କେବେ ଲେଖି ନାହାଁନ୍ତି । ମୁଁ ସେହି ପୁସ୍ତକର ଲେଖକଙ୍କୁ ଜାଣିଥିଲି । ଆଉ ମୁଁ କହିଲି, "ତେବେ, ସେହି ବ୍ୟକ୍ତି ଯିଏକି ଏହାକୁ ଲେଖିଥିଲେ ଯଦି ସେତିକି ନିଷ୍ଠାବାନ ନୁହଁନ୍ତି ଯେ ସେ ଯାଇ ଏହା ଦେଖିବା ପାଇଁ ଯାଞ୍ଚ କରନ୍ତି ଯେ ତାକୁ କିଏ ଲେଖିଛନ୍ତି ଏହା ପୂର୍ବେ କି ସେ ଭାଇ ଆଲେନ୍‌ଙ୍କୁ ସମାଲୋଚନା କରନ୍ତି, ତାହାହେଲେ ମୁଁ ବିଶ୍ୱାସ କରେ ଯେ ତାଙ୍କର ଅନ୍ୟ କିଛି ସମାଲୋଚନାଗୁଡିକ ଏହି ଭାଇମାନଙ୍କ ଉପରେ ଠିକ ନୁହେଁ ।" ବୁଝିଲେ? ଏବଂ ସେଠାରେ ବସିଥିବା ସେହି ବ୍ୟକ୍ତି ମୋର ବକ୍ତବ୍ୟକୁ ଶୁଣୁଥିଲେ ।

କିନ୍ତୁ ଏହା ତ କେବଳ ତାଙ୍କୁ ଜଣାଇବା ପାଇଁ ଥିଲା ଯେ ତାଙ୍କ ବିବୃତ୍ତିଟି ଭୁଲ ଥିଲା, ଆପଣ ଦେଖନ୍ତୁ, ଭାଇ ଆଲେନ୍ କେବେବି ସେହି ପୁସ୍ତକ ଲେଖି ନାହାଁନ୍ତି, *ବାଇଟିଙ୍ଗ୍ ଅଫ୍ ଡେଭିଲ୍ସ* ଲେଖି ନାହାଁନ୍ତି।

27 ବର୍ତ୍ତମାନ, ଏହି ପ୍ରଶ୍ନଗୁଡିକର ଉତ୍ତର ଦେବାରେ, ସେଗୁଡିକ ମୋର ସର୍ବୋତ୍ତମ ଜ୍ଞାନରେ ଅଟେ। ଏବଂ ଯଦି…ମୁଁ ସେଗୁଡିକୁ ଶାସ୍ତ୍ର ଦ୍ଵାରା ଉତ୍ତର ଦେବାକୁ ଚେଷ୍ଟା କରିବି।

28 ବର୍ତ୍ତମାନ, ପ୍ରଥମଟି ମିଳେ, ମୁଁ ବିଶ୍ଵାସ କରେ, ପ୍ରଥମ କରିନ୍ଥୀୟରେ, ତାର 7ମ ପର୍ବ ଏବଂ 15ତମ ପଦ। ତେଣୁକରି ଆମେମାନେ ବର୍ତ୍ତମାନ ସେହି ଶାସ୍ତ୍ର ନିକଟକୁ ଯିବାକୁ ଚେଷ୍ଟା କରିବା ଏବଂ ଦେଖିବା ଯେ ଏହା କିପରି ଦେଖାଯାଏ, ଏବଂ ଦେଖିବା ଯଦି ଆମେ ଏହି ମୂଲ୍ୟବାନ ବ୍ୟକ୍ତିଙ୍କୁ ସାହାଯ୍ୟ କରିପାରିବା କି ଯିଏ ଏହି ପ୍ରଶ୍ନ ପଚାରୁଛନ୍ତି। ବର୍ତ୍ତମାନ। ପ୍ରଥମ କରିନ୍ଥୀୟ, 7ମ ପର୍ବ, 15ତମ ପଦ। ଆଉ ମୁଁ ଅନୁମାନ କରୁଛି ଯେ ସେହି ବ୍ୟକ୍ତି ବର୍ତ୍ତମାନ ଉପସ୍ଥିତ ଅଛନ୍ତି। ତେବେ ଏଠାରେ ତାହା ଏହିପରି ଭାବରେ ପାଠ କରାଯାଏ:

> *ତଥାପି ଯଦି ଅବିବାହିତ ବିଭିନ୍ନ ହେବାକୁ ଇଚ୍ଛା କରେ, ତେବେ ସେ ବିଭିନ୍ନ ହେଉ। ଏପରି ସ୍ଥଳେ ସେହି ଭାଇ ବା ଭଉଣୀ ଆବଦ୍ଧ ନୁହଁନ୍ତି; ପରମେଶ୍ଵର ଆମ୍ଭମାନଙ୍କୁ ଶାନ୍ତିରେ ଆଚରଣ କରିବା ପାଇଁ ଆହ୍ଵାନ କରିଅଛନ୍ତି।*

**169.** ତେବେ। **ପ୍ରଥମ କରିନ୍ଥୀୟ, 7ମ ପର୍ବ, 15ତମ ପଦ।** ବର୍ତ୍ତମାନ ସେହି ପ୍ରଶ୍ନ ଯାହା ସେମାନେ ପଚାରିଥିଲେ: **ଭାଇ ବ୍ରାନହାମ୍, କଅଣ ଏହାର ଅର୍ଥ ଏହା ଯେ ଜଣେ ଭଉଣୀ କିମ୍ଵା ଭାଇ ପୁନର୍ବାର ବିବାହ କରିବା ନିମନ୍ତେ ସ୍ଵଚ୍ଛନ୍ଦ ଅଟନ୍ତି?** ନା।

29 ଦେଖନ୍ତୁ, ଆପଣ ସେଠାରେ ତାଙ୍କର ପ୍ରଶ୍ନ ବୁଝି ନାହାଁନ୍ତି ଏବଂ ସେ କଅଣ କହୁଛନ୍ତି ତାହା ବୁଝି ନାହାଁନ୍ତି। ସେମାନେ ସ୍ଵଚ୍ଛନ୍ଦ ନୁହଁନ୍ତି। ଦେଖନ୍ତୁ, ତାହା ତ ଶାସ୍ତ୍ରରେ ଏକ ବିରୋଧାଭାସ ସୃଷ୍ଟି କରିବ, ଏବଂ ଶାସ୍ତ୍ର ଆଦୌ ପରସ୍ପରକୁ ବିରୋଧ କରେ ନାହିଁ। ବୁଝିଲେ? ତେବେ, ଆସନ୍ତୁ… ଆପଣ ଦେଖନ୍ତୁ, ଯେପରିକି ଆପଣ ଶାସ୍ତ୍ରକୁ ଏପରି କିଛି (କେବଳ ଗୋଟିଏ ପଦ ପାଠ କରିବା ଦ୍ଵାରା) କହୁଥିବାର କରାଇପାରନ୍ତି ଯାହାକି ଏହା କହୁ ବୋଲି ଆପଣ ଚାହାଁନ୍ତି, ଯେପରିକି ତାହା ଆପଣଙ୍କର ଚିନ୍ତାଧାରା ସହିତ ମେଳ ଖାଏ। କିନ୍ତୁ ଆପଣଙ୍କୁ ତ ସେହି ଚିନ୍ତାଧାରାକୁ ନେବାକୁ ପଡିବ ଯାହା ସେମାନେ କଥାବାର୍ତ୍ତା କରୁଥାନ୍ତି।

30 ଯେପରିକି ଯଦି—ଯଦି ମୁଁ ଭାଇ ନେଭିଲ୍ ସହିତ କଥାବାର୍ତ୍ତା କରୁଥାଏ ଏବଂ ଆପଣ—ଏବଂ ଆପଣ ମୋତେ ସେହି ଶବ୍ଦ କହୁଥିବାର ଶୁଣନ୍ତି, "ବୋର୍ଡ।"

31 ଏବଂ ତାହାପରେ ଆପଣ ଯିବେ, ଆପଣ କହିବେ, "ଆପଣ ଜାଣିଛନ୍ତି କି ସେ କଅଣ କହୁଛନ୍ତି? ଆଜି ରାତି ଆମେ ତାଙ୍କୁ ବୋର୍ଡ ଅର୍ଥାତ୍ ବିରକ୍ତ କଲୁ" ବୁଝିଲେ? "ନା," ଅନ୍ୟ ବ୍ୟକ୍ତି ଜଣକ କହିବେ, "ତାହା ଭୁଲ୍ ଅଟେ, ଏହାର ଅର୍ଥ ହେଉଛି ଯେ ତାଙ୍କର—ତାଙ୍କର ଏକ ବୋର୍ଡ ବିଲ୍ ଦେବା ବାକି ଅଛି, ସେ ଏହାକୁ ଦେବାକୁ ଯାଉଥିଲେ।" ଅନ୍ୟ ଜଣକ କୁହନ୍ତି, "ଓଃ, ନା, ତାଙ୍କର ଏହା ଅର୍ଥ ନ ଥିଲା, ତାଙ୍କର ଅଭିପ୍ରାୟ ଥିଲା ଘର ପାର୍ଶ୍ଵରେ ରହିଥିବା ସେହି ବୋର୍ଡ।"

ଏବଂ ଅନ୍ୟ ବ୍ୟକ୍ତି ଜଣକ କୁହନ୍ତି, "ନା, ମୁଁ ଆପଣଙ୍କୁ କହୁଛି ଯେ ତାହା କଅଣ, ମୁଁ ଭାବୁଛି ସେ ଏକ ଛିଦ୍ର କରିବା ବିଷୟରେ କହିବାକୁ ଚେଷ୍ଟା କରୁଥିଲେ।" ବୁଝିଲେ? ବୁଝିଲେ?

32 ଆପଣଙ୍କୁ ତ ବାର୍ତ୍ତାଳାପର ବିଷୟବସ୍ତୁ ବୁଝିବାକୁ ପଡିବ, ତାହାପରେ ଆପଣ ଜାଣିବେ ଯେ ଆପଣ କେଉଁ ବିଷୟରେ କହୁଛନ୍ତି, 'କାରଣ ପାଉଲ ଏଠାରେ କୌଣସି ସମୟରେ ସେମାନଙ୍କର ପ୍ରଶ୍ନର ଉତ୍ତର ଦେଉଛନ୍ତି।

33 ବେଳେବେଳେ ସେମାନେ କୁହନ୍ତି, "ବାଇବଲ ନିଜକୁ ବିରୋଧ କରେ।" ମୁଁ ଏହାକୁ ଖୋଜିବାକୁ ଚାହେଁ। ଏହା କରେ ନାହିଁ। ମୋତେ—ମୋତେ ପ୍ରଚାର ମଞ୍ଚ ପଛରେ ବତି-ଶ ବର୍ଷ ହେଲାଣି, ମୁଁ ଏପର୍ଯ୍ୟନ୍ତ କୌଣସି ଏକ ବିରୋଧାଭାସ ଦେଖି ନାହିଁ। ଦେଖନ୍ତୁ? ଏହା ନିଜକୁ ବିରୋଧ କରେ ନାହିଁ! ଏହା ତ ଏପରି କିଛି…ଏହା ତ ଆପଣ ଅଟନ୍ତି ଯିଏକି ଏହାକୁ ବିରୋଧ କରୁଥାନ୍ତି, ଦେଖନ୍ତୁ, ଏବଂ ଏହାକୁ ବୁଝୁ ନାହାଁନ୍ତି। ପବିତ୍ରଆତ୍ମା ଜଣେ ପ୍ରକାଶକ, ବାକ୍ୟର ପ୍ରକାଶକ ଅଟେ। ଅତଏବ, ସେହି ବିରୋଧ…

34 ଦେଖନ୍ତୁ, ପାଉଲ ସେହି ଲୋକମାନଙ୍କୁ ଲେଖୁଛନ୍ତି, କହୁଛନ୍ତି, "ତୁମେ *ଅମୁକ-ଓ-ଅମୁକ* ଏକ ବିଷୟ ପଚାରିଲ।" ମାତ୍ର, ସେ କେବଳ କହୁ ନାହାଁନ୍ତି ଯେ ତୁମେ ଏହାକୁ ପଚାରିଲ, ସେ ତ କେବଳ ତାହା *ବ୍ୟକ୍ତ* କରୁଛନ୍ତି। ତାହାପରେ ଏଠାରେ ସେ ବୁଲିପଡି ସେମାନଙ୍କୁ ଉତ୍ତର ଦିଅନ୍ତି, ଯାହାକି ତାହାର ବିରୋଧାଭାସୀ ଥିଲା ଯାହା ସେମାନେ ପଚାରିଥିଲେ।

35 ସେମାନେ ପଚାରିଥିଲେ, "ଆମେ *ତାହା* କରୁ, ଏବଂ *ତାହା*, ଏବଂ *ତାହା*।" ଏବଂ ପାଉଲ ବୁଲି ପଡିଲେ ଓ ଆଉ କିଛି କହିଲେ, ଦେଖନ୍ତୁ, ଏହା ଏକ ବିରୋଧାଭାସ ପରି ଦେଖା ଯାଉଥିଲା। ଏହା ନୁହେଁ। ଯଦି ଆପଣ କେବଳ ସମଗ୍ର ପଦଟିକୁ, ସମ୍ପୂର୍ଣ୍ଣ ପର୍ବଟିକୁ ପାଠ କରିବେ, ତେବେ ଆପଣ ଏହା ପାଇବେ ଯେ ସେ—ସେ ଏହା ବ୍ୟାଖ୍ୟା କରିବାକୁ ଚେଷ୍ଟା କରୁଛନ୍ତି ଯାହା ସେମାନେ ତାଙ୍କୁ ଲେଖିଥିଲେ।

36 ତେବେ, ଠିକ୍ ଏଠାରେ ତାହା ଏପରି ଦେଖାଯାଏ ଯେ ଏହା ପ୍ରଦାନ କରିବ…ଏବଂ ସେହି ଉପାୟରେ ହିଁ ଆପଣ ବାଇବଲରେ ବିରୋଧାଭାସଗୁଡିକୁ ପାଆନ୍ତି, ମାତ୍ର ଏହା ସେପରି ନୁହେଁ। ବର୍ତ୍ତମାନ, ଏଠାରେ, ଏହା ଏପରି ଦେଖାଯାଏ, ଯେ ସେହି ବ୍ୟକ୍ତି ଜଣକ ଜାଣିବାକୁ ଚାହୁଁଛନ୍ତି, କିମ୍ବା ସେହି ପ୍ରଶ୍ନ ଯାହା ସେମାନେ ଜାଣିବାକୁ ଚାହୁଁଥିଲେ:

> **ପ୍ରଭୁଙ୍କଠାରେ ଥିବା ଜଣେ ଭାଇ ବା ଭଉଣୀ, କଅଣ ବିବାହ କରିପାରନ୍ତି କିମ୍ବା ପୁନର୍ବିବାହ କରିପାରନ୍ତି ଓ ସ୍ୱଚ୍ଛନ୍ଦ ହୋଇପାରନ୍ତି, ଯଦି ସେମାନେ ପୁନର୍ବିବାହ କରିବା ହେତୁ ନିଜର ସାଥୀକୁ ପରିତ୍ୟାଗ କରନ୍ତି?** ନା।

37 ତେବେ ଆସନ୍ତୁ ନେବା…10ମ ପଦରୁ ଆରମ୍ଭ କରନ୍ତୁ:

> *…ବିବାହିତମାନଙ୍କୁ ମୁଁ ଆଜ୍ଞା ଦିଏ, ମୁଁ ନୁହେଁ, ମାତ୍ର ପ୍ରଭୁ ଆଜ୍ଞା ଦିଅନ୍ତି,* (ଦେଖନ୍ତୁ?), *ଭାର୍ଯ୍ୟା ଆପଣା ସ୍ୱାମୀଠାରୁ ବିଭିନ୍ନ ନ ହେଉ:* (ଦେଖନ୍ତୁ?)

*କିନ୍ତୁ...ଯଦି ସେ ବିଭିନ୍ନ ହୁଏ, ତେବେ ସେ ଆଉ ବିବାହ ନ କରୁ, ଅଥବା ଆପଣା ସ୍ୱାମୀ ସହିତ ମିଳିତ ହେଉ: ପୁଣି ସ୍ୱାମୀ ଆପଣା ଭାର୍ଯ୍ୟାକୁ ପରିତ୍ୟାଗ ନ କରୁ ।* (ତାହା ପ୍ରଭୁଙ୍କର ଆଜ୍ଞା ସକଳ ଅଟେ, ଦେଖନ୍ତୁ ।)

*କିନ୍ତୁ ଅନ୍ୟସମସ୍ତଙ୍କୁ ମୁଁ କହେ, ପ୍ରଭୁ କହନ୍ତି ନାହିଁ:* (ଦେଖନ୍ତୁ?) *ଯଦି କୌଣସି ଭାଇର ଅବିଶ୍ୱାସିନୀ ଭାର୍ଯ୍ୟା ଥାଏ,...*

38 ବର୍ତ୍ତମାନ, ତାଙ୍କର ବିଷୟକୁ ଲକ୍ଷ୍ୟ କରନ୍ତୁ, ଦେଖନ୍ତୁ । ଏବଂ ଆପଣ ଏହା ପୂର୍ବରୁ ତଳକୁ, ପର୍ବ ସାରା ପାଠ କରନ୍ତୁ, ଆପଣ ପାଇବେ ଯେ ସେମାନେ ଭାବୁଥିଲେ, "ଯଦି ଆମେ ଏପରି ଏକ ପତ୍ନୀଙ୍କୁ ବିବାହ କରିଛୁ ଆଉ ସେ...ଆମେ...ମୁଁ ବିବାହ କଲି ଏବଂ ମୁଁ ଜଣେ ବିଶ୍ୱାସୀ ହେଲି, ଆଉ ମୋ ପତ୍ନୀ ଜଣେ ଅବିଶ୍ୱାସୀ ଅଟନ୍ତି, ତେବେ ମୁଁ ତାକୁ ପରିତ୍ୟାଗ କରିଦିଏ ।" ଓଃ, ନା । ତାହା ସେପରି ନୁହେଁ । ଆପଣ ତାହା କରିପାରନ୍ତି ନାହିଁ, ବୁଝିଲେ? ଦେଖନ୍ତୁ:

*...ଯଦି କୌଣସି ଭାଇର ଅବିଶ୍ୱାସିନୀ ଭାର୍ଯ୍ୟା ଥାଏ, ଆଉ ସେ ତାର ସହିତ ବାସ କରିବାକୁ ସମ୍ମତ ହୁଏ, ତାହାହେଲେ ସେ ତାକୁ ପରିତ୍ୟାଗ ନ କରୁ ।* (ତାହା, ବିବାହ ହେତୁରୁ ନୁହେଁ, ତାହା ଅବିଶ୍ୱାସ ହେତୁ ଅଟେ । ପୁଣି ଥରେ "ପୁନର୍ବିବାହ" ନୁହେଁ । ଦେଖନ୍ତୁ, ତା ସହିତ ରୁହନ୍ତୁ!)

*ପୁଣି ସେହି ସ୍ତ୍ରୀର ଅବିଶ୍ୱାସୀ ସ୍ୱାମୀ ଥାଏ, ଆଉ ସେ ତାର ସହିତ ବାସ କରିବାକୁ ସମ୍ମତ ହୁଏ, ତେବେ ସେ ଆପଣା ସ୍ୱାମୀକୁ ପରିତ୍ୟାଗ ନ କରୁ ।* (ତାହା ଠିକ୍! ଦେଖନ୍ତୁ?)

*କାରଣ ଅବିଶ୍ୱାସୀ ସ୍ୱାମୀ ଭାର୍ଯ୍ୟା ହେତୁ ଶୁଚି କରାଯାଇଅଛି, ଆଉ ଅବିଶ୍ୱାସିନୀ ଭାର୍ଯ୍ୟା ସ୍ୱାମୀ ହେତୁ ଶୁଚି କରାଯାଇଅଛି: ତାହା ନ ହେଲେ ତୁମ୍ଭମାନଙ୍କ ସନ୍ତାନମାନେ ଅଶୁଚି ହୁଅନ୍ତେ; କିନ୍ତୁ ଏବେ ସେମାନେ ଶୁଚି ।*

*ତଥାପି ଯଦି ଅବିଶ୍ୱାସୀ ବିଭିନ୍ନ ହେବାକୁ ଇଚ୍ଛା କରେ, ତେବେ ସେ ବିଭିନ୍ନ ହେଉ ।*

39 ତେବେ, ଯଦି ଅବିଶ୍ୱାସୀ କୁହେ, "ମୁଁ ଆଉ ଅଧିକ ତୁମ ସହିତ ରହିବାକୁ ଯାଉ ନାହିଁ, ତୁମେ ଜଣେ ଖ୍ରୀଷ୍ଟିଆନ ହୋଇ ଯାଇଛ ।" କୁ...ଜଣେ ପୁରୁଷ ନିଜ ପତ୍ନୀଙ୍କୁ କୁହନ୍ତି, "ଯେହେତୁ ତୁମେ ଉଦ୍ଧାରପ୍ରାପ୍ତ ହୋଇଛ, ଏବଂ ସଂସାରରୁ ବାହାର ହେବାକୁ ଯାଉଛ ଯେଉଁଠାରେ ଥରେ ଆମେମାନେ ଥିଲୁ, ମୁଁ ବର୍ତ୍ତମାନ ତୁମକୁ ପରିତ୍ୟାଗ କରିବାକୁ ଯାଉଅଛି ।" ତେବେ, ସେଠାରେ ଏପରି କିଛି ନାହିଁ ଯାହା ବିଷୟରେ ଆପଣ କିଛି କରିପାରନ୍ତି, ତାଙ୍କୁ ଚାଲିଯିବାକୁ ଦିଅନ୍ତୁ । ଦେଖନ୍ତୁ?

40 କିମ୍ବା ସେହି ସ୍ତ୍ରୀ ଯଦି ନିଜ ସ୍ୱାମୀଙ୍କୁ କୁହେ, "ମୁଁ ସେହି ପବିତ୍ର-ପାଖଣ୍ଡମାନଙ୍କର ଦଳ ସହିତ ମିଶିବାକୁ ଯାଉ ନାହିଁ। ମୁଁ ଏହା କରିବାକୁ ଯାଉ ନାହିଁ! ମୁଁ ବିଭିନ୍ନ ହୋଇ ତୁମକୁ ପରିତ୍ୟାଗ କରିବି।" ଆପଣ ମଣ୍ଡଳୀକୁ ପରିତ୍ୟାଗ କରନ୍ତୁ ନାହିଁ, ଆପଣ ତାଙ୍କୁ ଛାଡି ଦିଅନ୍ତୁ। ଦେଖନ୍ତୁ?

41 ଏପରି ପରିସ୍ଥିତିରେ ଜଣେ ଭାଇ କିମ୍ବା ଭଉଣୀ ଆବଦ୍ଧ ନୁହଁନ୍ତି, ତାହାର ଅର୍ଥ, ଯଦି ଆପଣଙ୍କର ସାଥୀ ଆପଣଙ୍କୁ ପରିତ୍ୟାଗ କରୁଛନ୍ତି ଓ ଏହା ପାଇଁ ବିଭିନ୍ନ ହେବାକୁ ଚାହୁଁଛନ୍ତି। ତେବେ ଆପଣଙ୍କୁ ତାହାଙ୍କୁ ଧରି ରଖିବାର କୌଣସି ଆବଶ୍ୟକତା ନାହିଁ। ଯଦି ସେମାନେ ଆପଣଙ୍କୁ ପରିତ୍ୟାଗ କରିବାକୁ ଚାହୁଁଛନ୍ତି ଏବଂ ସେମାନେ ଆପଣଙ୍କୁ ଖ୍ରୀଷ୍ଟଙ୍କ କାରଣ ଯୋଗୁଁ ଛାଡିବାକୁ ଯାଉଛନ୍ତି, ତେବେ ସେମାନଙ୍କୁ ପରିତ୍ୟାଗ କରିବାକୁ ଦିଅନ୍ତୁ। ମାତ୍ର ଆପଣ ପୁନର୍ବାର ବିବାହ କରିପାରନ୍ତି ନାହିଁ! "କିନ୍ତୁ ପରମେଶ୍ୱର ଆମ୍ଭମାନଙ୍କୁ ଶାନ୍ତିରେ ଆଚରଣ କରିବା ପାଇଁ ଆହ୍ୱାନ କରିଅଛନ୍ତି।" ଦେଖନ୍ତୁ? ବର୍ତ୍ତମାନ, ଏହା ନୁହେଁ ଯେ ଆପଣ ପୁନର୍ବାର ବିବାହ କରିପାରିବେ, ସେ ଏହା ପୂର୍ବରୁ କହି ସାରିଛନ୍ତି, ମାତ୍ର ଆପଣଙ୍କୁ ଏକ ଅବିଶ୍ୱାସୀ ସ୍ୱାମୀ କିମ୍ବା ଅବିଶ୍ୱାସୀ ପତ୍ନୀ ସହିତ ରହିବାକୁ ପଡ଼େ ନାହିଁ ଯଦି ସେମାନେ ଇଚ୍ଛା କରନ୍ତି ନାହିଁ।

42 ଯଦି ସେମାନେ ଇଚ୍ଛା କରନ୍ତି, କୁହନ୍ତୁ "ତେବେ, ତୁମେ ଗୀର୍ଜାକୁ ଯାଅ। ଏବଂ ଯଦି ତୁମେ ସେଠାରେ ତଳକୁ ଯିବାକୁ ଚାହଁ, ତାହା ତୁମର ବେପାର ଅଟେ। ତୁମେ ତୁମର ମଣ୍ଡଳୀକୁ ଯିବାକୁ ଚାହୁଁଛ, ତୁମେ ଯାଅ। ମୋର କଥା, ମୁଁ ତାହା ବିଶ୍ୱାସ କରେ ନାହିଁ। ଆଉ ମୁଁ—ମୁଁ ତୁମ ପାଇଁ କିଛି ହେଲେ କରିବି, ମୁଁ ତୁମ ମାର୍ଗରେ ଛିଡା ହେବି ନାହିଁ, ତୁମେ ଆଗକୁ ଯାଅ," ତେବେ ଆପଣ କେବଳ ସେଠାରେ ରହିଥାଆନ୍ତୁ, ଏହା ଜାଣି ଯେ ଆପଣଙ୍କର ପବିତ୍ର ଜୀବନଟି ସେହି ବିଶ୍ୱାସୀଙ୍କୁ ପବିତ୍ର କରିଦେବ, ସେମାନଙ୍କୁ ବିଶ୍ୱାସ କରାଇବା ହେତୁ ପ୍ରବର୍ତ୍ତାଇବ। ଦେଖନ୍ତୁ? ଉଭୟ ପାର୍ଶ୍ୱ, ପୁରୁଷ କିମ୍ବା ସ୍ତ୍ରୀ, ଦେଖନ୍ତୁ। ଆପଣ…

43 କିନ୍ତୁ ବର୍ତ୍ତମାନ କେବଳ ଏହା କହିବା, "ମୁଁ…ଭାଇ ବ୍ରାନହାମ୍, ମୁଁ ବିବାହ କଲି ଏବଂ ମୋ ପତ୍ନୀ ଜଣେ ଅବିଶ୍ୱାସୀ ଅଟେ, ଏବଂ ଏଠାରେ ଜଣେ ଭଉଣୀ ଅଛନ୍ତି ଯାହାଙ୍କୁ ମୁଁ ବିବାହ କରିପାରେ। ମୁଁ ଏହାକୁ ଛାଡି ସେହି ଜଣକାକୁ ବିବାହ କରିବାକୁ ଯାଉଛି।" ଓଃ, ନୁହେଁ! ନିଶ୍ଚିତରେ, ନୁହେଁ! ଆପଣଙ୍କର ଶପଥ ହେଉଛି ଯେପର୍ଯ୍ୟନ୍ତ ମୃତ୍ୟୁ ତୁମକୁ ଭିନ୍ନ ନ କରେ, ଏବଂ ଜଗତରେ ଏପରି କିଛି ବିଷୟ ନାହିଁ ଯାହାକି ଆପଣଙ୍କୁ (ବାଇବଲରେ) ବିବାହ କରିବାକୁ ଅନୁମତି ଦେବ ଯେପର୍ଯ୍ୟନ୍ତକି ଆପଣଙ୍କର ସାଥୀ ମୃତ୍ୟୁବରଣ କରି ନାହାଁନ୍ତି। ତାହା ଠିକ ଅଟେ। ସେମାନଙ୍କର ଏକମାତ୍ର କାରଣ! ମୃତ ସାଥୀର କାରଣ ବ୍ୟତୀତ, ଅନ୍ୟ କୌଣସି ସ୍ଥାନରେ ପୁନର୍ବିବାହ କରିବାର ବିଷୟ ହିଁ ନାହିଁ। ତାହା ହିଁ ସବୁ ଅଟେ। ବୁଝିଲେ?

44 ଆପଣ ଏହାକୁ ପରସ୍ପର ନିଜକୁ ବିରୋଧାଭାସୀ କରିପାରନ୍ତି ନାହିଁ। ତେଣୁକରି ପୂର୍ବର ଏବଂ ପରର ପଦଗୁଡିକ କେବଳ ପାଠ କରନ୍ତୁ, ଏବଂ ତାହାପରେ ଆପଣ ତାହା ବୁଝିଯିବେ ଯେ ସେ କାହା ବିଷୟରେ କହୁଛନ୍ତି। ବର୍ତ୍ତମାନ, ଏହାର ଅର୍ଥ ଏଠାରେ, ନୁହେଁ…ଦେଖନ୍ତୁ:

**ଏହାର ଅର୍ଥ କଅଣ ଏହା ଯେ ଜଣେ ଭଉଣୀ କିମ୍ବା ଭାଇ ପୁନର୍ବାର ବିବାହ କରିବା ନିମନ୍ତେ ସ୍ୱଚ୍ଛନ୍ଦ ଅଟନ୍ତି?**

45 ନା, ଆଜ୍ଞା । ଦେଖନ୍ତୁ, ସେ ପ୍ରଥମେ ତାହାକୁ ବୁଝାଇଲେ । ଦେଖନ୍ତୁ:

*...ବିବାହିତମାନଙ୍କୁ ମୁଁ ଆଜ୍ଞା ଦିଏ, ମୁଁ ନୁହେଁ, ମାତ୍ର ପ୍ରଭୁ ଆଜ୍ଞା ଦିଅନ୍ତି, ଭାର୍ଯ୍ୟା ଆପଣା ସ୍ୱାମୀଠାରୁ ବିଭିନ୍ନ ନ ହେଉ:*

*କିନ୍ତୁ ପୁଣି ଯଦି ସେ ବିଭିନ୍ନ ହୁଏ, ତେବେ ସେ ଆଉ ବିବାହ ନ କରୁ, ଅଥବା ଆପଣା ସ୍ୱାମୀ ସହିତ ମିଳିତ ହେଉ:...*(ଦେଖନ୍ତୁ?)

46 ଏପରି କୌଣସି ହେଲେ ବିଷୟ ନାହିଁ ଯେ କେବେ କୌଣସି ବିଶ୍ୱାସୀକୁ ପୁଣି ଥରେ ପୁନର୍ବିବାହ କରାଯାଇ, ଏକ ଜୀବିତ ସାଥୀ ସହିତ ମିଳିତ କରାଯାଇଛି ।

ବର୍ତ୍ତମାନ, ଏଠାରେ ଆଉ ଏକ ଅଛି । ଦ୍ୱିତୀୟଟି ଏହିପରି ଅଟେ:

**170. ମହାନ ଶ୍ୱେତ ସିଂହାସନ ବିଚାରଠାରେ ସେହି ଶେଷ ପୁନରୁତ୍ଥାନରେ ଦୁଷ୍ଟମାନଙ୍କର କେଉଁ ପ୍ରକାରର ଶରୀର ହେବ?**

47 ପୁନରୁତ୍ଥାନରେ ସେହି ପାପୀ ଜଣକ ସେହି ଶରୀର ସହିତରେ ବିଚାର କରାଯିବା ନିମନ୍ତେ ଉତ୍‌ଥାପିତ ହେବେ ଯେଉଁଥିରେ ସେ ସେହି ପାପ କରିଛନ୍ତି । ବୁଝିଲେ? ତାଙ୍କୁ ପୁନରୁତ୍ଥାନରେ ବିଚାର ନିମନ୍ତେ ଠିଆ ହେବାକୁ ପଡିବ ।

48 *ପୁନରୁତ୍ଥାନ* ପ୍ରତିବଦଳ ନୁହେଁ, ଏହା ହେଉଛି "ଯାହା ତଳକୁ ଚାଲି ଯାଇଥିଲା ତାହାକୁ ଉପରକୁ ଉଠାଇ ଆଣିବା ।" ଯେତେବେଳେ ଯୀଶୁ ମୃତ୍ୟୁରୁ ପୁନରୁତ୍‌ଥିତ ହେଲେ, ସେ ସେହି ସମାନ ଶରୀର ହିଁ ଥିଲେ ଯାହା ତଳକୁ ଯାଇଥିଲା, ସେ ସେହି ସମାନ ପ୍ରକାରର ଏକ ଶରୀରରେ ପୁନରୁତ୍‌ଥିତ ହେଲେ । ଆମେ ସେହି ସମାନ ଶରୀରରେ ଉତ୍‌ଥାପିତ ହେଉ ଯେଉଁଥିରେ ଆମେ ତଳକୁ ଯାଇଥାଉ; ଏହା ଏକ ପୁନରୁତ୍ଥାନ ଅଟେ, ପ୍ରତିବଦଳ ନୁହେଁ ।

49 ବର୍ତ୍ତମାନ, ବାଇବଲ କହେ ଯେ...ଯେ ଆମେ ଶରୀରରେ କରାଯାଇଥିବା ପାପ ଅନୁଯାୟୀ ବିଚାର କରାଯିବୁ । ଏବଂ, ଯେତେବେଳେ ଦୁଷ୍ଟମାନେ ଉଠିବେ, ସେ ସେହି ସମାନ ଶରୀରରେ ବିଚାର କରାଯିବେ ଯେଉଁଥିରେ ସେ ପାପ କରିଥିଲେ, ସେହି ସମାନ ବିଷୟ ।

**171. "ଆଦମ ଆପଣା ଭାର୍ଯ୍ୟା ହବାଙ୍କ ସହିତ ସହବାସ କରନ୍ତେ; ଏବଂ" (ସଂଯୋଗ) "ସେ ଗର୍ଭବତୀ ହୋଇ କୟିନକୁ ପ୍ରସବ କଲେ ।" ମୁଁ ବିଶ୍ୱାସ କରେ ଯେ ଆପଣ ସମସ୍ତେ ତାହା ଶିକ୍ଷା ଦେଇଥାନ୍ତି, କିନ୍ତୁ...ମୁଁ କରିବି...ମୁଁ କାହାରିକୁ କିପରି ଭାବରେ ଉତ୍ତର ଦେବି ଯିଏକି—ଯିଏକି ଏହା କୁହନ୍ତି ଯେ ଆଦମ ତାଙ୍କ ସହିତ ସହବାସ କରିବା ପରେ ସେ ଗର୍ଭବତୀ ହୋଇ ନ ଥିଲେ, ସେହି ସଂଯୋଗ "ଏବଂ" ହେତୁରୁ । "ଆଦମ ଆପଣା ଭାର୍ଯ୍ୟା ହବାଙ୍କ ସହିତ ସହବାସ କରନ୍ତେ; ଏବଂ ସେ ଗର୍ଭବତୀ ହୋଇ କୟିନକୁ ପ୍ରସବ କଲେ ।"**

50 ବର୍ତ୍ତମାନ, ଆମେ ବୟସ୍କମାନେ ଜାଣୁ ଯେ "ସହବାସ" ର ଅର୍ଥ କଅଣ । ତେବେ, ପ୍ରଶ୍ନଟି ହେଉଛି ସଂଯୋଗ ବିଷୟରେ । ତେବେ, ଯଦି ଆପଣମାନେ ଦେଖିବେ, ବନ୍ଧୁଗଣ, ଦେଖନ୍ତୁ, ଆପଣ—ଆପଣ ବାଇବଲକୁ ଗୋଟିଏ ସ୍ଥାନରେ ଗୋଟିଏ ବିଷୟ ପୁଣି ଅନ୍ୟ ସ୍ଥାନରେ ଅନ୍ୟ କିଛି ବିଷୟ କହିବା କରିପାରନ୍ତି ନାହିଁ । ଏହାକୁ ତ ସବୁବେଳେ ସେହି ସମାନ କଥା ହିଁ କହିବାକୁ ପଡିବ । ଏବଂ ଯଦି ଆପଣ ଏହାକୁ ଏଠାରେ ଗୋଟିଏ କଥା କହୁଥିବା ଏବଂ ଅନ୍ୟ କିଛି କଥା ଏଠାରେ କହୁଥିବାର ପାଆନ୍ତି, ତେବେ ଆପଣଙ୍କର ବ୍ୟାଖ୍ୟା ଭୁଲ୍ ଅଟେ । ଦେଖନ୍ତୁ? ଆପଣ ଏହା କରିପାରନ୍ତି ନାହିଁ । ଆପଣ ହବାଙ୍କୁ ସର୍ପ ଦ୍ୱାରା ପ୍ରତାରଣା ହୋଇ ତାହାପରେ ପୁଣି ଥରେ ଅନ୍ୟ କୌଣସି ସ୍ଥାନରେ ତାଙ୍କୁ ପ୍ରତାରିତ ହେଉଥିବାର ପାଇପାରନ୍ତି ନାହିଁ । ବୁଝିଲେ? ଏବଂ ପ୍ରଥମ ଥର ଯେତେବେଳେ ସେ ପ୍ରତାରିତ ହୋଇଥିଲେ ସେତେବେଳେ ଥିଲା ଯେବେ ସେ ଗର୍ଭବତୀ ହୋଇଥିଲେ । ଆପଣ ତାଙ୍କୁ ଦୁଇଥର ପ୍ରତାରିତ ହେଉଥିବାର କରାଇପାରନ୍ତି ନାହିଁ ।

51 ଆପଣଙ୍କର ସଂଯୋଗଗୁଡିକ ଉପରେ ମୋତେ କେବଳ ଆପଣଙ୍କୁ ଦେଖାଇବାକୁ ଦିଅନ୍ତୁ । ବାଇବଲ ପାଠ କରିବା ବେଳେ ଆପଣଙ୍କୁ ନିଶ୍ଚୟ ଜାଣିବା ଉଚିତ ଯେ ଆପଣଙ୍କର ସଂଯୋଗ କେଉଁଠାକୁ ଯାଏ । *ସଂଯୋଗ* ଆପଣଙ୍କର ବାକ୍ୟକୁ ଏକତ୍ର ବାନ୍ଧି ରଖେ । ଦେଖନ୍ତୁ? ଏବେ ଏହାକୁ ଦେଖନ୍ତୁ । ବର୍ତ୍ତମାନ, ଆଦିପୁସ୍ତକ 1:26 ରେ, ଏହି ସଂଯୋଗକୁ ଦେଖନ୍ତୁ, ଏବଂ ତାହାପରେ ଆପଣ ଏହାକୁ ବ୍ୟାଖ୍ୟା କରନ୍ତୁ ଆଉ ତାହାପରେ ମୁଁ ଆପଣଙ୍କୁ କହିବି ଯେ ସେ କିପରି...ଯେତେବେଳେ ଆଦମ ତାଙ୍କ ପତ୍ନୀଙ୍କ ସହିତ ସହବାସ କଲେ । ଆଦିପୁସ୍ତକ, ତାର 1ମ ପର୍ବ, ଏବଂ 26ତମ ପଦରୁ ଆରମ୍ଭ କରୁ । ତେବେ, ଧ୍ୟାନ ସହକାରେ ଶୁଣନ୍ତୁ । ପରମେଶ୍ୱର ବର୍ତ୍ତମାନ ତାହାଙ୍କର ସୃଷ୍ଟି କରିଅଛନ୍ତି, ଏବଂ ପରମେଶ୍ୱର ପୃଥିବୀକୁ ଉରୋଗାମୀ ବିଷୟଗୁଡିକୁ ସୃଷ୍ଟି କରିବାକୁ ଦେଲେ ଓ ସେସମସ୍ତ ବିଷୟ ଆଣିବାକୁ ଦେଲେ ଯାହାକି ପୃଥିବୀକୁ ସୃଷ୍ଟି କରିଥିଲା । ତେବେ, 26ତମ ପର୍ବରେ...ଆଦିପୁସ୍ତକର 1ମ ପର୍ବର 26ତମ ପଦ:

> *ଏଥିଉତ୍ତାରୁ ପରମେଶ୍ୱର କହିଲେ, ଆମ୍ଭେମାନେ* ଆପଣା *ପ୍ରତିମୂର୍ତ୍ତିରେ,* ଓ ଆପଣା—ଆପଣା *ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ:... ସେମାନେ* (ମନୁଷ୍ୟ)...(*ସେ ନୁହେଁ;* "ସେମାନେ," ଦେଖନ୍ତୁ, ବହୁବଚନ) *ଜଳଚର* ମତ୍ସ୍ୟଗଣ, *ଓ ଖେଚର* ପକ୍ଷୀଗଣ, *ଓ ପଶୁଗଣ, ଓ ସମସ୍ତ...* (ଦେଖୁଛନ୍ତି ସେହି "ଓ, ଓ, ଓ" ଏକାଠି ବାନ୍ଧୁଥିବାର?)...ସମସ୍ତ *ପୃଥିବୀ, ଓ ଭୂମିର ଗମନଶୀଳ ସବୁ ଉରୋଗାମୀ ଜନ୍ତୁ ଉପରେ ତବଂ ପୃଥିବୀ ଉପରେ କର୍ତ୍ତୃତ୍ୱ କରିବେ ।*

> *ଅନନ୍ତର ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ, ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସେ ତାହାକୁ ସୃଷ୍ଟି କଲେ; ପୁରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ* (ଉଭୟ ପୁରୁଷ ଏବଂ ସ୍ତ୍ରୀ) ।

> *ଆଉ ପରମେଶ୍ୱର* ଆପଣା ସୃଷ୍ଟି ପରେ *ସେମାନଙ୍କୁ ଆଶୀର୍ବାଦ କଲେ,* ତାହାପରେ, *ପୁଣି...ସେମାନଙ୍କୁ କହିଲେ, ପ୍ରଜାବନ୍ତ, ଓ* (ଓ) *ବହୁବଂଶ ହୁଅ, ପୁଣି ପୃଥିବୀକି ପରିପୂର୍ଣ୍ଣ କରି ବଶୀଭୂତ କର:...*

52 ସଂଯୋଗ ପରେ ସଂଯୋଗ କେଉଁ ବିଷୟର...ମନୁଷ୍ୟକୁ ବହୁବଂଶ ହେଉଅଛି । *ଓ,* ବହୁବଂଶ ହେବା ପରେ, ତାହାପରେ ପୃଥିବୀକୁ ବଶୀଭୂତ କର; ତାହା ଠିକ୍ ସହସ୍ରାବ୍ଦୀକୁ ନେଇଯାଏ । ଦେଖନ୍ତୁ? ଠିକ୍ ଅଛି, "ପୃଥିବୀକୁ ବଶୀଭୂତ କର ।" ଠିକ୍ ଅଛି:

> *...ଜଳଚର* ମତ୍ସ୍ୟଗଣ*, ଓ...ଖେଚର* ପକ୍ଷୀଗଣ*, ଓ ଭୂମିର ଗମନଶୀଳ ସବୁ ଉରୋଗାମୀ ଜନ୍ତୁ ଉପରେ ତବଂ ପୃଥିବୀ ଉପରେ କର୍ତ୍ତୃତ୍ୱ କରିବେ ।*

53 ବର୍ତ୍ତମାନ, ପରମେଶ୍ୱର ମନୁଷ୍ୟକୁ ଆପଣା ପ୍ରତିମୂର୍ତ୍ତିରେ ସୃଷ୍ଟି କଲେ, ସୃଷ୍ଟି କଲେ, ସେମାନେ (ମନୁଷ୍ୟ) ସମଗ୍ର ପୃଥିବୀ ଉପରେ କର୍ତ୍ତୃତ୍ୱ କରିବେ, ଏହାକୁ ବଶୀଭୂତ କରିବେ ଏବଂ ସବୁକିଛି କରିବେ, ଓ ସେମାନେ ଏହା କରିବେ ଓ ମତ୍ସ୍ୟଗଣ ଉପରେ,...ଓ ସେ ଯାହାକିଛି କରିଥିଲେ ତାହା ଉପରେ କର୍ତ୍ତୃତ୍ୱ କରିବେ । ଏବଂ ତାହାପରେ ଆମେମାନେ ପାଉ, ଆଦିପୁସ୍ତକ 2:7 ରେ...ଏହା ଶୁଣନ୍ତୁ । ପରମେଶ୍ୱର ପୃଥିବୀର ନିର୍ମାଣ କରିସାରିବା ପରେ, ମନୁଷ୍ୟକୁ ସୃଷ୍ଟି କରିସାରିବା ପରେ, ତାଙ୍କୁ ପୃଥିବୀ ଉପରେ କର୍ତ୍ତୃତ୍ୱ ଦେଇସାରିବା ପରେ, ତାଙ୍କ ପାଖରେ ଯାହା ଥିଲା ସେସବୁ ଦେଇସାରିବା ପରେ, ଏବଂ ପରମେଶ୍ୱର ସେମାନଙ୍କୁ ସୃଷ୍ଟି କରି ସାରିଥିଲେ, ସେମାନଙ୍କୁ କହିଥିଲେ ଯେ ବହୁବଂ-...ବହୁବଂଶ ହୋଇ ପୃଥିବୀକୁ ପରିପୂର୍ଣ୍ଣ କର, ଓ ଏହି ସମସ୍ତ ବିଷୟ, ଏବଂ ଆଉ ଅଧିକ ସାତୋଟି ପଦ ଅପରେ ଯେଉଁସବୁ ବିଷୟ ସେ କରିଥିଲେ, ଓ ଆକାଶ ଓ ପୃଥିବୀ ଏବଂ ସବୁକିଛି, "*ଏବଂ* ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କଲେ ।" "ଏବଂ!" ଏଠାରେ ସେ ("ଏବଂ" *ସଂଯୋଗ*) ଏକ ମନୁଷ୍ୟକୁ ନିର୍ମାଣ କରୁଛନ୍ତି ଯାହାକୁ ସେ ପୂର୍ବରୁ ତିଆରି କରିସାରିଥିଲେ । ଦେଖନ୍ତୁ? ଜଣେ ମନୁଷ୍ୟକୁ ନିର୍ମାଣ କରିବା:

> *ଏବଂ...*(ତାହାଙ୍କର ବାକ୍ୟକୁ ଏକତ୍ର ବାନ୍ଧୁଛନ୍ତି)*...ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି* ଦ୍ୱାରା *ମନୁଷ୍ୟକୁ ନିର୍ମାଣ କରି, ତାହାର ନାସିକାରନ୍ଧ୍ରରେ ଫୁଙ୍କ ଦେଇ* (ପ୍ରଶ୍ୱାସ) *ପ୍ରାଣବାୟୁ ପ୍ରବେଶ କରାଇଲେ; ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।*

54 ବର୍ତ୍ତମାନ, ତାହା ବିଷୟରେ ଚିନ୍ତା କରନ୍ତୁ! ସେ ଆଦିପୁସ୍ତକ 1:26 ରୁ 28 ରେ ମନୁଷ୍ୟ (ସ୍ତ୍ରୀ ଏବଂ ପୁରୁଷ) ନିର୍ମାଣ କରିସାରିବା ପରେ, ସେ ମନୁଷ୍ୟକୁ ନିଜ ପ୍ରତିମୂର୍ତ୍ତିରେ ସୃଷ୍ଟି କଲେ, ତାଙ୍କୁ ସୃଷ୍ଟି କଲେ ଏବଂ ତାଙ୍କୁ ଦେଲେ...ରାଜ୍ୟଗୁଡ଼ିକୁ ବଶୀଭୂତ କରାଇଲେ ଏବଂ ତାଙ୍କୁ ଏହି ସମସ୍ତ ଶକ୍ତି ଓ ସବୁକିଛି ଦେଲେ, ଆଉ ତଥାପି ସେ ଏପର୍ଯ୍ୟନ୍ତ ମନୁଷ୍ୟକୁ ସୃଷ୍ଟି କରି ନ ଥିଲେ ।

55 ଦେଖନ୍ତୁ, ଶୟତାନ ହବାଙ୍କୁ ପ୍ରତାରଣା କରିସାରିଥିଲା । ଅବଶ୍ୟ, ଆଦମ ତାଙ୍କ ସହିତ ସହବାସ କରିଥିଲେ, କିନ୍ତୁ ସେ ପୂର୍ବରୁ ପ୍ରତାରିତ ହୋଇ ସାରିଥିଲେ । କାରଣ ଠିକ୍ ପଛରେ

ଏଠାରେ ସେ...ଯେତେବେଳେ ସେମାନେ...ଏହା ପୂର୍ବେକି ସେମାନେ ଆସନ୍ତେ... ଯେତେବେଳେ ସେମାନେ ବିଚାରକୁ ଆସନ୍ତେ, ସେ କହିଲେ...ଆଉ ପରମେଶ୍ୱର ସେମାନଙ୍କୁ ଏକତ୍ର ଡାକି ପଚାରିଲେ, "ଏହା କିଏ କଲା?" ସେମାନଙ୍କୁ ପ୍ରଶ୍ନ ପଚାରିଲେ।

ଆଦମ କହିଲେ, "ସେହି ସ୍ତ୍ରୀ ଯାହାକୁ ତୁମେ ମୋତେ ଦେଇଅଛ।"

ଆଉ ସେହି ସ୍ତ୍ରୀଲୋକଟି କହିଲା, "ସେହି ସର୍ପ ମୋତେ ପ୍ରତାରିତ କଲା।"

56 ତେବେ ପରମେଶ୍ୱର ସେମାନଙ୍କ ଉପରେ ଅଭିଶାପ ଦେଲେ, ଓ ସେହିପରି ସବୁକିଛି କଲେ। ଏବଂ *ତାହାପରେ* ଆଦମ ନିଜ ପତ୍ନୀଙ୍କ ସହିତ ସହବାସ କଲେ, ଦେଖନ୍ତୁ, ଏହା ପୂର୍ବରୁ ସେ ପ୍ରତାରିତ ହୋଇ ଏକ ମାତା ହୋଇ ସାରିଥିଲେ। ଠିକ୍ ଯେପରି ଭାବରେ ଏଠାରେ ପଛରେ ଆଦିପୁସ୍ତକ 1:26 ରେ ପରମେଶ୍ୱର ମନୁଷ୍ୟକୁ ନିର୍ମାଣ କରିଥିଲେ ଏବଂ ତଥାପି ସେ ଏପର୍ଯ୍ୟନ୍ତ ସୃଷ୍ଟି ହୋଇ ନ ଥିଲେ। ବୁଝିଲେ? ଠିକ୍ ଅଛି।

57 ତେବେ ଦେଖନ୍ତୁ, ଆସନ୍ତୁ ଏଠାକୁ ଆସିବା ଏବଂ ପାଠ ମଧ୍ୟ, କରିବା:

> *ଅନନ୍ତର ଆଦମ ଆପଣା* ଭାର୍ଯ୍ୟାର *ନାମ...ହବା ଦେଲେ; ଯେହେତୁ ସେ ଜୀବିତ ସକଳର ମାତା* ହେଲେ, ସକଳ...କିମ୍ବା *ଜୀବିତ ସକଳର ମାତା ହେଲେ।* ଆପଣା ଭାର୍ଯ୍ୟାର ନାମ...ସେହି ସ୍ତ୍ରୀଲୋକକୁ ଭାର୍ଯ୍ୟାର ନାମ ଦେଲେ ଯେହେତୁ ସେ...କିମ୍ବା ସ୍ତ୍ରୀ ଯେହେତୁ ସେ...ଜୀବିତ ସକଳର ଥିଲେ।

> ଆଉ *ସଦାପ୍ରଭୁ ପରମେଶ୍ୱର ଚର୍ମର ବସ୍ତ୍ର ପ୍ରସ୍ତୁତ କରି...ଆଦମ ଓ ତାଙ୍କର ଭାର୍ଯ୍ୟାଙ୍କୁ* ପିନ୍ଧାଇଅଲେ।

58 ତେବେ, ବର୍ତ୍ତମାନ ପୁନର୍ବାର ଆଦିପୁସ୍ତକ, 1:21 ରେ ଧ୍ୟାନ ଦିଅନ୍ତୁ, ପରମେଶ୍ୱର ସମୁଦ୍ରରେ ତିମିଙ୍ଗଳ ସୃଷ୍ଟି କଲେ। ସେ ସବୁକିଛି କରିଥିଲେ, ଏବଂ ସୃଷ୍ଟି କରି ସାରିଥିଲେ, ମନୁଷ୍ୟକୁ ନିଜ ପ୍ରତିମୂର୍ତ୍ତିରେ ନିର୍ମାଣ କରି ସାରିଥିଲେ। ମନୁଷ୍ୟକୁ ନିର୍ମାଣ କରିଥିଲେ, "ଏକ" ମନୁଷ୍ୟକୁ ନୁହେଁ, ସମ୍ପୂର୍ଣ୍ଣ ମନୁଷ୍ୟକୁ, ସେସମସ୍ତଙ୍କୁ ଆପଣା ପ୍ରତିମୂର୍ତ୍ତିରେ ନିର୍ମାଣ କରିଥିଲେ। ଦେଖନ୍ତୁ? ଆଉ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ସେ ସେମାନଙ୍କୁ ସୃଷ୍ଟି କଲେ; ପୁରୁଷ ଏବଂ ସ୍ତ୍ରୀ କରି, ସେହି ଉଭୟଙ୍କୁ ସେପରି ଭାବରେ ସୃଷ୍ଟି କରିଥିଲେ।

59 ଏବଂ ବର୍ତ୍ତମାନ ଆମେ ଜାଣିବାକୁ ପାଉ, ପୁନର୍ବାର ଏଠାରେ, ସେ ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ନିର୍ମାଣ କରିସାରିବା ପରେ, ଏଠାରେ ସେ ତାଙ୍କୁ ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟି କରିବା ପରେ, ଏଠାରେ ସେ ମନୁଷ୍ୟକୁ ପୃଥିବୀର ଧୂଳିରୁ ନିର୍ମାଣ କରନ୍ତି।

60 ଏବଂ ତାହାପରେ, ସେ ତାହା କରିସାରିବା ପରେ, ସେ ତାଙ୍କୁ ପୁରୁଷ ଏବଂ ସ୍ତ୍ରୀ କରିସାରିବା ପରେ, ତାହାପରେ ସେ ଏଠାକୁ ଫେରି ଆସନ୍ତି ଏବଂ ତାଙ୍କୁ ନିର୍ମାଣ କରିସାରିବା ପରେ, ତାଙ୍କ ପାଇଁ ଏକ ସ୍ତ୍ରୀକୁ ନିର୍ମାଣ କରନ୍ତି। ଦେଖନ୍ତୁ?

61 ଦେଖନ୍ତୁ, ଆପଣଙ୍କର ସଂଯୋଗ ସେହି ବାକ୍ୟକୁ ଏକତ୍ର ବାନ୍ଧୁଅଛି । ଠିକ୍ ଯେପରି ଭାବରେ ତାହା, ବର୍ତ୍ତମାନ, *ଏଠାରେ*, କହିଲା, "ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ଜଣେ ମନୁଷ୍ୟକୁ ସୃଷ୍ଟି କଲେ, ଆପଣା ସାଦୃଶ୍ୟରେ ସେ ତାଙ୍କୁ ରଚନା କଲେ," ଏହା ତ ପରମେଶ୍ୱର ଆପଣା ଚିନ୍ତାଧାରାରେ, ଆପଣା ମନରେ କହୁଥିଲେ, ଯାହାସବୁ ତାହାଙ୍କଠାରେ ରହିଥିଲା । *ଏଠାରେ* ହିଁ ଅଟେ ଯେଉଁଠାରେ ସେ ପ୍ରକୃତରେ ସେହି କାର୍ଯ୍ୟକୁ କରିଥିଲେ ।

62 ଯୀଶୁ ଜଗତ ପତ୍ତନାବଧି ବଳିକୃତ ମେଷଶାବକ ଥିଲେ; ସେ ତାର ପରବର୍ତ୍ତୀ ଚାରି ହଜାର ବର୍ଷ ସମୟରେ ହତ୍ୟା କରାଯାଇ ନ ଥିଲେ । ଦେଖନ୍ତୁ?

63 ତେଣୁକରି ସର୍ପ ହବାଙ୍କୁ ପ୍ରତାରଣା କରିଥିଲା । ତାହା ସତ୍ୟ ଅଟେ । ତାହାପରେ ବିଚାର ସ୍ଥିର ହେବା ପରେ, ଆଦମ ଆପଣା ଭାର୍ଯ୍ୟା ସହିତ ସହବାସ କରିଥିଲେ । ପୁଣି ସେ ଗର୍ଭବତୀ ହୋଇ ଏକ ପୁତ୍ର ସନ୍ତାନ, କୟିନକୁ ପ୍ରସବ କଲେ । କଅଣ ଆପଣ ଏହା ବୁଝିଲେ? ଦେଖନ୍ତୁ, ସଂଯୋଗ ତ କେବଳ ତାହାର ବର୍ଣ୍ଣନା ଜାରି ରଖେ ଯାହା ଆଦମ କରିଥିଲେ, ତାହା ନୁହେଁ ଯାହାକି ଆଦମଙ୍କ ପୂର୍ବରୁ ହୋଇଥିଲା ।

64 ଏବଂ ଏଠାରେ ଦେଖନ୍ତୁ, ଯଦି ଆପଣ ସେହି ମହାନ ବକ୍ତବ୍ୟରେ, ତାହା ପଢିବାକୁ ଚାହାଁନ୍ତି, ମୁଁ ଭାବୁଛି ଯେ ଆମେ ତାହାକୁ ଏଠାରେ ପାଉ…ଏବଂ ଏଠାରେ 4ର୍ଥ ପର୍ବରେ, ମୁଁ ବିଶ୍ୱାସ କରେ ଯେ ତାହା ଅଟେ ।

> *ଅନନ୍ତର ଆଦମ ଆପଣା ଭାର୍ଯ୍ୟା…ସହବାସ କରନ୍ତେ; ସେ ଗର୍ଭବତୀ ହୋଇ, କୟିନ ନାମକ ଗୋଟିଏ ପୁତ୍ରକୁ ପ୍ରସବ କଲେ, ଓ* (ଏକ ସଂଯୋଗ) *କହିଲେ, ସଦାପ୍ରଭୁଙ୍କ ସାହାଯ୍ୟରେ ମୋହର ଏକ ନର ଲାଭ ହୋଇଅଛି ।*

65 ତେବେ ଏହା ପ୍ରକୃତରେ ଆଦମ ନ ଥିଲେ, ତାହା ତ ଏହା ଦ୍ୱାରା ପରମେଶ୍ୱରଙ୍କ ପୁତ୍ର ଥିଲେ । ବୁଝିଲେ? ଦେଖନ୍ତୁ? ଯଦି ଆପଣ ନିଜର ସଂଯୋଗକୁ କେଉଁଠାରେ ରଖିବାକୁ ଚାହାଁନ୍ତି, ଦେଖନ୍ତୁ ("ଏବଂ" ପୁନର୍ବାର), "ପରମେଶ୍ୱରଙ୍କ ସାହାଯ୍ୟରେ ମୋହର ଏକ ନର ଲାଭ ହୋଇଅଛି ।" ତାହାପରେ ଏହା କହିବା ଯେ ପରମେଶ୍ୱର ତାଙ୍କୁ କୟିନ ନାମକ ସେହି ଭେଦଭାବଯୁକ୍ତ ବିଷୟ ପ୍ରଦାନ କରିଥିଲେ । ସେହି ସମସ୍ତ ମନ୍ଦ ଓ ଅପରିଷ୍କାର ପୁଣି ଅନ୍ୟାନ୍ୟ ବିଷୟସବୁ ଯାହାକି କୟିନଙ୍କ ପାଖରେ ରହିଥିଲା ତାହାର ସେହି ଉତ୍ସ କେଉଁଠାରୁ ଥିଲା, କଅଣ ପରମେଶ୍ୱରଙ୍କଠାରୁ ଆସିଥିଲା? ତାହା ହୋଇପାରିବ ନାହିଁ! ଦେଖନ୍ତୁ? ହବା ସର୍ପ ଦ୍ୱାରା ପ୍ରତାରିତ ହୋଇଥିଲେ, ଏବଂ ସେହି ସର୍ପ…ସେ ତ ଆଗରୁ ମାଆ ହୋଇ ସାରିଥିଲେ । ତାହାପରେ ଆଦମ ତାଙ୍କ ସହ ସହବାସ କଲେ, ନିଶ୍ଚିତରେ ସେ କଲେ, ସେ ଯାଇ ତାଙ୍କ ସହିତ ଏକ ପତ୍ନୀ ଭାବରେ ରହିଥିଲେ, କିନ୍ତୁ ସେ ତ ପୂର୍ବରୁ ଏହି ଶିଶୁର ମାତା ହୋଇ ସାରିଥିଲେ ।

66 ଏବଂ ତାହାପରେ ଶେଷରେ ଯେତେବେଳେ ଆଦମଙ୍କ ପୁତ୍ର ଜନ୍ମ ହେଲା, ସେ ଆଦମଙ୍କ ପରି ଭଦ୍ର, ମଧୁର, ନମ୍ର, ଦୟାଳୁ ବ୍ୟକ୍ତି ଥିଲେ ।

67 କିନ୍ତୁ ଏହି ବ୍ୟକ୍ତି, ସେହି ବିଶୁଦ୍ଧ ମିଛ କହିବା କେଉଁଠାରୁ ଆସିଥିଲା, ସେହି ପାପ କେଉଁଠାରୁ ଆସିଥିଲା? ଏହି ବ୍ୟକ୍ତି, କୟିନ, ସେହି ହତ୍ୟାକାରୀ କେଉଁଆଡୁ ଆସିଲା? ଏବଂ ବାଇବଲ କୁହେ ଯେ "ଶୟତାନ ଜଣେ ହତ୍ୟାକାରୀ ଅଟେ।" ସେହି ମିଥ୍ୟା କେଉଁଠାରୁ ଆସିଲା? (ଶୟତାନ ମିଥ୍ୟାର ପିତା ଅଟେ; ସେ ଏକ ମିଥ୍ୟାବାଦୀ ଏବଂ ମିଥ୍ୟାର ପିତା ଅଟେ।) ଏହାକୁ ତ ପରମେଶ୍ୱରଙ୍କ ବାହାରୁ ଅନ୍ୟ କିଛି ଉତ୍ସରୁ ଆସିବାକୁ ଥିଲା। ତେଣୁ କୟିନ ହିଁ ସେହି ମନ୍ଦ ଜଣକ ଥିଲା, ଏବଂ ତାଙ୍କ ପିତା ଶୟତାନ ଥିଲେ; ଏବଂ ସେ ଏହି ମନ୍ଦ ଜଣକାକୁ ଜନ୍ମ ଦେଇଥିଲେ।

ଏବଂ ତାହାପରେ, ଅବଶ୍ୟ, ଆଦମ ଆପଣା ଭାର୍ଯ୍ୟାର ସହବାସ କରିଥିଲେ, ନିଶ୍ଚିତରେ।

68 ଏବଂ, ହଁ, ବୋଧହୁଏ ଯଦି ଆପଣ ଏହିପରି ଭାବରେ କହିପାରନ୍ତି। ତେବେ, ବର୍ତ୍ତମାନ, ମୁଁ ନିଜକୁ ନେଇ, ଏହା କହିପାରେ, ରିବିକା ଜନ୍ମ ହୋଇଥିଲା, ଏବଂ କିଛି ସମୟ ପରେ ଆସିଲା...

69 ମୁଁ ଦିନେ ଯୋଷେଫଙ୍କ କାହାଣୀ ପଢୁଥିଲି, ଏବଂ ମୁଁ ଯୋଷେଫଙ୍କ କାହାଣୀରେ ବହୁତ ରୋମାଞ୍ଚିତ ହୋଇଥିଲି। ମୁଁ ସେଠାରେ ଉପରେ ମିନିଆପଲିସରେ, ଗୋଟିଏ ଛୋଟ ଆଲମିରା ପାଖରେ ଯାଇ ଆଣ୍ଠୁମାଡି ବସି ପଡିଲି, ଏବଂ ମୁଁ କହିଲି, "ପ୍ରଭୁ ପରମେଶ୍ୱର, ଯୋଷେଫଙ୍କ ପରି ଜଣେ ବ୍ୟକ୍ତି ପାଇଁ ମୁଁ ତୁମକୁ କିପରି ଧନ୍ୟବାଦ ଦିଏ!" ଆଉ ମୁଁ ଭାବିଲି, "ଯଦି ମୁଁ ମୁଁ...ଇଚ୍ଛା କରେ ଯେ କାଳେ ମୁଁ ସେହି ମହାନ ଉତ୍ତମ ଚରିତ୍ର ଉପରେ, ବିଲି ପଲ୍‌ର ନାମ 'ଯୋଷେଫ,' ଦେଇଥାନ୍ତି।" ବାଇବଲରେ କୌଣସି ସ୍ଥାନରେ ତାଙ୍କ ବିରୁଦ୍ଧରେ ଗୋଟିଏ ହେଲେ ଦାଗ ନାହିଁ, ପ୍ରତ୍ୟେକ ଉପାୟରେ ଖ୍ରୀଷ୍ଟଙ୍କର ସିଦ୍ଧ ପ୍ରତିଚିତ୍ରଣ ଥିଲେ। ଚିନ୍ତା କଲି, "ମୁଁ କିପରି ଭଲ ପାଏ..." ମୁଁ କହିଲି, "ଓଃ, ଯଦି ମୋର ଏକ ପୁଅ ଥାଆନ୍ତା, ମୁଁ ତାର ନାମ 'ଯୋଷେଫ' ଦେଇଥାଆନ୍ତି।"

70 ଆଉ ଠିକ୍ ସେହି ସମୟରେ ସେହି ପ୍ରକାଶଟି ଘୁରି ଘୁରି ଭବନ ଭିତରକୁ ପଶି ଆସିଲା ଓ କହିଲା, "ତୁମର ଏକ ପୁତ୍ର ହେବ ଏବଂ ତାର ନାମ 'ଯୋଷେଫ' ଦେବ।"

71 ମୁଁ ମୋ ପତ୍ନୀଙ୍କ ସହବାସ କଲି, ନିଶ୍ଚିତରେ, ସେ ସାରାଙ୍କୁ ଜନ୍ମ ଦେଲେ। ତାହାପରେ ମୁଁ ମୋର ପତ୍ନୀଙ୍କ ସହବାସ କଲି ଏବଂ ସେ ଯୋଷେଫଙ୍କୁ ଜନ୍ମ ଦେଲେ। ଦେଖନ୍ତୁ ମୋର କହିବାର ଅର୍ଥ କଅଣ? ଦେଖନ୍ତୁ, ତାର ପ୍ରଥମ ସହିତ କୌଣସି ସମ୍ପର୍କ ନ ଥିଲା। ପରମେଶ୍ୱରଙ୍କ ପ୍ରତିଜ୍ଞା ତ ଥିଲା "ଯୋଷେଫ," ସାରା ତାହା ମଝିରେ ଆସିଗଲା। ସାରାଙ୍କୁ ସେହି ପ୍ରକାରର ଏକ ଅପ୍ରିୟ ସ୍ଥିତିରେ ରଖିବାର କଥା ନୁହେଁ, ମାତ୍ର କେବଳ ଆପଣଙ୍କୁ ଦେଖାଇବା ପାଇଁ ଯେ ଯାହା—ଯାହା ମୋର କହିବାର ଅଭିପ୍ରାୟ। ଦେଖନ୍ତୁ, ତାହା...ସାରା ମଧ୍ୟ, ପରମେଶ୍ୱର-ପ୍ରେରିତ ଥିଲେ। ଏବଂ ତେଣୁ କରି ତେବେ ଆମେ ତାହା ଜାଣିଥିଲୁ।

72 ତେବେ, ମାତ୍ର, ଦେଖନ୍ତୁ । ପରମେଶ୍ୱର, ଯେତେବେଳେ ସେ ଆଦମ ଏବଂ ହବା ଉପରେ ନ୍ୟାୟ ବିଚାର କଲେ, ଏହା ପୂର୍ବେକି ସେ ବିଚାର କରନ୍ତେ ହବା ପାପ କରି ସାରିଥିଲେ । ଏବଂ, ଶୁଣନ୍ତୁ, କଅଣ ଆପଣ କେବେ ଜାଣିଥିଲେ କି ଯେ ଜଗତରେ ପ୍ରଥମ ଶିଶୁ ଯାହା ଜନ୍ମ ହୋଇଥିଲା ତାହା "ପାପରେ ଜନ୍ମ ହୋଇଥିଲା, ଅଧର୍ମରେ ଗଢା ହୋଇଥିଲା, ଜଗତକୁ ମିଥ୍ୟା କହି ଆସିଥିଲା"? ସେହି ସର୍ବ ପ୍ରଥମ ଶିଶୁ ଯାହାକି କେବେ ଜନ୍ମ ହୋଇଥିଲା ତାହା ସେହିପରି ଭାବରେ ଜନ୍ମ ହୋଇଥିଲା, କାରଣ...

73 ଆପଣ କୁହନ୍ତି, "ଆଦମ ଓ ହବା ବିଷୟରେ କଅଣ?" ସେମାନେ ତ ଜନ୍ମ ହୋଇ ନ ଥିଲେ । ସେମାନେ ତ ସୃଷ୍ଟି କରା ଯାଇଥିଲେ । ବୁଝିଲେ?

74 କିନ୍ତୁ ପ୍ରଥମ ଶିଶୁ ଯାହା ଆସିଥିଲା ତାହା ପାପରେ ଜନ୍ମ ହୋଇଥିଲା, ତେଣୁ ଏହାକୁ ସେହି ବଂଶ ହେବାକୁ ଅଛି । "ଜଣେ ସ୍ତ୍ରୀଜାତ ମନୁଷ୍ୟ ଅଳ୍ପ ଦିନର ଏବଂ ଦୁଃଖ କ୍ଳେଶରେ ପରିପୂର୍ଣ୍ଣ ।" ସେ ପାପରେ ଜନ୍ମ ହୋଇଥାଏ । ସେହି କାରଣରୁ ତାକୁ ପୁନର୍ବାର ଜନ୍ମ ହେବାକୁ ଅଛି, ଦେଖନ୍ତୁ, ଆତ୍ମାଙ୍କ ଦ୍ୱାରା; ଆତ୍ମିକ *ଚିନ୍ତାଧାରା* ଦ୍ୱାରା ନୁହେଁ; ଆତ୍ମିକ ଜନ୍ମ ଦ୍ୱାରା, ଦେଖନ୍ତୁ, ଯାହାକି ତାଙ୍କୁ ପୁନର୍ଜନନ କରେ, ତାଙ୍କୁ ଏକ ନୂତନ ଜୀବ କରେ । ଜନ୍ମ ହୋଇଥିବା ପ୍ରଥମ ବ୍ୟକ୍ତି ପାପରେ ଜନ୍ମ ହୋଇଥିଲେ ।

75 ତାହାପରେ, ଏପରି ଜଣକାକୁ ଆସିବାର ଥିଲା ଯିଏକି ବିନା ଯୌନ ସମ୍ପର୍କରେ ଅଟନ୍ତି । ତେବେ, ଯଦି ଯୌନ ସମ୍ପର୍କ ହିଁ ପ୍ରଥମ ବିଷୟ ନ ଥିଲା, ତେବେ କାହିଁକି ସମଗ୍ର ମାନବଜାତିକୁ ମୁକ୍ତ କରିବା ନିମନ୍ତେ ସେମାନଙ୍କୁ ଯୌନ ସମ୍ପର୍କରେ ଜଣକାକୁ ରଖିବାକୁ ପଡିଲା? କାହିଁକି ସେ କେବଳ ଜଣକାକୁ ବାରଣ୍ଡାରୁ ନେଇ ଆସିଲେ ନାହିଁ ଓ କହିଲେ ନାହିଁ, "ଏଠାରେ ସେହି ଧାର୍ମିକ ଜଣ ଅଟନ୍ତି ଯିଏକି ସଠିକ୍ *ଚିନ୍ତା* କରନ୍ତି"? ଏହାକୁ ତ ଯୌନ ସମ୍ପର୍କ ଦେଇ, ସ୍ତ୍ରୀଙ୍କ ମାଧ୍ୟମରେ ହିଁ ଆସିବାକୁ ଥିଲା, କାରଣ ପ୍ରଥମ ସ୍ଥାନରେ ତାହା ସେହିଠାରେ ହିଁ ଆସିଥିଲା । ଯୌନ ସମ୍ପର୍କ ଦ୍ୱାରା, ଅଧାର୍ମିକତା ଆସିଥିଲା; ଏବଂ ଯୌନ ସମ୍ପର୍କ ଦ୍ୱାରା ହିଁ, ଧାର୍ମିକତା ଆସିଲା । ଦେଖନ୍ତୁ? ପରମେଶ୍ୱର, ବ୍ୟଭିଚାର ବିନା, ଯୌନ ଇଚ୍ଛା ବିନା, ଯୀଶୁ ଖ୍ରୀଷ୍ଟଙ୍କୁ ଅମୂଲ୍ୟ ଗର୍ଭଧାରଣ ଦ୍ୱାରା ନେଇକରି ଆସିଲେ, ମରିୟମଙ୍କୁ ଛାୟା କରିବା ଦ୍ୱାରା ଓ ତାଙ୍କଠାରେ ଏହି ଶିଶୁକୁ ସୃଷ୍ଟି କରିବା ଦ୍ୱାରା; ଯାହା ଯୌନ ସମ୍ପର୍କ ଦ୍ୱାରା ଆସେ । ଏବଂ, ତାହା ମାଧ୍ୟମରେ, ତାହାଙ୍କର ପବିତ୍ର ରକ୍ତ ସମଗ୍ର ପତିତ ଜାତିକୁ ମୁକ୍ତ କଲା । ଦେଖନ୍ତୁ? ତେଣୁ ଏହାକୁ ସେହିପରି ହିଁ ହେବାକୁ ଅଛି, ଅନ୍ୟ କୌଣସି ଉପାୟରେ ନାହିଁ ।

76 ସ୍ତ୍ରୀଜାତ ପ୍ରତ୍ୟେକ ମନୁଷ୍ୟ ମୃତ୍ୟୁ ବନ୍ଧିତ ଅଟେ, ସେ ଜନ୍ମରୁ ହିଁ ମୃତ ତୂଲ୍ୟ ଅଟେ । ତାହା ଠିକ୍ ।

77 ସେହି କାରଣରୁ ହିଁ ମୁଁ ଅନ୍ୟ ଏକ ଦିନ କଥାବାର୍ତ୍ତା କରୁଥିଲି ଯେ ବର୍ତ୍ତମାନ ଆମମାନଙ୍କ ପାଖରେ କିପରି ସେହି ଆଶୀଷିତ ଆଶ୍ୱାସନା ରହିଛି ।

78 ଯେତେବେଳେ ଇସ୍ରାଏଲ...କଅଣ ଏହା ନୁହେଁ କି...ମୁଁ ଅନେକ ଗୁଡିଏ କଥା କହିଥାଏ ଯାହାରକି ଏହା ସହିତ କୌଣସି ସମ୍ବନ୍ଧ ନାହିଁ, କିନ୍ତୁ ବେଳେବେଳେ ପ୍ରଭୁ ମୋତେ ଏପରି କିଛି ବିଷୟ ଦିଅନ୍ତି ଆଉ ତାହା ମୋତେ ରୋମାଞ୍ଚିତ କରି ପକାଏ । ତେଣୁ ଯେତେବେଳେ ସେ ମୋତେ ତାହା ଦେଲେ, ଏହା ମୋତେ ଅନ୍ୟ କିଛି ଅପେକ୍ଷା ଅଧିକ ରୋମାଞ୍ଚିତ କରିଥିଲା ଯାହାକି ମୋର ଅନେକ ବର୍ଷରେ କିଛି ରହିଥିଲା । ଯେତେବେଳେ ଅନ୍ୟ ଏକ ଦିନ ସେ ମୋତେ ତାହା ପ୍ରଦାନ କଲେ, ଯେତେବେଳେ ମୁଁ ଦେଖିଲି ଯେ ପରମେଶ୍ୱରଙ୍କ ସନ୍ତାନଗଣ, ଇସ୍ରାଏଲ, ଏକ ଦାସ ଭାବରେ ଥିଲା, କୌଣସି ବାସ ସ୍ଥାନ ନ ଥିଲା । ତିଆରି କରା ଯାଉଥିବା ରୁଟି ଫୋପାଡି ଦେଇଥିଲେ, ସେମାନେ ଯାହାକିଛି ଚାହିଁଥିଲେ ତାହା କରିଥିଲେ! ଓଃ, ଯଦି ସେମାନେ କେବଳ ଏକ ଘର ପାଇ ପାରିଥାନ୍ତେ ଯେଉଁଠାରେକି ସେମାନେ ଶାନ୍ତିରେ ରହିପାରନ୍ତେ, ସେମାନଙ୍କ କପାଳର ଝାଳ ଦ୍ୱାରା ଜୀବିକାର୍ଜନ କରିପାରନ୍ତେ!

79 ଆଉ, ଦିନେ, ପ୍ରାନ୍ତରରୁ ଜଣେ ଭବିଷ୍ୟଦ୍‌ବକ୍ତା ବାହାରି ଆସିଲେ, ଅଗ୍ନିସ୍ତମ୍ଭ ଦ୍ୱାରା ନେତୃତ୍ୱ କରାଯାଇଥିଲେ, ଏବଂ ସେମାନଙ୍କୁ ଏକ ପ୍ରତିଜ୍ଞାତ ଦେଶ ବିଷୟରେ କହିଲେ । କେହି ହେଲେ ସେଠାକୁ ଯାଇ ନ ଥିଲେ, ସେମାନେ ଏହା ବିଷୟରେ କିଛି ଜାଣି ନ ଥିଲେ । କିନ୍ତୁ ଏହା ଏକ ପ୍ରତିଜ୍ଞା ଥିଲା । ଏହା ଉପରେ ସେମାନେ ବିଶ୍ୱାସ କଲେ ଏବଂ ଏହି ଭବିଷ୍ୟଦ୍‌ବକ୍ତାଙ୍କୁ ଅନୁସରଣ କଲେ ଯେପର୍ଯ୍ୟନ୍ତ କି ସେମାନେ ପ୍ରତିଜ୍ଞାତ ଦେଶ ନିକଟରେ ପହଞ୍ଚି ନ ଗଲେ ।

80 ତାହାପରେ ସେଠାରେ *ଯିହୋଶୂୟ* ନାମରେ ଜଣେ ସାକ୍ଷୀ ହେଲେ, ଯାହାର ଅର୍ଥ "ଯିହୋବା-ତ୍ରାଣକର୍ତ୍ତା," ଯର୍ଦ୍ଦନ ପାର ହୋଇ ସେହି ଦେଶକୁ ପ୍ରବେଶ କଲେ, ଏବଂ ସେହି ପ୍ରମାଣ ସହିତ ଫେରି ଆସିଲେ ଯେ ସେହି ଦେଶ ଅବିକଳ ଠିକ୍ ସେହିପରି ଥିଲା ଯେପରିକି ସେହି ଭବିଷ୍ୟଦ୍‌ବକ୍ତା କହିଥିଲେ ଯେ ଏହା ପରମେଶ୍ୱରଙ୍କ ବାକ୍ୟ ସହିତରେ ଥିଲା । ସେମାନେ ଏକ ଅଙ୍ଗୁର ପେଣ୍ଡା ଆଣିଥିଲେ, ତାକୁ ଆଣିବା ପାଇଁ ଦୁଇ ଜଣ ବ୍ୟକ୍ତିଙ୍କର ଦରକାର ପଡିଲା, ଏବଂ ସେମାନେ ସେହି ଦେଶରୁ ଆସିଥିବା ମୂଳ ଫଳର ସ୍ୱାଦ ପାଇ ପାରିଥିଲେ । କେହି ଜାଣି ନ ଥିଲେ ଯେ ସେହି ଦେଶ ସେଠାରେ ଅଛି, ସେମାନେ କେବଳ ଏହାକୁ ବିଶ୍ୱାସ କରିଥିଲେ । ସେମାନେ ବିଶ୍ୱାସ ଦ୍ୱାରା ଗମନାଗମନ କଲେ ଏବଂ ଏହାକୁ ବିଶ୍ୱାସ କଲେ ।

81 ବର୍ତ୍ତମାନ ଯେତେବେଳେ ସେମାନେ ସେମାନଙ୍କର ଦେଶକୁ ଅଧିକାର କଲେ, ସେମାନେ କେତେ ଆନନ୍ଦିତ ଥିଲେ! ପ୍ରତ୍ୟେକେ ଶାନ୍ତିରେ ରହିପାରିଥିଲେ, ତାଙ୍କର ଛୋଟ ବଗିଚା କରିପାରିଥିଲେ, ନିଜର ସନ୍ତାନ ଏବଂ ସବୁକିଛି କରିପାରିଥିଲେ । କିନ୍ତୁ, ତଥାପି, ବୃଦ୍ଧାବସ୍ଥା ତାଙ୍କୁ ଧରି ପକାଇଲା, ଏବଂ ମୃତ୍ୟୁ ତାଙ୍କୁ ଘେରି ପକାଇଲା ଓ ତାଙ୍କୁ ନେଇଗଲା ।

82 ତାହାପରେ ସ୍ୱର୍ଗର ଗଳି ପଥରୁ, ଜଣେ ସ୍ତ୍ରୀଙ୍କ ଦେଇ, ଆଉ ଜଣେ ମହାନ ଯୋଦ୍ଧା ଆସିଲେ, ସେମାନଙ୍କ ମଧ୍ୟରୁ ସବୁଠାରୁ ମହାନ୍, ପରମେଶ୍ୱର ନିଜେ ମାଂସମୟ ଶରୀରରେ ପ୍ରକଟିତ ହେଲେ, ଯୀଶୁ ଖ୍ରୀଷ୍ଟ । ଆଉ ସେ ଇସ୍ରାଏଲକୁ କହିଲେ ଯେ ସେମାନେ କେତେ ଏକ ମହାନ ଲୋକ ହୋଇଥିଲେ, କିନ୍ତୁ ମୃତ୍ୟୁ ସେମାନଙ୍କ ସମ୍ମୁଖୀନ ଥିଲା, ସେ କହିଲେ, "କିନ୍ତୁ ମୁଁ

ତୁମମାନଙ୍କୁ ଆଉ ଏକ ଦେଶ ବିଷୟରେ କହୁଛି । ମୋ ପିତାଙ୍କ ଘରେ ଅନେକ ବାସ ସ୍ଥାନ ଅଛି । ଯଦି ତାହା ନ ଥାନ୍ତା ତେବେ ମୁଁ ତୁମମାନଙ୍କୁ କହିଥାନ୍ତି । ତୁମେମାନେ ନିଜ ଦେଶରେ ଖୁସି ଅଛ, ତୁମର ନିଜ ଘର ଅଛି, ତୁମର ନିଜ ସନ୍ତାନମାନେ ଅଛନ୍ତି । କିନ୍ତୁ ତୁମେମାନେ ସେଠାରେ ଜଣେ ଅନ୍ୟକୁ ସମାଧି ଦେଉଅଛ ଏବଂ ତାହା ଶେଷ ପରି ମନେ ହୁଏ ।"

83 ଆୟୁବ ତାହା ଦେଖିଥିଲେ, କହିଲେ, "ଯଦି ଗୋଟିଏ ଗଛ ମରିଯାଏ, ତାହା ପୁଣି ଥରେ ବଞ୍ଚେ । କିନ୍ତୁ ଯଦି ମନୁଷ୍ୟ ମରି ଯାଏ ଓ ପ୍ରାଣତ୍ୟାଗ କରେ, ସେ କେଉଁଠାକୁ ଯାଏ? ତାଙ୍କ ପୁତ୍ରମାନେ ତାଙ୍କୁ ସମ୍ମାନ ଦେବାକୁ ଆସନ୍ତି ମାତ୍ର ସେ ତାହା ଅନୁଭବ କରନ୍ତି ନାହିଁ । ଓଃ, ଏହା ଯେ ତୁମେ ମୋତେ କବରରେ ଲୁଚାଇ ରଖିବ, ତୁମର କ୍ରୋଧ ଶେଷ ନ ହେବା ପର୍ଯ୍ୟନ୍ତ ମୋତେ ଗୁପ୍ତ ସ୍ଥାନରେ ରଖିବ!" ସେ କହିଲେ, "କିନ୍ତୁ ଯଦି ଜଣେ ବ୍ୟକ୍ତି ମରି ଯାଏ ତେବେ କଅଣ ସେ ପୁନର୍ବାର ବଞ୍ଚିବ କି?"

84 ଏହାର ଚାରି ହଜାର ବର୍ଷ ପୂର୍ବରୁ, ସେମାନେ ସେହି କବରର ଉର୍ଦ୍ଧ୍ୱରେ କିଛି ଖୋଜିଥିଲେ । ସେହି ସମସ୍ତ ମହତ୍ ବିଷୟମାନ ଯାହା ପରମେଶ୍ୱର ସେମାନଙ୍କୁ ଦେଇଥିଲେ, ଏକ ଘର, ଏକ ପରିବାର ଏବଂ ପିଲାମାନେ, ଏବଂ ଏକ ମଣ୍ଡଳୀ, ଓ ସବୁକିଛି, ଏବଂ ଭବିଷ୍ୟଦ୍‌ବକ୍ତାମାନ, ଓ ଏହି ସମୟ ପର୍ଯ୍ୟନ୍ତ ମହାନ ବ୍ୟକ୍ତି, ମାତ୍ର ପ୍ରତ୍ୟେକଜଣ ମୃତ୍ୟୁବରଣ କରି ନିଜ କବରକୁ ଚାଲିଗଲେ । କିନ୍ତୁ ଏଠାରେ ଜଣେ ଆସନ୍ତି ଓ କହନ୍ତି, "ମୋ ପିତାଙ୍କ ଘରେ ଅନେକ ବାସ ସ୍ଥାନ ଅଛି, ଏବଂ ମୁଁ ଯାଇ ତୁମ ପାଇଁ ଏକ ସ୍ଥାନ ପ୍ରସ୍ତୁତ କରିବି ।" ଯିହୋଶୂୟଙ୍କ ପରି, ସେ ତାଙ୍କର କାଦେଶ-ବର୍ଣ୍ଣିଆଙ୍କୁ ସାକ୍ଷାତ କରିଥିଲେ ।

85 ଯେତେବେଳେ ଇସ୍ରାଏଲ କାଦେଶ-ବର୍ଣ୍ଣିଆକୁ ଆସିଲା...ଏବଂ କାଦେଶ ସେହି ସମୟରେ ଜଗତର ବିଚାର ଆସନ ଥିଲା, ଏକ ବଡ଼ ବୃହତ୍ ଝରଣାଠାରୁ ସାତୋଟି ନିର୍ଝର ବାହାରିଥିଲା, ଅର୍ଥାତ୍ ବିଚାର, ଯେପରିକି ପରମେଶ୍ୱରଙ୍କ ଗୃହ ଏବଂ ମଣ୍ଡଳୀମାନ ଯାହାକି ଏଥିରୁ ବାହାରିଥାଏ । ଏବଂ ଯିହୋଶୂୟ, କାଦେଶ-ବର୍ଣ୍ଣିଆଠାରୁ, ପ୍ରତିଜ୍ଞାତ ଦେଶ ମଧ୍ୟକୁ ପ୍ରମାଣ ନେଇକି ଆସିବା ପାଇଁ ଯାଇଥିଲେ ।

86 ବର୍ତ୍ତମାନ, ଯୀଶୁ ତାହାଙ୍କର *କାଦେଶ*ଙ୍କୁ ଭେଟିଥିଲେ । ତାହା କଅଣ ଥିଲା? ବିଚାର ସିଂହାସନ! ଏହା କେଉଁଠାରେ ଥିଲା? କାଲଭରୀଠାରେ, ଯେଉଁଠାରେକି ପରମେଶ୍ୱର ତାହାଙ୍କ ଜଗତର ପାପଗୁଡିକ ପାଇଁ ବିଚାର କରିଥିଲେ । ସେମାନେ କଅଣ କରିଥିଲେ? ସେ ମୃତ୍ୟୁକୁ, ପରମେଶ୍ୱରଙ୍କ ମୂଲ୍ୟକୁ ପରିଶୋଧ କରିଥିଲେ । ପାପୀମାନଙ୍କୁ ପରମେଶ୍ୱରଙ୍କ ସହିତ ମିଳିତ କରାଇବା ପାଇଁ, ସେ ମୃତ୍ୟୁବରଣ କଲେ ଏବଂ ଯର୍ଦ୍ଦନ (ମୃତ୍ୟୁର) ନଦୀକୁ ପାର କରିଥିଲେ । ସେମାନେ ତାହାଙ୍କୁ କବର ଦେଲେ ।

87 ସେ ଏପରି ଭାବରେ ମୃତ୍ୟୁବରଣ କଲେ ଯେ ଏପରିକି ଚନ୍ଦ୍ର ଏବଂ ତାରାଗଣ ନିଜ ପାଇଁ ଲଜ୍ଜିତ ହେଲେ । ସେ ଏପରି ମୃତ୍ୟୁବରଣ କଲେ ଯେ ପୃଥିବୀ ଅଧୀର ହୋଇ ପଡିଥିଲା । ଏପରିକି ପର୍ବତଗୁଡ଼ିକରୁ ପଥରସବୁ ଖସି ପଡିଥିଲା । ଏହା ତାରାଗଣକୁ ଦୋହଲାଇ

ଦେଇଥିଲା ଯେ ସେମାନେ ଆଉ ଚମକିଲେ ନାହିଁ, ଚନ୍ଦ୍ର ପ୍ରକାଶ ଦେଲା ନାହିଁ, ଏବଂ ସୂର୍ଯ୍ୟ ଦିନର ମଧ୍ୟଭାଗରେ ଅସ୍ତ ହୋଇଗଲା । ସେ ମରିଗଲେ! ଏପରି ମୃତ୍ୟୁବରଣ କଲେ ଯେ ଜଣେ ରୋମୀୟ ଦଶ ପାଉଣ୍ଡ ବର୍ଚ୍ଛା ନେଇ ତାହାଙ୍କ ହୃଦୟରେ ଏପାରି ସେପାରି ଭୁସି ଦେଇଥିଲା; ଜଳ ଏବଂ ରକ୍ତ ବାହାରି ଆସିଥିଲା । ସେ ମରି ଯାଇଥିଲେ! ସେ ଯର୍ଦ୍ଦନ ପାର ହେଲେ । ଏବଂ ସେମାନେ ତାହାଙ୍କୁ କବରରେ ରଖିଲେ ଏବଂ ତାହା—ତାହାର ମୁଖରେ ଏକ ପଥର ଲଦି ଦେଲେ, ତାହା କରିବାକୁ ଏକ ସହସ୍ର ଲୋକ ଦରକାର ପଡିଥିଲା । ସେ ମରି ଯାଇଥିଲେ! ସେମାନେ ଏହା ଉପରେ ଏକ ରୋମାନ୍ ମୁଦ୍ରାଙ୍କ ଲଗାଇ ଦେଲେ ।

88 କିନ୍ତୁ ଇଷ୍ଟର ସକାଳେ ସେ ଯର୍ଦ୍ଦନ ଆରପାରିରୁ ଫେରି ଆସିଲେ, ଓ କହିଲେ, "ମୁଁ ସେ ଅଟେ ଯିଏ କି ମୃତ ଥିଲି; ପୁଣି ଚିରକାଳ ନିମନ୍ତେ ଜୀବିତ ଅଟେ!"

ସେମାନଙ୍କ ମଧ୍ୟରୁ କେତେକ କହିଲେ, "ଆମେ ଏକ ଆତ୍ମାଙ୍କୁ ଦେଖୁ ।"

89 କହିଲେ, "ମୋତେ ଅନୁଭବ କର । କଅଣ ଏକ ଆତ୍ମାର ମାଂସ ଏବଂ ଅସ୍ଥି ଥାଏ ଯେପରିକି ମୋହର ଅଛି?" କହିଲେ, "କଅଣ ତୁମ ପାଖରେ କିଛି ଖାଇବାକୁ ଅଛି କି? ମୋତେ କିଛି ଆଣି ଦିଅ ।" ଏବଂ ସେମାନେ ତାଙ୍କୁ ମାଛ ଓ ରୁଟି ଆଣି ଦେଲେ । ଏବଂ ସେ ତାହା ଖାଇଲେ । ସେ ଜଣେ ମଣିଷ ଥିଲେ!

90 ସେ କଅଣ ଥିଲେ? ସେହି ପ୍ରମାଣକୁ ନେଇ ଫେରି ଆସିଥିଲେ ଯେ ସେଠାରେ ଏକ ଦେଶ ଅଛି ଯେଉଁଠାକୁ ଆମେମାନେ ଯାଉଅଛୁ । ସେ କଅଣ କଲେ? ସେ, ଯିହୋଶୂୟଙ୍କ ପରି, ସେ ଏହାର ପ୍ରମାଣ ନେଇ ଆସିଥିଲେ । ସେ କହିଲେ, "ବର୍ତ୍ତମାନ, ଯଦି ତୁମେ ଏହାର ପ୍ରମାଣ ଚାହୁଁଛ, 'ଅନୁତାପ କର, ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ଓ ପାପ କ୍ଷମା ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ, ଏବଂ ତୁମେ ପବିତ୍ରଆତ୍ମା ପ୍ରାପ୍ତ ହେବ ।' ତାହାହିଁ ସେହି ପ୍ରମାଣ ଅଟେ ଯାହାକି ମୋତେ ଉଠାଇଥିଲା । ମୁଁ ତୁମକୁ ତୁମର ଅଧିକାରର ବଇନା ଦେବି ।" ଏବଂ ତାହାପରେ କଅଣ ହେଲା? ପେଣ୍ଟିକଷ୍ଟର ଦିନରେ ପବିତ୍ରଆତ୍ମା ବିଶ୍ୱାସୀମାନଙ୍କ ଉପରେ ଓହ୍ଲାଇ ଆସିଲା ।

91 ବର୍ତ୍ତମାନ ଆମେମାନେ କଅଣ କରିବା? ଆମର ପାପଗୁଡିକୁ ସ୍ୱୀକାର କରିବା, ନିଜକୁ ମୃତ ବୋଲି ମନେ କରିବା, ବାପ୍ତିସ୍ମରେ ତାହାଙ୍କ ସହିତ ସମାଧି ପ୍ରାପ୍ତ ହୋଇ, ପୁନରୁତ୍ଥାନରେ ତାହାଙ୍କ ସହିତ ପୁଣି ଥରେ ଉଠିଅଛୁ ବୋଲି ମନେ କରିବା । କଅଣ ହେତୁ? "ତାହାଙ୍କ ସହିତ ସ୍ୱର୍ଗୀୟ ସ୍ଥାନରେ ବସିବା ନିମନ୍ତେ ।" ସେହିଠାରେ ଆମେ ଆଜି ରାତିରେ, ଆତ୍ମିକ ଭାବରେ (ଶାରୀରିକରେ ନୁହେଁ) ବସିଅଛୁ, ଆମର ମନ, ଆମର ବିଚାରଗୁଡିକ, ଆମର ପ୍ରାଣଗୁଡିକ ବର୍ତ୍ତମାନ ଜଗତର ଚିନ୍ତାଠାରୁ ବହୁତ ଦୂରରେ ଅଟେ । ଆମେମାନେ କଅଣ ଅଟୁ? "ଖ୍ରୀଷ୍ଟ ଯୀଶୁଙ୍କ *ଠା*ରେ ସ୍ୱର୍ଗୀୟ ସ୍ଥାନରେ ।" ଆମେ ଏଥିରେ କିପରି ପ୍ରବେଶ କରିବା? "ଗୋଟିଏ ଆତ୍ମା ଦ୍ୱାରା," ପ୍ରଥମ କରିନ୍ଥୀୟ, 12ଶ ପର୍ବ, "ଗୋଟିଏ ଆତ୍ମା ଦ୍ୱାରା ଆମେ

ସମସ୍ତେ ପବିତ୍ରଆତ୍ମାଙ୍କ ଦ୍ୱାରା ବିଶ୍ୱାସୀମାନଙ୍କର ଏକ ଶରୀରରେ ବାପ୍ତିଜିତ ହୋଇଅଛୁ।" ପରମେଶ୍ୱରଙ୍କ ରହସ୍ୟମୟ ରାଜ୍ୟ!

92 ସେଠାରେ ଆମେମାନେ ପଛକୁ ଚାହିଁ ଏହା ଦେଖୁ ଯେ ଆମେମାନେ କେଉଁଠାରେ ମିଛ କହୁଥିଲୁ ଏବଂ ଚୋରି କରୁଥିଲୁ ଓ ଠକୁଥିଲୁ ଏବଂ ଧୂମପାନ କରୁଥିଲୁ ଓ ଭୁଲ୍ ବିଷୟଗୁଡିକୁ କରୁଥିଲୁ। ଆମେ ତାହାଠାରୁ ଉର୍ଦ୍ଧ୍ୱକୁ ଉଠିଅଛୁ। ଆମେମାନେ ସ୍ୱର୍ଗୀୟ ସ୍ଥାନରେ ଅଛୁ। ଏହା କଅଣ ଅଟେ? ସେହି ପ୍ରମାଣ ଯେ ଦିନେ ଆମ ପାଖରେ ତାହାଙ୍କ ନିଜର ଗୌରବମୟ ଶରୀର ପରି ଏକ ଶରୀର ହେବ। ଏହା ପୁନରୁତ୍ଥାନର ଏକ ଯଥାର୍ଥ ପ୍ରମାଣ ଅଟେ, କାରଣ, ସମ୍ଭବତଃ, ଆମେ ତାହାଙ୍କ ସହିତ ପୂର୍ବରୁ ଉତ୍ଥିତ ହୋଇସାରିଛୁ, ସମ୍ଭବତଃ ଆମେ ମରି ସାରିଛୁ।

93 ୱିଲିୟମ୍ ବ୍ରାନହାମ୍ ଯିଏକି ଦିନେ ଜୀବିତ ଥିଲେ ସେ ଆଉ ଜୀବିତ ନୁହଁନ୍ତି, ସେ ତିରିଶ-ଅଧିକ କିଛି ବର୍ଷ ହେବ ମରି ଯାଇଛନ୍ତି, ବର୍ତ୍ତମାନ ଏହା ଏକ ନୂତନ ପ୍ରାଣୀ ଅଟେ। ଓର୍ମାନ୍ ନେୱିଲ୍ ଯିଏକି ପୂର୍ବରେ ଜୀବିତ ଥିଲେ ଆଉ ଅଧିକ ଜୀବିତ ନୁହଁନ୍ତି, ସେ ବହୁ ବର୍ଷ ପୂର୍ବେ ମରି ଗଲେଣି, ଏହା ଏକ ନୂତନ ଜୀବ ଅଟେ। ଓର୍ମାନ୍ ନେୱିଲ୍ ମୃତ ଅଟନ୍ତି, ସେହି—ସେହି ଘୋଡା ଚାଳକ, ଜୁଆ ଖେଳାଳୀ, କିମ୍ବା ସେ ଯାହା ବି ଥିଲେ, ସେହି ବ୍ୟକ୍ତି ଯିଏକି ଥରେ ବଞ୍ଚିଥିଲା ମରି ଯାଇଅଛି। ମୁଁ ଜାଣେ ନାହିଁ, ଭାଇ ନେୱିଲ୍ ତାହା ନ ଥିଲେ; କିନ୍ତୁ ଏହା ଯାହାକିଛି ବି ଥିଲା, ସେ ଏହା ସମସ୍ତ ପାଇଁ ଦୋଷୀ ଅଟନ୍ତି, "ଯିଏ ଅଳ୍ପରେ ଦୋଷୀ ସମଗ୍ର ବିଷୟରେ ଦୋଷୀ ଅଟେ।" ଆପଣ ଯାହା କିଛି ବି ଥିଲେ, ଆପଣ ଜଣେ ପାପୀ ଅଟନ୍ତି, ସେଇଟା ହିଁ ଆପଣ ଅଟନ୍ତି।

94 ଏବଂ ଆପଣ ମୃତ ଅଟନ୍ତି କାରଣ ଆପଣ ଜଗତର ବିଷୟଗୁଡିକୁ ଭଲ ପାଆନ୍ତି। ଏବଂ ଯେପର୍ଯ୍ୟନ୍ତ ଆପଣ ଜଗତକୁ ପ୍ରେମ କରୁଥାଆନ୍ତି, ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ *ଏଠାରେ* ଉପରେ ଅଛନ୍ତି ବୋଲି ସ୍ୱୀକାର କରନ୍ତି, ଆପଣ ଏଠାରେ ଉପରେ ନାହାଁନ୍ତି, ଆପଣ ଏପର୍ଯ୍ୟନ୍ତ *ସେଠାରେ* ତଳେ ହିଁ ଅଛନ୍ତି। "ଯିଏ ଜଗତକୁ କିମ୍ବା ଜଗତର ବିଷୟଗୁଡିକୁ ପ୍ରେମ କରେ, ପରମେଶ୍ୱରଙ୍କ ପ୍ରେମ ଏଯାଏଁ ତାଙ୍କ ଭିତରକୁ ପ୍ରବେଶ କରି ନାହିଁ।"

95 କିନ୍ତୁ ଯେତେବେଳେ ଆପଣ ତାହା ଉର୍ଦ୍ଧ୍ୱରେ ଉଠି ସ୍ୱର୍ଗୀୟ ବିଷୟଗୁଡ଼ିକ ପ୍ରତି ଅନାନ୍ତି ତାହାପରେ ଉପରିସ୍ଥ ବିଷୟଗୁଡ଼ିକ ଉପରେ ନିଜର ଆସକ୍ତିକୁ ସ୍ଥିର କରନ୍ତି, କାରଣ ଆପଣ ଖ୍ରୀଷ୍ଟଙ୍କ ସହିତ ପୁନରୁତ୍ଥିତ ହୋଇ ବର୍ତ୍ତମାନ ସ୍ୱର୍ଗୀୟ ସ୍ଥାନରେ ଏକାଠି ବସିଛନ୍ତି। କେବଳ ସୁନିଶ୍ଚିତ ହୁଅନ୍ତୁ, କୌଣସି ବିଷୟ ଆପଣଙ୍କର କ୍ଷତି କରିପାରେ ନାହିଁ, କୌଣସି ବିଷୟ ନୁହେଁ। ଏପରିକି ମୃତ୍ୟୁ ସୁଦ୍ଧା ନାହିଁ…ଆପଣଙ୍କୁ କିଛି ହେଲେ କରିପାରେ ନାହିଁ। ଆପଣ ଖ୍ରୀଷ୍ଟଙ୍କଠାରେ ଲଙ୍ଗର ପକାଇ ସାରିଛନ୍ତି। ସେହି ସୁନିଶ୍ଚିତତା, ସେହି ବଇନା, ସେହି ଅଗ୍ରିମ ଦେୟ ରାଶି ପୂର୍ବରୁ ଦିଆ ଯାଇସାରିଛି, ଆପଣ ଏହାକୁ ଗ୍ରହଣ କରିଛନ୍ତି। ଆପଣ କଅଣ କଲେ? ପୁନରୁତ୍ଥାନରେ ତାହାଙ୍କ ସହିତ ଉଠିଲେ।

96 ପଛକୁ ଦେଖନ୍ତୁ ଯେ ମୁଁ ଥରେ କେଉଁଠାରେ ଥିଲି। ବର୍ତ୍ତମାନ ମୁଁ ତାହାର ଉର୍ଦ୍ଧ୍ୱରେ ଅଛି। କାହିଁକି? ତାହାଙ୍କ ଅନୁଗ୍ରହରେ ସେ ମୋତେ ଉପରକୁ ଉଠାଇଲେ, ଏବଂ ଏଠାରେ

ମୁଁ ବର୍ତ୍ତମାନ ଖ୍ରୀଷ୍ଟଙ୍କଠାରେ ସ୍ୱର୍ଗୀୟ ସ୍ଥାନରେ ବସିଅଛି । ଓଃ, ମୋର ପ୍ରଭୁ! ସେଠାରେ ଆପଣ ଅଛନ୍ତି । ତାହାପରେ ବାଇବଲ ଏକ ନୂତନ ପୁସ୍ତକ ହୋଇଯାଏ । ତାହାପରେ ଆପଣ ଏହାକୁ ଆତ୍ମିକ ଆଖିରେ ଏବଂ ଆତ୍ମିକ ବୁଝାମଣା ସହିତରେ ପାଠ କରୁଥାନ୍ତି । ତାହାପରେ ଆପଣ ସଂଜ୍ଞା ଏବଂ ସର୍ବନାମଗୁଡିକୁ ଦେଖନ୍ତି, ଏବଂ ତାହାପରେ ଆପଣ ଯୋଗଗୁଡିକୁ ଦେଖନ୍ତି… ଏବଂ ସଂଯୋଗଗୁଡିକୁ, ମୋର କହିବାର ଅର୍ଥ, ଏବଂ ପ୍ରଭୃତି ସବୁ, ବାଇବଲରେ ଦେଖନ୍ତି ।

97 ଓଃ, ଯେଉଁଠାରେ ଏହା କହେ…ସେମାନେ କୁହନ୍ତି, "ଏହା ନିଜକୁ ବିରୋଧାଭାସୀ କରେ"; ଆପଣ *ଏଠାରେ* ତଳେ ପାଠ କରୁଥାନ୍ତି । *ଏଠାରେ* ଉପରକୁ ଉଠି ଆସନ୍ତୁ ଏବଂ ଏହାକୁ ପଢନ୍ତୁ, ସେତେବେଳେ ଏହା ସବୁ ଅଲଗା ଲାଗିବ । କଅଣ ଆପଣ ବୁଝୁଛନ୍ତି କି? ତାହା ଠିକ୍ । ନିଶ୍ଚିତ । ନିଶ୍ଚିତ, ଏହାର ଅର୍ଥ ସମ୍ପୂର୍ଣ୍ଣ ନୂଆ ଲାଗେ ଯେତେବେଳେ ଆପଣ ଏହାକୁ ଆତ୍ମାରେ ପାଠ କରନ୍ତି । ହଁ ।

ଏହି ଅନ୍ୟ ପ୍ରଶ୍ନଟି ପ୍ରକୃତରେ ଏକ ପ୍ରଶ୍ନ ନୁହେଁ, ଏହା କେବଳ କହେ:

**172. ମୁଁ ପ୍ରଭୁଙ୍କୁ ନ ପାଇବା ପର୍ଯ୍ୟନ୍ତ ଅନେକ ବର୍ଷ ପାପରେ ବଞ୍ଚି ରହିଥିଲି । ଦୟାକରି, ଭାଇ ବ୍ରାନହାମ୍, ମୁଁ ପୁନର୍ବାର ପାପ କରିଅଛି ଏବଂ ମୁଁ ଏହି ପବିତ୍ର ସ୍ଥାନରେ ଆପଣଙ୍କ ସମ୍ମୁଖରେ ଆସିବାକୁ ଯୋଗ୍ୟ ନୁହେଁ । ଦୟାକରି ମୋତେ କୁହନ୍ତୁ ଯଦି ମୁଁ ସମ୍ପୂର୍ଣ୍ଣଭାବେ ପୁନଃସ୍ଥାପିତ ହୋଇପାରେ କି ନାହିଁ । ଦୟାକରି ମୋତେ ସାହାଯ୍ୟ କରନ୍ତୁ, ଭାଇ ବ୍ରାନହାମ୍, ମୋ ଭିତରେ ଏକ ଶୟତାନ ଅଛି । ମୋତେ ସାହାଯ୍ୟ କରନ୍ତୁ! କଅଣ ଆପଣ ମୋ ଉପରେ ନିଜ ହାତକୁ ରଖିବେ ଓ ମୋତେ ପୁନଃସ୍ଥାପନ କରିବେ କି?**

98 ବର୍ତ୍ତମାନ, ସେଠାରେ ଏକ ପ୍ରଶ୍ନ ଅଛି, ଯେତେବେଳେ ମୁଁ ଏହାକୁ କିଛି ସମୟ ପୂର୍ବରୁ ପାଠ କଲି ମୁଁ ଏହାକୁ କେବେବି ଲକ୍ଷ୍ୟ କରି ନଥିଲି । ସେଠାରେ ଏକ ପ୍ରଶ୍ନ ଅଛି । ବର୍ତ୍ତମାନ, ଯଦି ସେହି ବ୍ୟକ୍ତି ଉପସ୍ଥିତ ଅଛନ୍ତି…ମୋତେ ଏହାକୁ ଆପଣଙ୍କ ପାଇଁ ପଢିବାକୁ ଦିଅନ୍ତୁ:

> **ମୁଁ ରହିଥିଲି—ମୁଁ ପ୍ରଭୁଙ୍କୁ ନ ପାଇବା ପର୍ଯ୍ୟନ୍ତ ଅନେକ ବର୍ଷ ପାପରେ ବଞ୍ଚି ରହିଥିଲି । ଦୟାକରି, ଭାଇ ବ୍ରାନହାମ୍…**(ଦେଖନ୍ତୁ?) **…ମୁଁ ପୁନର୍ବାର ପାପ କରିଅଛି ଏବଂ ମୁଁ ଏହି ପବିତ୍ର ସ୍ଥାନରେ ଆପଣଙ୍କ ସମ୍ମୁଖରେ ଆସିବାକୁ ଯୋଗ୍ୟ ନୁହେଁ । ଦୟାକରି ମୋତେ କୁହନ୍ତୁ ଯଦି ମୁଁ ସମ୍ପୂର୍ଣ୍ଣ ଭାବେ ପୁନଃସ୍ଥାପିତ ହୋଇପାରେ କି ।**

99 ହଁ! ମୋର ବନ୍ଧୁ, ଆପଣ ଏଯାଏଁ ପରମେଶ୍ୱରଙ୍କ ସମ୍ମୁଖରେ, ଏପରି କୌଣସି ପାପ କରି ନାହାଁନ୍ତି ଯେଉଁଥିରୁକି ଆପଣଙ୍କୁ ପୁନରୁଦ୍ଧାର କରା ଯାଇ ନ ପାରେ । ଯଦି ଆପଣ ପାପ କରି ଏତେ ଦୂରକୁ ଚାଲି ଯାଇଛନ୍ତି ଯେ ଆପଣଙ୍କୁ ପୁନରୁଦ୍ଧାର କରା ଯାଇପାରେ ନାହିଁ, ତେବେ ଆପଣ କଦାପି ପୁନରୁଦ୍ଧାର ହେବାକୁ *ଚାହିଁବେ* ନାହିଁ । ଦେଖନ୍ତୁ? ଦେଖନ୍ତୁ? କିନ୍ତୁ ଯେପର୍ଯ୍ୟନ୍ତ ସେଠାରେ ଆପଣଙ୍କର ହୃଦୟ ସହିତ କିଛି ଗୋଟାଏ ବ୍ୟବହାର କରୁଅଛି, ଆପଣ ସେପର୍ଯ୍ୟନ୍ତ ପୁନରୁଦ୍ଧାରର ଧାଡିରେ ଅଛନ୍ତି ।

100 "ଯିଏ ଅଳ୍ପରେ ଦୋଷୀ ସମଗ୍ର ବିଷୟରେ ଦୋଷୀ ଅଟେ।" ମୁଁ ଅନେକ ଥର ପାପ କରିଛି, ପ୍ରତିଦିନ ଆମେମାନେ ସମସ୍ତେ ଏପରି କିଛି କାର୍ଯ୍ୟ କରିଥାଉ ଯାହା ଆମେ କରିବାକୁ ଚାହିଁ ନ ଥାଉ।

101 ଏହା ଆମ ହୃଦୟରେ ଅଟେ...ଆପଣ ସେହିପରି ହେବାକୁ ଚାହାଁନ୍ତି ନାହିଁ ନତୁବା ଆପଣ ଏହି ପ୍ରଶ୍ନ ପଚାରି ନ ଥାନ୍ତେ। ଦେଖନ୍ତୁ? ତାହା ନିଜେ ଏକ ପ୍ରମାଣ ଅଟେ ଯେ ପରମେଶ୍ୱର ଏବେ ସୁଦ୍ଧା ଆପଣଙ୍କ ସହିତ ବ୍ୟବହାର କରୁଛନ୍ତି। ଆପଣ ବୋଧହୁଏ ଅଧୀର ହୋଇଯାଇଛନ୍ତି, ବୋଧହୁଏ ଶୟତାନ ଆପଣଙ୍କୁ କହିଛି ଯେ ଆପଣ ପୁନରୁଦ୍ଧାର ହୋଇପାରିବେ ନାହିଁ। ସେ ମିଛ କହୁଛି, ନିଶ୍ଚିତ ଭାବରେ, ସେ କହୁଅଛି। କାରଣ, ଦେଖନ୍ତୁ, ଯଦି ସେଠାରେ ଏକ ଗଭୀର, ଡାକ ଦେଉଅଛି, ତେବେ ସେହି ଡାକରାକୁ ଉତ୍ତର ଦେବା ପାଇଁ କୌଣସିଠାରେ ଏକ ଗଭୀର ରହିବା ଆବଶ୍ୟକ। ଯଦି ସେଠାରେ କୌଣସି ବିଷୟ ପାଇଁ ଏକ ଭୋକ ରହିଛି, ତେବେ ସେହି କୌଣସି ବିଷୟଟିକୁ କୌଣସି ସ୍ଥାନରେ ରହିବାକୁ ଅଛି ନୋହିଲେ ଆପଣଙ୍କୁ ଏହା ପାଇଁ ଭୋକ ହେବ ନାହିଁ। ଦେଖନ୍ତୁ?

102 ଯେପରିକି ମୁଁ ଅନେକ ସମୟରେ କହିଅଛି। ଏହା ପୂର୍ବେ କି ଗୋଟିଏ ମାଛର ପିଠିରେ ଏକ ଡେଣା ରୁହନ୍ତା, ସେଠାରେ ତାକୁ ପହଁରିବା ପାଇଁ ପ୍ରଥମେ ଏକ ଜଳ ରହିବା ଆବଶ୍ୟକ ନୋହିଲେ ତାର କୌଣସି ଡେଣାର ଆବଶ୍ୟକ ନ ଥାଆନ୍ତା। ଏହା ପୂର୍ବେ କି ପୃଥିବୀରେ ବଢିବା ପାଇଁ ଏକ ବୃକ୍ଷ ରୁହନ୍ତା, ସେଠାରେ ଏକ ବୃକ୍ଷ ହେବା ପୂର୍ବରୁ ପ୍ରଥମେ ଏକ ପୃଥିବୀର ହେବା ଆବଶ୍ୟକ ଥିଲା, କାରଣ ଗଛକୁ ବଢିବା ପାଇଁ ପୃଥିବୀର ପ୍ରଥମେ ରହିବା ଆବଶ୍ୟକ ଅଟେ।

103 ବର୍ତ୍ତମାନ, ଏକ ସୃଷ୍ଟି ହେବା ପୂର୍ବରୁ, ସେହି ସୃଷ୍ଟିକୁ ସୃଷ୍ଟି କରିବା ପାଇଁ ଜଣେ ସୃଷ୍ଟିକର୍ତ୍ତାର ହେବା ଆବଶ୍ୟକ ଅଟେ। କଅଣ ଆପଣ ବୁଝୁଛନ୍ତି ଯେ ମୁଁ କଅଣ କହୁଛି? ତେବେ, ଯେପର୍ଯ୍ୟନ୍ତ ଆପଣ ପରମେଶ୍ୱରଙ୍କ ନିକଟକୁ ଫେରିବାକୁ ଚାହୁଁଛନ୍ତି ଏବଂ କ୍ଷୁଧିତ ଅଟନ୍ତି, ସେପର୍ଯ୍ୟନ୍ତ କୌଣସି ସ୍ଥାନରେ ଜଣେ ପରମେଶ୍ୱର ଅଛନ୍ତି ଯିଏକି ଆପଣଙ୍କୁ ଡାକୁଛନ୍ତି, ଦେଖନ୍ତୁ, ନୋହିଲେ ଆପଣ କ୍ଷୁଧିତ ହୁଅନ୍ତେ ନାହିଁ। ଜଣେ ସୃଷ୍ଟିକର୍ତ୍ତା ଅଛନ୍ତି!

104 ତେବେ, ଯଦି ଆପଣ...ଏପରି ଏକ ସ୍ଥାନ ଅଛି ଯାହାକି ଆପଣ ପାର ହୋଇପାରନ୍ତି ଯେଉଁଠାରୁକି ଆପଣ ଆଉ ଫେରି ଆସିପାରନ୍ତି ନାହିଁ, କିନ୍ତୁ ତାହା ସେତେବେଳେ ଅଟେ ଯେତେବେଳେ ଆପଣ ପୁନର୍ବାର ସେହି ସମାନ ଦୁରାବସ୍ଥାରେ ଥାଆନ୍ତି ଯେଉଁଥିରେ ଆପଣ ରହିଥିଲେ। ଏହା ଦର୍ଶାଇବାକୁ ଯାଏ ଯେ ଆପଣ କେବଳ ଅନୁଗ୍ରହରୁ ତଳକୁ *ଖସି* ଯାଇଛନ୍ତି। ପଶ୍ଚାତଗମନଟି ବିନଷ୍ଟ ହେବା ନୁହେଁ। ମୁଁ ଚାହେଁ ଯେ କେହି ମୋତେ ଜଣାନ୍ତୁ ଯେ କେଉଁଠାରେ ପଶ୍ଚାତଗମନଟି ବିନଷ୍ଟ ହେବା ଅଟେ, ଏବଂ ଏହାକୁ ବାଇବଲ ଦ୍ୱାରା ପ୍ରମାଣ କରନ୍ତୁ। ପଶ୍ଚାତଗମନକାରୀ ବିନଷ୍ଟ ନୁହେଁ, ସେ ତ କେବଳ ସହଭାଗୀତାଠାରୁ ବାହାର ହୋଇଯାଇଛି।

105 ଇସ୍ରାଏଲ୍ ପଶ୍ଚାତଗମନ ହୋଇଥିଲେ କିନ୍ତୁ ସେମାନେ କଦାପି ନିଜର ନିୟମକୁ ହରାଇ ନ ଥିଲେ, ସେମାନେ କେବଳ ସେମାନଙ୍କର—ସେମାନଙ୍କର ପ୍ରଶଂସା ଓ ଆନନ୍ଦକୁ ହରାଇଥିଲେ ।

106 ଦାଉଦ ନିଜର ପରିତ୍ରାଣର ଆନନ୍ଦକୁ ହରାଇଥିଲେ ଯେତେବେଳେ ସେ ଉରିୟଙ୍କ ପତ୍ନୀ, ବାତ୍‌ଶେବାଙ୍କୁ ଗ୍ରହଣ କରିଥିଲେ, କିନ୍ତୁ ସେ କଦାପି ନିଜର ପରିତ୍ରାଣକୁ ହରାଇ ନ ଥିଲେ । ସେ କେବେ ବି କହିଲେ ନାହିଁ "ମୋର ପରିତ୍ରାଣକୁ ମୋତେ ଫେରାଇ ଦିଅ," କହିଲେ, "ମୋ ଠାରେ ମୋର ପରିତ୍ରାଣର *ଆନନ୍ଦ*କୁ ପୁନଃସ୍ଥାପନ କର ।"

107 ଓଃ, ଆଜି ଏହି ଆଇନଗତ ବିଧିର ପ୍ରଣୟନ ବହୁତ ଚାଲିଛି, ସେହି "ସ୍ପର୍ଶ କର ନାହିଁ, ଆସ୍ୱାଦନ କର ନାହିଁ ।" ଆପଣ ଆଇନଗତ ଭାବରେ କାର୍ଯ୍ୟ କରନ୍ତି ନାହିଁ ।

108 ଆଜି ରାତିରେ ମୁଁ ଏହି ଗୀର୍ଜାକୁ ଆଇନଗତ ଭାବରେ ଆସି ନାହିଁ । ମୁଁ କ୍ଲାନ୍ତ ଅନୁଭବ କରୁଛି, ମୁଁ—ମୁଁ—ମୁଁ ଅଧୀର ହୋଇ ରହୁଛି, ମୁଁ ବିବ୍ରତ ଅଟେ, ମୁଁ ଏପରି କିଛି ବିଷୟରେ ଚିନ୍ତା କରୁଛି ଯାହାକି ମୋ ସମ୍ମୁଖରେ ଅଟେ, ମୋର ହୃଦୟ ଜଳୁଛି, ପୁଣି ଏପରିକି ଯେତିକି ମୋ ହୃଦୟ ଉତ୍‌ଫୁଲ୍ଲିତ ହେଉଅଛି । ଠିକ ଏହି ମୁହୂର୍ତ୍ତରେ ମୋର ଏକ କଷ୍ଟ, ଯନ୍ତ୍ରଣା ହେଉଅଛି, ଠିକ କେବଳ *ଏଠାରେ* ଆଗକୁ ପଛକୁ ହେଉଥିବା, ଉପରକୁ ଏବଂ ତଳକୁ ହେଉଥିବାବେଳେ । ଦୁର୍ବଳ, ଅଧୀର, କମ୍ପିତ; *ଏଠାରେ* ଏହାକୁ ଧରନ୍ତୁ ଏବଂ ଚିପି ଦିଅନ୍ତୁ; ମୋ ଜୋତା ଭିତରେ ମୋର ଆଙ୍ଗୁଠି ଚିପି ହୋଇଯାଇଛି । ମୁଁ ଏଠାକୁ ଆସିବା ଛଡା ଅନ୍ୟ ସବୁକିଛି ଅନୁଭବ କଲି । ତେବେ, ମୁଁ କାହିଁକି ଆସିଲି? କାରଣ ମୁଁ ପରମେଶ୍ୱରଙ୍କୁ ପ୍ରେମ କରେ । ମୁଁ ବଞ୍ଚେ କିମ୍ବା ମରେ, ମୋତେ ନିଶ୍ଚିତରେ ତାହାଙ୍କ ପାଇଁ ଏଠାରେ ଠିଆ ହେବାକୁ ଅଛି । ଏହା ଏଇଥି ପାଇଁ ନୁହେଁ ଯେ ମୁଁ ତାହା କରିବାକୁ ବାଧ୍ୟ । ମୁଁ କଲି କି ନାହିଁ ସେ ତାହା ବିଷୟରେ ଚିନ୍ତା ବି କରନ୍ତି ନାହିଁ । ମୁଁ… ଯଦି ମୁଁ ମରେ ତେବେ, ଯାହାହେଲେ ବି ମୁଁ ସ୍ୱର୍ଗକୁ ଯାଏ । କିନ୍ତୁ ମୁଁ ଏଇଥି ପାଇଁ ଆସୁଛି କାରଣ ମୁଁ ତାହାଙ୍କୁ ପ୍ରେମ କରେ । ଆପଣ ପରମେଶ୍ୱରଙ୍କ ସେବା ଏଇଥି ପାଇଁ କରନ୍ତି କାରଣ ଆପଣ ତାହାଙ୍କୁ ପ୍ରେମ କରନ୍ତି, ଏଇଥି ପାଇଁ ନୁହେଁ ଯେ ଆପଣଙ୍କୁ ତାହା କରିବାକୁ ଅଛି । କାରଣ ଆପଣ ତାହାଙ୍କୁ ଯଥେଷ୍ଟ ପ୍ରେମ କରନ୍ତି!

109 ମୁଁ ମୋ ପତ୍ନୀଙ୍କ ପ୍ରତି ଏଥି ଯୋଗୁଁ ସଚ୍ଚୋଟ ନୁହେଁ ଯେ କାରଣ ମୁଁ ଭୟ କରେ ଯେ ସେ ମୋତେ ଛାଡପତ୍ର ଦେଇ ଦେବେ । ମୁଁ ତାଙ୍କ ପ୍ରତି ସଚ୍ଚୋଟ ଅଟେ କାରଣ ମୁଁ ତାଙ୍କୁ ପ୍ରେମ କରେ । ଜଗତରେ ତାଙ୍କ ବ୍ୟତୀତ ଅନ୍ୟ କୌଣସି ମହିଳା ନାହାଁନ୍ତି । ସେହି କାରଣରୁ ମୁଁ ତାଙ୍କ ପ୍ରତି ସଚ୍ଚୋଟ ଅଟେ । ଏହି କାରଣରୁ ନୁହେଁ…ଯଦି ମୁଁ ଏକ ଭୁଲ କରିଥାଏ ଏବଂ ସେମାନେ ଭାବନ୍ତି ଯେ ମୁଁ କିଛି ଭୁଲ କରିଛି, ତାଙ୍କ ପାଖକୁ ଆସେ, କୁହେ, "ମେଡା, ପ୍ରିୟେ, ମୋର ତାହା କରିବାର ଅଭିପ୍ରାୟ ନ ଥିଲା ।" ସେ ଏଥିପାଇଁ ମୋତେ କ୍ଷମା କରିଦେବେ, ମୁଁ ଜାଣେ ଯେ ସେ କରି ଦେବେ । ମୁଁ ତାଙ୍କୁ କ୍ଷମା କରିଦେବି; ମୁ ତାଙ୍କୁ ପ୍ରେମ କରେ । କିନ୍ତୁ ମୁଁ—ମୁଁ ତାଙ୍କୁ କ୍ଷମା କରିଦେବି; ସେ ମୋତେ କ୍ଷମା କରି ଦେବେ । ମାତ୍ର ମୁଁ ଏହାକୁ ବିନା କୌଣସି କାରଣରେ

କରିବି ନାହିଁ, ମୁଁ ତାଙ୍କୁ ଏତେ ପ୍ରେମ କରେ ଯେ ମୁଁ ତାହା କରିବି ନାହିଁ। ଏହା ଏଇଥି ପାଇଁ ନୁହେଁ କାରଣ ମୁଁ ଭାବି ନାହିଁ ଯେ ସେ ମୋତେ କ୍ଷମା କରି ଦେବେ, ଏହା ତ ସେହି ବିଚାର ଅଟେ ଯେ ମୁଁ ତାଙ୍କୁ ଏତେ ପ୍ରେମ କରେ ଯେ ପ୍ରଥମ ସ୍ଥାନରେ ମୁଁ ତାହା କରିବି ହିଁ ନାହିଁ। ଏବଂ ଯେପର୍ଯ୍ୟନ୍ତ ମୁଁ ତାଙ୍କୁ ସେହିପରି ପ୍ରେମ କରୁଥାଏ, ମୁଁ ତାହା କେବେବି କରିବି ନାହିଁ; ଏବଂ ଯଦି ସେ ମୋତେ ସେହିପରି ପ୍ରେମ କରୁଥାନ୍ତି ଯେପରିକି ତାଙ୍କୁ କରିବା କଥା, ତେବେ ସେ ମଧ୍ୟ ତାହା କରିବେ ନାହିଁ।

110 ଏବଂ ଯେପର୍ଯ୍ୟନ୍ତ ଆପଣ ନିଜ ସମସ୍ତ ହୃଦୟରେ ପ୍ରଭୁଙ୍କୁ ପ୍ରେମ କରନ୍ତି, ଆପଣଙ୍କୁ ଏହି ଜିନିଷଗୁଡ଼ିକ ବିଷୟରେ ଚିନ୍ତା କରିବାକୁ ପଡ଼େ ନାହିଁ। ଯଦି ଆପଣ ଏକ ଭୁଲ୍ କରି ଦିଅନ୍ତି, ଆପଣା ଜାଣିଶୁଣି ପାପ କରନ୍ତି ନାହିଁ, ଆପଣ କେବଳ କିଛି ଭୁଲ୍ କରି ପକାଇଲେ। ଦେଖନ୍ତୁ, ଆପଣ ପଛକୁ ଖସିଗଲେ। ସତ, ଆପଣ ଏଠାରେ ସହଭାଗୀତାରେ ଥିଲେ, ଆପଣ ପୁଣି ଥରେ ଏଠାରେ ଏହି ମଇଳାରେ ପଡି ଯାଇଛନ୍ତି।

111 କିନ୍ତୁ ଏହା କଅଣ ଅଟେ? ଏହା ଏକ—ଏକ ଉତ୍କ୍ରୋଶ ପକ୍ଷୀ ପରି ଅଟେ। ଥରେ ମୁଁ ଦେଖିଲି...ସିନ୍‌ସିନାଟି ପ୍ରାଣୀ ଉଦ୍ୟାନରେ ଏଠାରେ ଉପରେ, ମୁଁ ସାରାଙ୍କୁ ନେଇ ସେଠାକୁ ଯାଉଥିଲି। ଯଦି ଏପରି କିଛି ମୁଁ ଦେଖିଥିଲି ଯାହା ମୋତେ ଆଘାତ କରିଥିଲା, ତାହା ହେଉଛି କିଛି ଗୋଟାଏ ବନ୍ଦୀ ହୋଇଥିବାର ଦେଖିବା।

112 ମୁଁ କାହାରିକୁ ଗୋଟିଏ ପିଞ୍ଜରା ଭିତରେ ରହିଥିବାର ଦେଖିପାରେ ନାହିଁ, ଏପରିକି ଛୋଟ ପକ୍ଷୀ ସୁଦ୍ଧା ନୁହେଁ। ଏବଂ ମୁଁ ଜାଣେ ଯେ ଆପଣ ମହିଳାମାନେ ଛୋଟ ଛୋଟ ପକ୍ଷୀମାନଙ୍କୁ ରଖନ୍ତି, ଆପଣ ସେମାନଙ୍କୁ ଛାଡି ଦିଅନ୍ତୁ।

113 ମୁଁ ଯେତେବେଳେ ଏକ ଛୋଟ ବାଳକ ଥିଲି ମୁଁ କହୁଥିଲି, "ଯଦି ମୁଁ କେବେ ଏକ ସୁଯୋଗ ପାଏ, ଯେତେବେଳେ ମୁଁ ଜଣେ ପୁରୁଷ ହୁଏ, ମୁଁ ପ୍ରତ୍ୟେକ ଘରକୁ ଚୁପ୍ କରି ଯିବି ଓ ସେହି ବେଚାରା ପକ୍ଷୀମାନଙ୍କୁ ମୁକ୍ତ କରି ଦେବି।" ହଁ, ଆଜ୍ଞା। ମୁଁ କହୁଥିଲି...ସେଠାରେ ଗରମ ଖରାରେ ବସି ରହିଥିଲି, ଏବଂ ସେମାନେ କହିଥିଲେ, "ହା, ହା, ହା," ଏବଂ କେଉଁଠାରେ ଗୋଟାଏ ପଛ ପଟ ବାରଣ୍ଡାରେ ମହିଳା ଜଣକ ସିଗାରେଟ୍ ଟାଣୁଥିଲେ, ଏବଂ ସେଠାରେ ସେହି ବେଚାରା ଛୋଟ ପକ୍ଷୀଟା ଗରମରେ ଜଳୁଥିଲା। ସେ ଏହା ବିଷୟରେ କିଛି କରିପାରି ନ ଥିଲା, ତାକୁ କେବଳ ସେଠାରେ ବସି ରହିବାକୁ ଥିଲା। ମାତ୍ର ସେ ସେଥିପାଇଁ ଜନ୍ମ ହୋଇ ନ ଥିଲା! ମୁଁ ଭାବିଲି, "ପିଲା, ଯଦି ମୁଁ ସେଠାକୁ ଚୁପ୍ କରି ଯାଇପାରେ ଓ ତାକୁ ମୁକ୍ତ କରି ଦେଇପାରେ, ସେ ବହୁତ ଦିନ ସେଠାରେ ବଞ୍ଚିବ ନାହିଁ।" ଦେଖନ୍ତୁ?

114 ମୁଁ କୌଣସି ବି ବିଷୟ ବନ୍ଦୀ ହୋଇଥିବାର ଦେଖିବାଟା ଘୃଣା କରେ। ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଦେଖିବାକୁ ଘୃଣା କରେ ଯିଏକି ଆପଣାକୁ *ଖ୍ରୀଷ୍ଟିଆନ* ବୋଲି କୁହାଇଥାଏ ମାତ୍ର ତାହାପରେ ଏକ ପ୍ରକାର ମଣ୍ଡଳୀର ରୀତି ନୀତି ସହିତ ବନ୍ଦୀ ଥାଏ, "ମୁଁ କହିପାରେ ନାହିଁ,

'ଆମେନ୍।' ମୁଁ—ମୁଁ *ତାହା* ଉପରେ ବିଶ୍ୱାସ କରିପାରେ ନାହିଁ। ପାଳକ କୁହନ୍ତି, 'ଏହାକୁ ବିଶ୍ୱାସ କର ନାହିଁ।'" ଓଃ, ମୋର, ପ୍ରଭୁ! ଆପଣ ତ ଉନ୍ମୁକ୍ତ ଭାବେ ଜନ୍ମ ହୋଇଛନ୍ତି।

115 ତାହାହେଲେ ଏକ ବଡ଼ ଉତ୍କ୍ରୋଶ ପକ୍ଷୀ ବିଷୟରେ କଅଣ ଅଟେ? ସେ ଏକ ସ୍ୱର୍ଗୀୟ ପକ୍ଷୀ। ସେ ତ ମେଘମାଳାର ଅତି ଉଚ୍ଚରେ ବାସ କରେ। ସେଠାକୁ ତ ସେ ସକାଳରେ ଯାଏ। ଏତେ ଉଚ୍ଚ, ଅନ୍ୟ କିଛି ତାକୁ ଅନୁସରଣ କରିପାରେ ନାହିଁ! ଅନ୍ୟ ପକ୍ଷୀ ନୁହେଁ...ଯଦି ସେ ତାକୁ ଅନୁସରଣ କରିବାକୁ ଚେଷ୍ଟା କରେ ତେବେ ସେ ତ ଆକାଶରେ ହିଁ ବିନଷ୍ଟ ହୋଇଯିବ। ସେ ଏକ ବିଶେଷ-ନିର୍ମିତ ପକ୍ଷୀ ଅଟେ।

116 ଏବଂ ତାହାପରେ କେହି ଜଣେ ତାକୁ ମନୁଷ୍ୟ-କୃତ ଜାଲରେ ଧରି ପକାଇଥିଲେ, ସେ ଏହି ବଡ ଉତ୍କ୍ରୋଶ ପକ୍ଷୀକୁ ଧରି ତାକୁ ଏହି ପିଞ୍ଜରାରେ ରଖିଥିଲେ। ଏବଂ ସେହି ବେଚାରା ପୁରୁଣା ପକ୍ଷୀଟି...ମୁଁ ତା ଆଡକୁ ଅନାଇଲି ଓ ମୋର ହୃଦୟ କେବଳ ମର୍ମାହତ ହେଲା। ସେ ସେହି ପାର୍ଶ୍ୱକୁ *ସେହିପରି* ଭାବରେ ଚାହିଁଲା ଏବଂ ସେ ସେହି ପିଞ୍ଜରାରୁ କିପରି ବାହାରିବ ଜାଣି ନ ଥିଲା। ସେ ତ କେବଳ ସେଠାରେ ଗୋଟିଏ ପଟକୁ ଯାଇଥାଏ, ଆଉ ସେ—ସେ ଜାଣିଥିଲା ଯେ ସେ କିପରି ଉପରକୁ ଉଠିଥାଏ, ଏବଂ ସେ ନିଜର ଡେଣାଗୁଡିକୁ ବାଡେଇବାକୁ ଆରମ୍ଭ କରେ। ଏବଂ ଏଠାରେ ସେ ଉପରକୁ ଉଠେ, ସେ ନିଜର ମୁଣ୍ଡକୁ ସେହି ଲୁହା ଛଡ ବିରୁଦ୍ଧରେ ବାଡେଇ ହୁଏ ଓ ନିଜର ଡେଣାରୁ ପରଗୁଡିକୁ ଝଡାଇ ଦିଏ, ଏଠାରେ ଡେଣାର ପରଗୁଡିକ, ପୁଣି ତାର ମୁଣ୍ଡରେ ସର୍ବତ୍ର ମାଡ ହୁଏ, ଏପରିକି ତାହା ରକ୍ତସ୍ରାବ ହେବାକୁ ଲାଗେ। ସେ ସେହି ଲୁହ ଛଡକୁ ଏତେ ଜୋରରେ ମାରେ ଯେ ଏହା ତାକୁ ତାର ପିଠିରେ କଚାଡି ପକାଇ ଦିଏ। ଏବଂ ସେ ସେଠାରେ ପଡି ରୁହେ ଓ ସେହି କ୍ଲାନ୍ତ-ଦିଶୁଥିବା ଆଖିକୁ ଉପର ତଳ କରେ, ସେହି ଆକାଶ ଆଡକୁ ଅନାଏ, "ମୁଁ ତ ସେଠାକାର ଅଟେ। ସେଠାରେ ମୋର ଘର ଅଛି। ମୁଁ ତ ସେହି ସ୍ଥାନ ନିମନ୍ତେ ଜନ୍ମ ହୋଇଥିଲି। କିନ୍ତୁ, ଦେଖନ୍ତୁ, ମୋର ଏବଂ ତାହା ମଧ୍ୟରେ ଏକ ପିଞ୍ଜରା ଅଛି। ତେବେ, ଗୋଟିଏ ମାତ୍ର ବିଷୟ କେବଳ ମୁଁ ଜାଣେ, ମୁଁ ଏଥିରେ ମୋର ବୁଦ୍ଧି ଲଗାଇଲି ଓ ମୁଁ ଏଠାକୁ ଆସିଅଛି," ଏବଂ "ଧଡାମ୍," ସେ ପୁନର୍ବାର ସେଥିରେ ବାଡେଇ ହୁଏ।

117 ମୁଁ ଭାବିଲି, "ଓଃ, ମୋର ପ୍ରଭୁ, କଅଣ ତାହା ଭୟଙ୍କର ନୁହେଁ! ମୋର କେତେ ଇଚ୍ଛା ଯେ ଯଦି ସେମାନେ ମୋତେ ତାହାକୁ ବିକ୍ରୟ କରି ଦିଅନ୍ତେ। ତାକୁ କିଣିବା ପାଇଁ ମୁଁ ମୋର ଫୋର୍ଡ ଗାଡିକୁ ବିକ୍ରୀ କରି ଦେବି, ଦେଖନ୍ତୁ, କେବଳ ତାକୁ ମୁକ୍ତ କରିବାକୁ।" ଦେଖନ୍ତୁ? ଓଃ, ଏହା ମୋତେ ଏତେ ଖରାପ ଅନୁଭବ କରାଇଲା, ସେଠାରେ ସେହି ବେଚାରା ବଡ ପକ୍ଷୀ, ପରଗୁଡିକୁ ବାଡେଉଥିଲା...ମୁଁ ଭାବିଲି, "ତାହା ତ ମୁଁ କେବେ ଦେଖିଥିବା ସବୁଠାରୁ ଭୟଙ୍କର ଦୃଶ୍ୟ ଅଟେ।"

118 ନା, ମୁଁ ଏହାକୁ ଫେରାଇ ନିଏ, ସବୁଠାରୁ ଭୟଙ୍କର ଦୃଶ୍ୟ ଯାହା ମୁଁ କେବେ ଦେଖିଅଛି ତାହା ହେଲା ଜଣେ ବ୍ୟକ୍ତି ଯିଏକି ପରମେଶ୍ୱରଙ୍କ ପୁତ୍ର ହେବା ନିମନ୍ତେ ଜନ୍ମ ହୋଇଥିଲେ ଏବଂ ତାହାପରେ କୌଣସି ଧର୍ମ ମତରେ ବନ୍ଧିତ ହୋଇଗଲେ। ଏବଂ ସେ ସେଠାରେ ଉପରକୁ ଚାହିଁ

ଜଣେ ପରମେଶ୍ୱରଙ୍କୁ ଦେଖେ ଯାହାଙ୍କୁ ସେ ପ୍ରକୃତରେ ସେବା କରିବାକୁ ଚାହେଁ, କିନ୍ତୁ ସେ ତାହା କରିପାରେ ନାହିଁ। ସେମାନେ ତାଙ୍କୁ ତାହା କରିବାକୁ ଦିଅନ୍ତି ନାହିଁ, ଦେଖନ୍ତୁ, ବନ୍ଦୀ କରି ଦେଇଛନ୍ତି। ତାହା ଏକ ଭୟଙ୍କର ବିଷୟ ଅଟେ।

119 ହଁ, ହଁ, ଭଉଣୀ, ଭାଇ, ଯିଏ କେହି ବି ଏହାକୁ ଲେଖିଛନ୍ତି, ଯଦି ଆପଣ *ଏଠାରେ* ପତିତ ହୋଇଯାଇଛନ୍ତି ତାହାର ଅର୍ଥ ନୁହେଁ ଯେ ଆପଣ ବିନଷ୍ଟ ଅଟନ୍ତି। ଆପଣ ତ କେବଳ ଗୋଟିଏ ଉତ୍କ୍ରୋଶ ପକ୍ଷୀ ପରି ଅଟନ୍ତି ଯିଏକି ଏକ ପିଞ୍ଜରାରେ ବନ୍ଦୀ କରା ଯାଇଅଛି, ତାହାହିଁ ସବୁ ଅଟେ। ଆପଣଙ୍କୁ ପୁଣି ଥରେ ଏଠାରେ ତଳେ ପାପରେ ବନ୍ଦୀ-କରାଯାଇଅଛି। ଆପଣ ସେଠାରେ ରହିବାକୁ ଚାହୁଁ ନାହାଁନ୍ତି, ସେହି କାରଣରୁ ଆପଣ ଉପରକୁ ଅନାଉଛନ୍ତି। ସେଠାରେ ଆପଣ ଅଛନ୍ତି, "ଓଃ, ଭାଇ ବ୍ରାନହାମ୍, ମୁଁ ଥରେ ସେଠାରେ ରହୁଥିଲି, କଅଣ ଏଠାରେ ଏକ ଉପାୟ ଅଛି କି?" ହଁ।

120 ମୋତେ ଗୋଟିଏ ଦିନ ବିଷୟରେ ମନେ ପକାଏ (ଓଃ, ଏକ ଛୋଟ ପିଲା) ମୁଁ କୃଷି କ୍ଷେତ୍ରର ଚାରିପାଖରେ ବୁଲୁଥିଲି, ଆଉ ସେଠାରେ ଥିଲା...କେହି ଜଣେ ଗୋଟେ ପୁରୁଣା କାଉକୁ ସେଠାରେ ବାନ୍ଧି ରଖିଥିଲା ଯେପରିକି ତାହା ସେଗୁଡିକୁ ଶସ୍ୟରୁ ଘଉଡାଇ ଦିଏ। ଏବଂ ସେହି ବେଚାରା ପକ୍ଷୀଟା ଭୋକରେ ପ୍ରାୟଃ ମରିବା ଉପରେ ଥିଲା। ମୁଁ ତାହା କରିବା ହେତୁ ସେତିକି ନିଷ୍ଠୁର ହୋଇପାରିବି ନାହିଁ। ସେ ସେହି ପୁରୁଣା କାଉକୁ ପାଦରେ ବାନ୍ଧି ଦେଇଥିଲା, ଏବଂ ସେହି ପକ୍ଷୀ ତାର ଚାରି ପାଖରେ ଥିବା ସବୁକିଛି ଖାଇ ସାରିଥଲା, ସେ ଆଉ କିଛି ପାଇ ପାରୁ ନ ଥିଲା। କୃଷକ ତାକୁ ଛାଡି ଚାଲି ଯାଇଥିଲା। ଏବଂ ସେ ଏତେ ଦୟନୀୟ ଅବସ୍ଥାରେ ଥିଲା ଯେ ଏପରିକି ସେ—ସେ ଉଠି ପାରୁ ନ ଥିଲା। କେବଳ ସେ...ଏବଂ କାଉମାନେ ଉପରୁ ଉଡ଼ି କରି ଯାଉଥିଲେ ଓ କହୁଥିଲେ, "କାଆ, କାଆ, କାଆ।" ଅନ୍ୟ ଶବ୍ଦରେ, କହିବାକୁ ଗଲେ, "ଆସ, ଜନି କାଉ! ଶୀତଦିନ ଆସୁଛି, ଆସ ଦକ୍ଷିଣକୁ ଯିବା!" କିନ୍ତୁ ସେ ତାହା କରିପାରୁ ନ ଥିଲା, ସେ ବନ୍ଧା ହୋଇଥିଲା।

121 ତେଣୁକରି ଦିନେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଆସିଲେ ଓ ସେହି ବେଚାରା କାଉକୁ ଦେଖିଲେ, ତେଣୁ ସେ କେବଳ ଯାଇ ତାକୁ ଧରିଲେ ଏବଂ ତାର ବନ୍ଧନକୁ ଖୋଲିଦେଲେ, ଓ କହିଲେ, "ଯା, ପିଲା, ତୁ ମୁକ୍ତ ଅଟୁ।" ଦେଖନ୍ତୁ? ଏବଂ ତେଣୁକରି ତାହାପରେ, ପ୍ରଥମ ବିଷୟ ଆପଣ ଜାଣିଛନ୍ତି, ସେ ଚାରି ପାଖରେ ବୁଲିବାକୁ ଲାଗିଲା।

122 ଏଠାରେ କାଉମାନେ ଆସିଲେ, ପାଟି କରିବାକୁ ଲାଗିଲେ, "ଆସ, ଜନି କାଉ! କାଆ, କାଆ, କାଆ! ଆସ ଦକ୍ଷିଣକୁ ଯିବା, ଶୀତ ଆସୁଛି। ତୁମେ ଥଣ୍ଡାରେ ବରଫ ଜମି ମରିଯିବ।"

123 ଯଦି ସେ ପଛକୁ ଅନାଇ ପାରୁଥାନ୍ତା, କହି ପାରନ୍ତା, "ତାହା କରିପାରେ ନାହିଁ।" ଦେଖନ୍ତୁ, ସେ ବନ୍ଧା ହୋଇ ରହିଥିବାରେ ଏତେ ଅଭ୍ୟସ୍ତ ଥିଲା ଯେ, ଦେଖନ୍ତୁ, ସେ କେବଳ ଭାବିଲା ଯେ ସେ ଏବେ ସୁଦ୍ଧା ବନ୍ଧା ହୋଇଅଛି।

124 ଆପଣ ହୁଏତ ଭାବି ପାରନ୍ତି ଯେ ଆପଣ ମଧ୍ୟ, ବନ୍ଧା ହୋଇଛନ୍ତି, ଭାଇ, ଭଉଣୀ, ଯିଏ ବି ଏହି ପ୍ରଶ୍ନକୁ ଲେଖିଛନ୍ତି। ଆପଣ ହୁଏତ ଭାବି ପାରନ୍ତି ଯେ ଶୟତାନ ଆପଣଙ୍କୁ ସେଠାରେ ତଳେ ବାନ୍ଧି ରଖିଛି, କିନ୍ତୁ ସେ ମିଛ କହୁଛି। ଥରେ ଗୋଟିଏ ସମୟରେ ଜଣେ ବ୍ୟକ୍ତି ପୃଥିବୀକୁ ଆସିଥିଲେ, ଯୀଶୁ ଖ୍ରୀଷ୍ଟ, ପରମେଶ୍ୱରଙ୍କ ପୁତ୍ର, ସେ ଆପଣଙ୍କର ବନ୍ଧନକୁ ଖୋଲିଦେଲେ। ଆପଣ ଏହାକୁ ବିଶ୍ୱାସ କରନ୍ତୁ ନାହିଁ; ଆପଣଙ୍କୁ ସେଠାରେ ତଳେ ରହିବାର କୌଣସି ଆବଶ୍ୟକତା ନାହିଁ, ନା, ମହାଶୟ, ଆପଣ ମୁକ୍ତ ଅଟନ୍ତି। ତାହା ଠିକ୍। ଆପଣଙ୍କର ପାପଗୁଡିକୁ ଦୂର କରିବା ପାଇଁ ସେ ଆପଣଙ୍କ ସ୍ଥାନରେ ମୃତ୍ୟୁବରଣ କଲେ। ଆପଣ କେବଳ ତାହାଙ୍କ ଉପରେ ବିଶ୍ୱାସ କରନ୍ତୁ, ନିଜର ଡେଣାଗୁଡିକୁ ଆହୁଲା ଦିଅନ୍ତୁ ଓ ଅବଶିଷ୍ଟଙ୍କ ସହିତ ଉଡି ଯାଆନ୍ତୁ। ଶୟତାନର ସେହି ଗର୍ତ୍ତରେ ରୁହନ୍ତୁ ନାହିଁ। ନା, ଆଜ୍ଞା।

ବର୍ତ୍ତମାନ। **କଅଣ ଆପଣ ମୋ ଉପରେ ହାତ ରଖିବେ ଓ ସେଥିରୁ ମୁକ୍ତ କରିଦେବେ କି?**

125 ପ୍ରିୟ ଭଉଣୀ କିମ୍ବା ପ୍ରିୟ ଭାଇ, ନିଶ୍ଚିତରେ, ମୁଁ ଆପଣଙ୍କ ଉପରେ ହାତ ରଖିବି, କିନ୍ତୁ ତାହା ଆପଣଙ୍କୁ ମୁକ୍ତ କରିବ ନାହିଁ। ଆପଣଙ୍କୁ ଯାହା ମୁକ୍ତ କରିବ, ଆପଣ…ଏହା ବୁଝିବା ଯେ ଆପଣ ପୂର୍ବରୁ ମୁକ୍ତ ଅଟନ୍ତି। ଆପଣଙ୍କର ବନ୍ଧନ ତ ପୂର୍ବରୁ ଖୋଲା ଯାଇଅଛି। ଆପଣଙ୍କୁ ମୁକ୍ତ ହେବା ବିଷୟରେ ଚିନ୍ତା କରିବାକୁ ପଡ଼େ ନାହିଁ, ଆପଣ ତ ପୂର୍ବରୁ ମୁକ୍ତ ଅଟନ୍ତି! ଯୀଶୁ ଆପଣଙ୍କୁ ମୁକ୍ତ କରିଛନ୍ତି। ଦାସତ୍ୱର ଯୁଆଳିରେ ଜଡିତ ହୁଅନ୍ତୁ ନାହିଁ। ଆପଣ ସେତିକି ମୁକ୍ତ ଅଟନ୍ତି ଯେତିକି ଆପଣ ହୋଇପାରନ୍ତି। ଆପଣଙ୍କୁ ଜଡିତ ହେବାର କୌଣସି ଆବଶ୍ୟକତା ନାହିଁ। ଆପଣଙ୍କ ଉପରେ ମୋ ହାତ ରଖିବା କେବଳ ଏକ ପରମ୍ପରା ଅଟେ। ଆମେ ତାହା କରିପାରୁ। ତାହା, କାହିଁକି, ମୁଁ ତାହା କରିପାରିବି, କିନ୍ତୁ ତାହା ତଥାପି ଆପଣଙ୍କୁ ମୁକ୍ତ କରିବ ନାହିଁ ଯେପର୍ଯ୍ୟନ୍ତକି ଆପଣ ତାହା ଗ୍ରହଣ ନ କରନ୍ତି ଯାହା ସେ ଆପଣଙ୍କ ପାଇଁ କରିଛନ୍ତି; ତାହା ତ କେବଳ ମୁଁ କହୁଛି "ପ୍ରଭୁ, ମୁଁ ଏହାକୁ ବିଶ୍ୱାସ କରେ।"

126 ତେବେ, ଆପଣ କେବଳ ତାହାଙ୍କ ଉପରେ ବିଶ୍ୱାସ ଦ୍ୱାରା ନିଜର ହାତକୁ ରଖନ୍ତୁ, କୁହନ୍ତୁ, "ପ୍ରଭୁ, ମୁଁ ଏହାକୁ ବିଶ୍ୱାସ କରେ," ଆପଣ ଉପରକୁ ଆସନ୍ତି। ତାହା ଠିକ୍, ନିଜର ପାପ ସ୍ୱୀକାର କରନ୍ତୁ। ଦେଖନ୍ତୁ, "ଯିଏ ଆପଣା ପାପଗୁଡିକୁ ଲୁଚାଏ ସେ ସଫଳ ହେବ ନାହିଁ, ନିଜର ପାପଗୁଡିକୁ ଆଚ୍ଛାଦନ କରେ। କିନ୍ତୁ ଯିଏ ଆପଣା ପାପଗୁଡିକୁ ସ୍ୱୀକାର କରିବ…" ସେଠାରେ ହିଁ ଆପଣ ସ୍ୱାଧୀନତା ଏବଂ ଧାର୍ମିକତା ପାଆନ୍ତି, ଯେତେବେଳେ ଆପଣ ଏହା କହିବାକୁ ଇଚ୍ଛା କରନ୍ତି "ମୁଁ ପାପ କରିଛି, ମୁଁ ଭୁଲ ଅଟେ।" ତାହା ହିଁ ଅଟେ ଯାହା ଆପଣ ଏଠାରେ କହିଲେ:

**ମୁଁ ପତିତ ହୋଇଛି, ମୁଁ ପାପ କରିଛି। ମୁଁ ସମ୍ପୂର୍ଣ୍ଣ ଭାବେ ଭୁଲ୍ ଅଟେ। କଅଣ ମୋ ପାଇଁ ପୁଣି ଥରେ ସମଗ୍ର ଭାବରେ ସୁସ୍ଥ ହେବାର ଏକ ସୁଯୋଗ ଅଛି କି?**

127 ଅବଶ୍ୟ! ଯେଉଁ କ୍ଷଣି ଆପଣ ଏହା ଇଚ୍ଛା କରନ୍ତି, ତାହା ଏହା ଦର୍ଶାଏ ଯେ ପରମେଶ୍ୱର ଆପଣଙ୍କୁ ଉଠାଇବା ପାଇଁ ସେହି ଜୀବନରେଖାକୁ ତଳକୁ ଖସାଇ ଦେଇଛନ୍ତି। କେବଳ

ତାହାଙ୍କ ବିଶ୍ୱାସ ଓ ପ୍ରାର୍ଥନାର ଜୀବନରେଖାରେ ଉପରକୁ ଉଠନ୍ତୁ, ସେହିଭଳି ଭାବରେ ଅବଶିଷ୍ଟ ଉତ୍କ୍ରୋଶ ପକ୍ଷୀଗୁଡିକ ନିକଟକୁ ଠିକ ଉପରକୁ ଉଠି ଯାଆନ୍ତୁ, ଡେଣାକୁ ଗତୀୟମାନ କରି ଉଡ଼ିଯାଆନ୍ତୁ। ତାହା ଠିକ୍।

128 ହଁ, ହାତ ରଖିବା, ତାହା ତ—ତାହା ତ ଏକ ଭଲ କଥା, ମୁଁ ସେଥିରେ ବିଶ୍ୱାସ କରେ। ମୁଁ ହାତ ରଖିବାରେ ବିଶ୍ୱାସ କରେ, ନିଶ୍ଚିତରେ ମୁଁ କରେ। କିନ୍ତୁ ଏହା ତାହା ନୁହେଁ ଯାହାକି ଏହାକୁ କରେ। ମୁଁ ସପ୍ତାହ ସାରା ସବୁବେଳେ, ଲୋକମାନଙ୍କ ଉପରେ ହାତ ରଖିପାରେ, ଏବଂ ତଥାପି ଏହା ଆପଣଙ୍କର କିଛି ଲାଭ କରିବ ନାହିଁ ଯେପର୍ଯ୍ୟନ୍ତକି ଆପଣ ତାହା ଗ୍ରହଣ ନ କରନ୍ତି ଯାହା *ଖ୍ରୀଷ୍ଟ* ଆପଣଙ୍କ ପାଇଁ କରିଛନ୍ତି। ତାହା ତ କେବଳ ମୋର ମଞ୍ଜୁରୀ ଅଟେ, ହାତ ରଖିବା। ସେମାନେ ପ୍ରାଚୀନମାନଙ୍କ ଉପରେ ହାତ ରଖିଲେ। ସେମାନେ ସେହିସବୁ କଲେ, ପରମେଶ୍ୱରଙ୍କ ସମ୍ମୁଖରେ ଏହା ହିଁ ସେମାନଙ୍କର ମଞ୍ଜୁରୀ ଥିଲା ଯେ ସେମାନେ ସେମାନଙ୍କର ବିଶ୍ୱାସକୁ ଏହା ପ୍ରତି ପ୍ରଦାନ କରନ୍ତି, ସେମାନେ ସେମାନଙ୍କର ପ୍ରତୀତିକୁ ଏହା ପ୍ରତି ପ୍ରଦାନ କରନ୍ତି। ଦେଖନ୍ତୁ? ବେଳେବେଳେ, ଠିକ୍ ଯେପରିକି ବିଷୟଗୁଡିକ...

129 ମୋତେ ଅନେକ ଥର ଭୁଲ୍ ବୁଝା ଯାଇଅଛି। ମୁଁ—ମୁଁ...ଗତ ରାତ୍ରି। ମୁଁ ଦୁଇଟି ମତାମତ ମଧ୍ୟରେ ଅଟକି ଯାଇଛି, ଏବଂ ମୁଁ—ମୁଁ ଜାଣେ ନାହିଁ ଯେ କେଉଁ ପଥ ଆଡକୁ ବୁଲିବାକୁ ଅଛି। ମୁଁ—ମୁଁ, ନିଜେ, ମୁଁ ମତ ମଧ୍ୟରେ ଅଛି, ମୁଁ—ମୁଁ ଜାଣେ ନାହିଁ ଯେ କଅଣ କରିବି। ମୁଁ ଆଶା କରେ ଏହା କେବଳ ପ୍ରାକୃତିକ ମଣ୍ଡଳୀ, କିମ୍ବା ଏଠାରେ ଆତ୍ମିକ ମଣ୍ଡଳୀ ବସିଛନ୍ତି, ବରଂ, ମୁଁ ଅନୁମାନ କରେ ନାହିଁ ଯେ ସେମାନେ ଏହାକୁ ରେକର୍ଡିଂ କରୁଛନ୍ତି ତେଣୁ ମୁଁ ଯାହା କହିବାକୁ ଚାହେଁ ତାହା କେବଳ କହିବି। ସେମାନେ...

130 ମୁଁ ଆପଣମାନଙ୍କ ସହିତ ଏକ ଅଳ୍ପ ହୃଦୟ-ରୁ-ହୃଦୟ କଥାବାର୍ତ୍ତା କରିବାକୁ ଚାହୁଁଥିଲି, ଏବଂ ମୁଁ ବିଶ୍ୱାସ କରେ ଯେ ମୁଁ ଏହାକୁ, ଯେପରି ଭାବରେ ବି ନେବି। ମୋ ପାଖରେ ଏଠାରେ ଏକ ଶାସ୍ତ୍ରାଂଶ ସହିତ ଏକ ନୋଟ୍ ଲେଖା ହୋଇଛି, ଯେ ତାହା କି ନୁହେଁ...ଯଦି ମୋର ନ ଥାଆନ୍ତା, ତାହାହେଲେ ମୁଁ *ଶେଷ-ସମୟର ସୁସମାଚାର ପ୍ରଚାର* ଉପରେ କହିବାକୁ ଯାଉଥିଲି, ଯେ ଶେଷ ସମୟର ସୁସମାଚାର ପ୍ରଚାର କଅଣ ଅଟେ। ବୋଧହୁଏ ମୁଁ ଏହାକୁ ଅନ୍ୟ ଦିନ ପାଇଁ ସାଇତି ରଖିବି। ମୁଁ ଆପଣମାନଙ୍କ ସହିତ ନିଜ ହୃଦୟରୁ କଥା ହେବାକୁ ଚାହେଁ, କେବଳ ମୋର ହୃଦୟର ଗଭୀରତାରୁ କଥା ହେବାକୁ ଚାହେଁ।

131 ମୁଁ ମତାମତ ମଧ୍ୟରେ ରହିଛି, ମୁଁ ଜାଣେ ନାହିଁ ଯେ କେଉଁ ପଥ ଆଡକୁ ବୁଲିବାକୁ ଅଛି। ମୁଁ ଆପଣମାନଙ୍କର ପ୍ରାର୍ଥନା ଚାହେଁ। ଏଠାରେ ଏହି ଜିନିଷଗୁଡ଼ିକ—ଏହି ଜିନିଷଗୁଡ଼ିକ ଉପରେ, ଏହି ଯେଉଁ ଭିନ୍ନ ମତାମତ ଜଡିତ ହୋଇ ଆସୁଅଛି, ତାହା ଆପଣମାନଙ୍କ ସହିତ କିଛି ମିନିଟ୍ କଥା ହେବାର କେବଳ ଏକ ସୁଯୋଗ ଦେଇଥିଲା। ଆଉ କିଛି ବିଷୟ ମୁଁ ଆପଣଙ୍କୁ କହିବାକୁ ଚାହେଁ, ଦେଖନ୍ତୁ। ମୁଁ ଅନୁଭବ କରେ ଯେ ଆମେମାନେ ପ୍ରକୃତରେ କୌଣସି

ବିଷୟର ଅତି ନିକଟବର୍ତ୍ତି ଅଟୁ । ତେବେ, ମୋତେ ଭୁଲ ବୁଝନ୍ତୁ ନାହିଁ, ତାହା କରନ୍ତୁ ନାହିଁ । ଦେଖନ୍ତୁ?

132 ଅନ୍ୟ ଦିନ ଜଣେ ଲୋକ ମୋ ପାଖକୁ ଆସିଲେ ଓ ମୋତେ ପ୍ରକୃତରେ ବହୁତ ଖରାପ ଲାଗିଲା । ମୁଁ ଭାବିଲି, "ନିଶ୍ଚିତରେ ମୁଁ ଶିକ୍ଷାଦାନ କରିବାରେ ସେତେ ହୁଗୁଳା ରହି ନାହିଁ ।" ଦେଖନ୍ତୁ? ସେ କହିଲେ, "ଭାଇ ବ୍ରାନହାମ୍, ପ୍ରାୟଃ ଏତେ-ଦିନ ମଧ୍ୟରେ ପରବର୍ତ୍ତୀ ପନ୍ଦର, କୋଡ଼ିଏ ଦିନରେ, ମୋର ଅସ୍ତ୍ରୋପଚାର ହେବାର ଅଛି ।" କହିଲେ, "କଅଣ ଆପଣ ଭାବୁଛନ୍ତି ଯେ ଯଦି ଯୀଶୁ ଏଠାରେ ରହିଥାନ୍ତେ, ମୋତେ ଏପରିକି ସେହି ଅସ୍ତ୍ରୋପଚାର ସୁଦ୍ଧା କରିବାକୁ ପଡି ନ ଥାଆନ୍ତା?" ବୁଝିଲେ? ଆପଣ ଦେଖନ୍ତୁ, ଆପଣ ଏହାକୁ ଭୁଲ ବୁଝୁଛନ୍ତି । ତାହା କରନ୍ତୁ ନାହିଁ! ଦେଖନ୍ତୁ, ତାହା କରନ୍ତୁ ନାହିଁ । ଯୀଶୁ ଆଉ ଆଗାମୀ ପାଞ୍ଚ ହଜାର ବର୍ଷ ପାଇଁ ଆସି ନ ପାରନ୍ତି । ମୁଁ ଜାଣେ ନାହିଁ । ସେ ଆଜି ରାତିରେ ସୁଦ୍ଧା ଏଠାରେ ଥାଇପାରନ୍ତି । ସେ ଆସନ୍ତାକାଲି ଆସିପାରନ୍ତି । ମୁଁ ଜାଣେ ନାହିଁ ଯେ ସେ କେବେ ଆସିବେ, ଅନ୍ୟ କେହି ହେଲେ ଜାଣନ୍ତି ନାହିଁ । ସତ କହିବାକୁ ଗଲେ, ଏପରିକି ସେ ନିଜକୁ ମଧ୍ୟ ଜାଣି ନାହାଁନ୍ତି । ତାହାହିଁ ଅଟେ ଯାହାକି ସେ କହିଥିଲେ । କେହି ହେଲେ ଜାଣନ୍ତି ନାହିଁ ।

133 ମାତ୍ର କଅଣ ଆପଣ ଜାଣନ୍ତି କି ପାଉଲ ପ୍ରତିଦିନ ତାହାଙ୍କର ଆସିବାର ବାଟ ଦେଖୁଥିଲେ? ଯୋହନ, ପାମ୍‌ନାମ ଟାପୁରେ, ଭାବିଥିଲେ ଯେ ସେ ଏହାକୁ ଦେଖିବା ପାଇଁ ବଞ୍ଚି ରହିବେ । ଇରେନିୟସ୍ ଭାବିଥିଲେ ଯେ ନିଶ୍ଚିତରେ ସେ ତାଙ୍କ ସମୟରେ ଆସିବେ । ଅବଶିଷ୍ଟ ସମସ୍ତେ, ପଲିକାର୍ପ, ସେଣ୍ଟ ମାର୍ଟିନ, ସମସ୍ତ ଯୁଗ ଦେଇ । ଲୁଥର୍ ଭାବିଲେ, "ନିଶ୍ଚିତରେ ଏହାହିଁ ତାହା ଅଟେ!" ୱେସଲି କହିଲେ, "ଏହାହିଁ ହେଉଛି ସେହି ସମୟ ।" ଚାର୍ଲ୍ସ ଫିନି, ଜନ୍ ନକ୍ସ, କାଲଭିନ୍, ସ୍ପର୍ଜନ୍, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ କହିଲେ, "ଏହା ହେଉଛି ସେହି ସମୟ!" ବିଲି ସଣ୍ଡେ, ଆଜିର ଦିନ ଯାଏଁ ଏଠାରେ, ପ୍ରତ୍ୟେକେ ଭାବନ୍ତି, "ଏହାହିଁ ସେହି ସମୟ ଅଟେ!"

134 ଆମେ ଏହାର ଅପେକ୍ଷାରେ ଅଛୁ । ଆମେ ଜାଣି ନାହୁଁ ଯେ ସେହି ସମୟ କେବେ ଅଟେ । ମୁଁ ବିଶ୍ୱାସ କରୁଛି ଯେ ତାହା ଏହୀ ସମୟ ଅଟେ, ଆଉ ମୁଁ ଟର୍ଚ୍ଚ ଲାଇଟ୍ ଧରିବାକୁ ଚାହେଁ । ଏବଂ ଶୁଣନ୍ତୁ, ମୁଁ...ଏହାକୁ ଠିକ ଭାବରେ ଧରନ୍ତୁ! ମୁଁ ମୋ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଏପରି ଭାବରେ ଯାପନ କରିବାକୁ ଚାହେଁ ଯେପରିକି ମୁଁ ପରବର୍ତ୍ତୀ ମୁହୂର୍ତ୍ତରେ ତାହାଙ୍କର ଆଗମନର ଅପେକ୍ଷା କରୁଅଛି, ମାତ୍ର ମୁଁ ଏପରି ଭାବେ ଆଚରଣ କରିବାକୁ ଚାହେଁ ଯେପରିକି ତାହା ବର୍ତ୍ତମାନଠାରୁ ନେଇ ଦଶ ହଜାର ବର୍ଷ ପରେ ହେବ । ମୁଁ ଏବେ ସୁଦ୍ଧା ତଥାପି ବିହନ ବୁଣିବାକୁ, ଅମଳ କରିବାକୁ ଚାହେଁ । ମୁଁ ସୁସମାଚାର ପ୍ରଚାର କରିବାକୁ ଏବଂ ସେପରି ସବୁ କରିବାକୁ ଚାହେଁ ଯେପରି ଭାବରେକି ମୁଁ ସର୍ବଦା କରି ଆସିଛି । ସେହିପରି ଭାବରେ, ମୋ ଆଖିକୁ ଉପର କରି, ଚାହିଁ ରହି; ଝୁଲଣାକୁ ଟାଣୁଥିଲି...ସେହି ଶସ୍ୟ, ଦାନାକୁ ସଂଗ୍ରହ କରୁଥିଲି । ଏବଂ ତାହାପରେ ଆସନ୍ତା ବର୍ଷ ମୁଁ ପୁନର୍ବାର ମୋର ଫସଲକୁ ବୁଣିବି, "ପ୍ରଭୁ, ମୁଁ ଭାବିଥିଲି ଯେ ତୁମେ

ଗତ ବର୍ଷ ଏଠାରେ ରହିବ, କିନ୍ତୁ ଯଦି ତୁମେ ଏଠାରେ ନ ରୁହ, ତୁମେ ଏହି ବର୍ଷ ଆସିପାର। ତେଣୁ ମୁଁ ମୋର ପିଲାମାନଙ୍କୁ ଲାଳନ ପାଳନ କରିବା ପାଇଁ ମୋର ଫସଲକୁ ଲଗାଇବି। ଯଦି ତୁମର ବିଳମ୍ବ ହୁଏ, ତେବେ ସେମାନଙ୍କର ପାଖରେ କିଛି ଖାଇବା ପାଇଁ ହୋଇଯିବ; ଯଦି ତୁମର ଆଗମନ ହୁଏ ନାହିଁ, ମୁଁ ତୁମର ଅପେକ୍ଷାରେ ରହିବି।" ସେଠାରେ ଆପଣ ଅଛନ୍ତି, ଦେଖନ୍ତୁ, ମାତ୍ର ସାଧାରଣ ଭାବରେ କେବଳ କାର୍ଯ୍ୟ କରି ଚାଲିଥାନ୍ତୁ।

135 ଯଦି ମୁଁ ଭାବେ ଯେ ସେ ସକାଳେ ଆସୁଛନ୍ତି, ତେବେ ଆଜି ରାତିରେ ମୁଁ ସେହି ସମାନ ବାର୍ତ୍ତାକୁ ପ୍ରଚାର କରୁଥିବି ଯାହା ମୁଁ ବର୍ତ୍ତମାନ ପ୍ରଚାର କରୁଅଛି। ଯଦି ମୁଁ ଭାବେ ଯେ ସେ ସକାଳେ ଆସୁଛନ୍ତି, ମୁଁ ବାହାରକୁ ଯାଇ ମୋ କାର ବିକ୍ରୟ କରିବି ନାହିଁ, ମୁଁ ଯାଇ *ଏହା*, *ତାହା*, କିମ୍ବା *ଅନ୍ୟ* କିଛି କରିବି ନାହିଁ। ମୁଁ ତ ଠିକ ସେହିପରି ଚାଲିଥିବି ଯେପରିକି ମୁଁ ସାଧାରଣ ଭାବରେ ଚାଲିଥାଏ, କାରଣ ପ୍ରତ୍ୟେକ ମୁହୂର୍ତ୍ତରେ ମୁଁ ତାହାଙ୍କର ଆଗମନକୁ ଅପେକ୍ଷା କରୁଅଛି। କାରଣ ସେ ହୁଏତ କେବଳ ଆପଣଙ୍କ ପାଇଁ ଆସିପାରନ୍ତି, ହୋଇପାରେ ଯେ ତାହା ଆପଣଙ୍କର ସମୟ ଆଜି ରାତି ହୋଇପାରେ। ବୋଧହୁଏ ତାହା ଆଜି ରାତି ମୋର ସମୟ ହୋଇପାରେ। ମୁଁ ଜାଣେ ନାହିଁ। କିନ୍ତୁ ସେମାନଙ୍କ ମଧ୍ୟରୁ ଗୋଟିଏ ତ ଆମର ସମୟ ହେବାକୁ ଯାଉଅଛି।

136 ଏବଂ ସେଥିରେ କଅଣ ଫରକ୍ ପଡେ ଯଦି ମୁଁ ଏଠାରେ ଜୀବିତ ରହେ କିମ୍ବା ମୋତେ ସେଠାରେ କବର ଦିଆଯାଏ? କାରଣ ଯଦି ମୋର ମୃତ୍ୟୁର ମୂଲ୍ୟ ପରିଶୋଧ କରି ଦିଆଯାଇଛି, ତେବେ ମୁଁ ଜୀବିତ ଥିବା କୌଣସି ବ୍ୟକ୍ତିଙ୍କ ଆଗରୁ ସେଠାରେ ଛିଡା ହେବି। ତାହା ଠିକ୍ ଅଟେ। "ମୁଁ ଏହା କହୁଛି," ଦ୍ୱିତୀୟ ଥେସଲନୀକୀୟ, 5ମ ପର୍ବ, "ମୁଁ ପ୍ରଭୁଙ୍କ ଆଜ୍ଞା ଭାବରେ ଏହା କହୁଛି। ଆମେ ଯେତେ ଜଣ ଜୀବିତ ଅଟୁ ଓ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ରହିଥାଉ କୌଣସି ମତେ ସେମାନଙ୍କୁ ବାଧା ଦେବା ନାହିଁ ଯେଉଁମାନେକି ଶୋଇ ରହିଛନ୍ତି। କାରଣ ପରମେଶ୍ୱରଙ୍କ ତୂରୀ ବାଜିବ, ଓ ଖ୍ରୀଷ୍ଟଙ୍କଠାରେ ମୃତମାନେ ପ୍ରଥମେ ଉତ୍ଥିତ ହେବେ," ଯେଉଁମାନେ ମୃତ, ସେମାନଙ୍କୁ ପ୍ରଥମେ ଆସିବାର ସୌଭାଗ୍ୟ ପ୍ରାପ୍ତ ହେବ। ସେହିପରି ଭାବରେ ଆମେ ଜାଣୁ ଯେ ଏହା ସନ୍ନିକଟବର୍ତ୍ତି ଅଟେ, ଦେଖନ୍ତୁ। "ତାହାପରେ ଆମେ ଯେତେ ଜଣ ଜୀବିତ ଅଟୁ ଓ ସେ ପର୍ଯ୍ୟନ୍ତ ରହିଥିବୁ, ଗୋଟିଏ ମୁହୂର୍ତ୍ତରେ, ଆଖି ପିଛୁଳାକେ, ବଦଳି ଯିବୁ, ଏବଂ ସେମାନଙ୍କ ସହିତ ମିଳିତ ହେବୁ, ଯେପରିକି ପ୍ରଭୁଙ୍କୁ ମଧ୍ୟ ଆକାଶରେ ସାକ୍ଷାତ କରୁ।"

137 ତେବେ ଏଥିରେ କଅଣ ଫରକ୍ ପଡେ ଯେ ଯଦି ମୁଁ ନୋହଙ୍କ ସମୟରେ ମରିଥିଲି, ଯଦି ମୁଁ ଅବ୍ରହାମଙ୍କ ସମୟରେ ମରିଥିଲି, ଯଦି ମୁଁ ପ୍ରେରିତମାନଙ୍କ ସମୟରେ ମରିଥିଲି, ଯଦି ମୁଁ ଦୁଇ ସପ୍ତାହ ପୂର୍ବରୁ ମରିଥିଲି, କିମ୍ବା ଠିକ ବର୍ତ୍ତମାନ ମରିଥିଲି? ଏହା କଅଣ ଫରକ୍ ଆଣିବ? ମୁଁ ସେଠାରେ ଗୋଟିଏ ମୁହୂର୍ତ୍ତରେ, ଆଖି ପିଛୁଳାକେ ରହିବି, ମୁଁ କେବଳ ସେହି ସମୟ ପର୍ଯ୍ୟନ୍ତ ବିଶ୍ରାମ କରୁଅଛି।

138 ବର୍ତ୍ତମାନ, ଏକତ୍ରୀକରଣଟି ପ୍ରଭୁଙ୍କ ନିକଟରେ ହେବ। ଯେପରିକି ଯାକୁବ, 49ତମ ପର୍ବରେ, ସେ କହିଥିଲେ, "ଯେତେବେଳେ ଶୀଲୋ ଆସିବ, ଏବଂ ସମାବେଶ ତାହାଙ୍କ ନିକଟରେ ହେବ। ସେପର୍ଯ୍ୟନ୍ତ ଜଣେ ବ୍ୟବସ୍ଥାଦାତା ବାହାରିବେ ନାହିଁ ଯେପର୍ଯ୍ୟନ୍ତକି...ପାଦ ମଧ୍ୟରେ, ଯେପର୍ଯ୍ୟନ୍ତକି ଶୀଲୋ ନ ଆସେ," ଯିହୁଦା ବିଷୟରେ କହୁଥିଲେ, "ଏବଂ ତାହାଙ୍କ ନିକଟରେ ଏକତ୍ରୀକରଣ ହେବ।"

139 ବର୍ତ୍ତମାନ, ଅନେକ ଲୋକ ଗୋଟିଏ ମଣ୍ଡଳୀର, ଲୋକମାନଙ୍କର ଏକ ବଡ଼ ସମୂହର ଉପରକୁ ଉଠାଇ ନିଆଯିବା ନିମନ୍ତେ ଅନ୍ୱେଷଣ କରୁଛନ୍ତି, ଗୋଟିଏ ମଣ୍ଡଳୀ, ଗୋଟିଏ ନାମଧାରୀ ସଂସ୍ଥା, କୌଣସି କିଛି ମତ ଯାହାକି ଉପରକୁ ଉଠାଇ ନେବ। ତାହା ଏହା ନୁହେଁ। ତାହା ଏହା ଆଦୌ ନୁହେଁ।

140 ଲୋକମାନଙ୍କର ସମାବେଶ, ଯେତେବେଳେ ପରମେଶ୍ୱର ତାହାଙ୍କ ପଲକୁ ଏକତ୍ର ଡାକନ୍ତି, ହୋଇପାରେ ଯେ ସେ ଜେଫର୍ସନ୍‌ଭିଲେରୁ ଦୁଇଟି, ଇଣ୍ଡିୟାନାରୁ ଦୁଇଟି, କେଣ୍ଟକିରୁ ଦୁଇଟି, ମିସିସିପିରୁ ଦୁଇଟି ନେଇପାରନ୍ତି। ତାହାହିଁ ଅବିକଳ ଯାହାକି ସେ କହିଥିଲେ; ସେହି ଶବ୍ଦଗୁଡିକ ନୁହେଁ, କିନ୍ତୁ ସେ କହିଥିଲେ, "ଗୋଟିଏ କ୍ଷେତ୍ରରେ ଦୁଇଜଣ ରହିବେ," ତାହା ସେଠାରେ ଯେଉଁଠାରେକି ଦିବାଲୋକ ଅଟେ, "ମୁଁ ଜଣକାକୁ ନେଇ ଯିବି ଏବଂ ଅନ୍ୟଟିକୁ ଛାଡି ଦେବି। ଶଯ୍ୟାରେ ଦୁଇ ଜଣ ରହିଥିବେ," ପୃଥିବୀର ଅନ୍ୟ ପାର୍ଶ୍ୱ ରାତ୍ରି ରହିଥିବ, "ମୁଁ ଜଣକାକୁ ନେଇ ଯିବି ଏବଂ ଅନ୍ୟକୁ ଛାଡି ଦେବି।" ବୁଝିଲେ?

141 ଲୋକମାନଙ୍କର ସମାବେଶଟି *ଏଠାରେ* ଏକ ସମୂହ ପାଇଁ, ଗୋଷ୍ଠୀ ଅନୁସାରେ ହେବ ନାହିଁ। ଏହା ଏକ ସର୍ବ ସାଧାରଣ ପୁନରୁତ୍ଥାନ ଏକତ୍ରୀକରଣ ହେବ, ଏବଂ ଉର୍ଦ୍ଧାନ୍ତିକାରଣ ଠିକ ସେହି ସମାନ ଉପାୟରେ ଆସିବ। କାରଣ ସେ କହିଥିଲେ, "ଯେତେବେଳେ ଜଣେ *ଏହି* ଘଟିକାରେ ଶୋଇ ପଡିଲା, ଅନ୍ୟ ଜଣେ *ସେହି* ଘଟିକାରେ, ଜଣେ ଏଥିରେ...ସପ୍ତମ ଘଟିକା ପର୍ଯ୍ୟନ୍ତ। ଆଉ ତାହାପରେ ଯେତେବେଳେ ବର ଆସିଲେ, ସେମାନେ ସମସ୍ତେ ଜାଗ୍ରତ ହୋଇ ଉଠି ପଡିଲେ, ପ୍ରତ୍ୟେକ ଜଣ, ଆଦିପୁସ୍ତକ ସମୟରୁ ନେଇ ପ୍ରକାଶିତ ବାକ୍ୟ ପୁସ୍ତକର ଶେଷ ପର୍ଯ୍ୟନ୍ତ ସମସ୍ତେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଜାଗ୍ରତ ହେଲେ, ତାହା ଠିକ୍, ଭିତରକୁ ପ୍ରବେଶ କରିବା ନିମନ୍ତେ ପ୍ରସ୍ତୁତ ହେବା ପାଇଁ।"

142 ବର୍ତ୍ତମାନ, ଆପଣ ଦେଖନ୍ତୁ, ସେ ଦର୍ଶାନ୍ତି ଯେ ତାହାଙ୍କର ଆଗମନରେ, ସମସ୍ତ ମୃତମାନେ କବରରୁ ପୁନରୁତ୍‌ଥିତ ହେବେ, ସେହି ଧାର୍ମିକ, ସେହି କନ୍ୟା, କବର ଭିତରେ ଥିବା ଶୁପ୍ତମାନେ ପୁନରୁତ୍ଥାନରେ ଉଠିବେ। ତାହାପରେ ସେ ଦେଖାନ୍ତି ଯେ ପୃଥିବୀରେ ବାସ କରୁଥିବା ଲୋକମାନେ, ଏହା *ଏଠାରେ* ଜଣେ ହେବେ ଏବଂ *ସେଠାରେ* ଜଣେ ହେବେ, ଏହା ଏକ ଛୋଟ ଗୋଷ୍ଠୀରେ ଦଳେ ଲୋକ ଏକାଠି ଏକତ୍ରିତ ହେବେ ନାହିଁ। "କାରଣ କ୍ଷେତରେ ଜଣେ ରହିଥିବ, କିମ୍ବା କ୍ଷେତରେ ଦୁଇଜଣ ରହିଥିବେ, ମୁଁ ଜଣକାକୁ ନେଇଯିବି ଏବଂ ଅନ୍ୟକୁ ଛାଡିଦେବି," ସେଠାରେ ଗୋଟିଏ ମଣ୍ଡଳୀ ଦିବାଲୋକରୁ ଆସେ। ପୃଥିବୀର ଅନ୍ୟ ପାର୍ଶ୍ୱରେ,

"ଶଯ୍ୟାରେ ଦୁଇଜଣ ଥିବେ, ମୁଁ ଜଣକାକୁ ନେବି ଓ ଅନ୍ୟକୁ ଛାଡିଦେବି।" କଅଣ ଏହା ଠିକ୍ କି?

143 ତେଣୁ ସେହି ସମାବେଶଟି ଖ୍ରୀଷ୍ଟଙ୍କଠାରେ ହେବ, ମୁଁ ଜେଫର୍ସନ୍‌ଭିଲରେ ଥାଏ କି ମୁଁ ସ୍ୱିଡେନ୍‌ରେ ଥାଏ, ମୁଁ...ଏବଂ ତାହା ଯେଉଁଠାରେ ବି ଅଟେ, ସେହି ସମାବେଶଟି ତ ମେଷପାଳକଙ୍କ ନିକଟରେ ହିଁ ହେବ। ଦେଖନ୍ତୁ? ଏବଂ ତାହାପରେ ଆମେମାନେ ଏକତ୍ରିତ ହୋଇ ପ୍ରଭୁଙ୍କ ସହିତ ମଧ୍ୟ ଆକାଶରେ ସାକ୍ଷାତ କରିବା ପାଇଁ ପୁନରୁତ୍ଥାନରେ ଉପରକୁ ନିଆଯିବା। ପୃଥିବୀର ସମସ୍ତ ପ୍ରାନ୍ତରୁ ଲୋକମାନେ ଆସିବେ, ଯାହାକି ଜୀବିତମାନେ ଥିବେ। ଯେଉଁ ଲୋକମାନେ ମୃତ, ଏବଂ ସେହିପରି କିଛି, ସେମାନେ ଉତଥିତ ହେବେ। ଏବଂ ମଣ୍ଡଳୀ ଏକତ୍ରିତ ଭାବେ ପ୍ରଭୁଙ୍କୁ ମଧ୍ୟ ଆକାଶରେ ସାକ୍ଷାତ କରିବା ପାଇଁ ଉପରକୁ ଉଠାଇ ନିଆଯିବ। ଦେଖନ୍ତୁ?

144 ତାହାଙ୍କର ଆଗମନ ସାର୍ବଭୌମିକ ହେବ। ଏହା କେବଳ ଲୁଇସଭିଲେକୁ ଆସିବା ହେବ ନାହିଁ। ଏହା କେବଳ ବାପ୍ଟିଷ୍ଟଙ୍କ ପାଖକୁ, ପ୍ରେସବିଟେରିଆନ୍‌ଙ୍କ ପାଖକୁ କେବଳ ଆସିବା ହେବ ନାହିଁ। ଏହା ହେବ "ହୃଦୟରେ ବିଶୁଦ୍ଧ ଲୋକମାନେ ପରମେଶ୍ୱରଙ୍କ ଦର୍ଶନ କରିବେ," ଆଉ ପୁନରୁତ୍ଥାନ ଓ ସମାବେଶ ସବୁ ସ୍ଥାନରୁ ହେବ।

145 ଏବଂ, ବର୍ତ୍ତମାନ, ଏହା କେବେ ଆସୁଛି? ବୋଧହୁଏ ଆଜି ରାତି, ବୋଧହୁଏ ଆସନ୍ତାକାଲି, ବୋଧହୁଏ ଏହି ବର୍ଷ, ହୋଇପାରେ ପଚାଶ ବର୍ଷ, ବୋଧହୁଏ ଶହେ ବର୍ଷ, ହୋଇପାରେ ଆଉ ଏକ ହଜାର ବର୍ଷ। ମୁଁ ଜାଣେ ନାହିଁ। ଅନ୍ୟ କେହି ଜାଣନ୍ତି ନାହିଁ। କିନ୍ତୁ ଆସନ୍ତୁ—ଆମେ, ତୁମେ ଏବଂ ମୁଁ, ଆଜି ରାତିରେ ଏହିପରି ଭାବରେ ଜୀବନ ଯାପନ କରିବା ଯେପରିକି ତାହା ଆଜି ରାତିରେ ତଥାପି ହେବାକୁ ଯାଉଅଛି।

146 କିନ୍ତୁ, ବର୍ତ୍ତମାନ, ତାହା କରିବାରେ ଯେପରିକି ଆପଣ ଏହ୍ଲାକ କହୁଥିଲେ, "ମୋର—ମୋର ଏକ ଅସ୍ତ୍ରୋପଚାର ଅଛି।" ତେବେ, ଯଦି ଆପଣଙ୍କୁ ଏକ ଅସ୍ତ୍ରୋପଚାର କରିବାକୁ ପଡ଼େ, ଆପଣଙ୍କ ପାଖରେ ଉଦ୍ଧାର ହେତୁ ବିଶ୍ୱାସ ନାହିଁ, ତେବେ ଆଗକୁ ଯାଆନ୍ତୁ ଓ ନିଜର ଅସ୍ତ୍ରୋପଚାର କରାନ୍ତୁ।

147 ଯଦି ମୁଁ ଗୋଟାଏ—ଗୋଟାଏ କିଣିବାକୁ ଯାଉଥିଲି...କେହି ଜଣେ ଆସିଲେ ଓ ମୋତେ ଅନ୍ୟ ଏକ ଦିନ ଏକ ନୋଟ୍ ଲେଖିଲେ, ଆଉ କହିଲେ, ଏକ—ଏକ ଅତି ବଡ଼ ଚିଠି, ଏବଂ କହିଲେ, "ଭାଇ ବ୍ରାନହାମ୍, ମୁଁ କଅଣ କରିବି ଜାଣେ ନାହିଁ।" କହିଲେ, "ମୁଁ ଏବଂ ମୋର ପତ୍ନୀ ପରମେଶ୍ୱରଙ୍କ ପ୍ରତି ସେତେ ବିଶ୍ୱସ୍ତ ରହିଛୁ ଯେତିକି ଆମେ ରହିପାରୁ। ଆମେ ଆମର ପିଲାମାନଙ୍କୁ ଲାଳନ ପାଳନ କରିଅଛୁ।" ଏବଂ କହିଲେ, "ବର୍ତ୍ତମାନ, ମୁଁ ଯାହା ଚିନ୍ତା କରୁଛି," କହିଲେ, "ଆମେ...ଆମେ ଏକ ଚାଷ ଭୂମି ରଖିଛୁ, ଏକ ଚାଷ ଭୂମି କିଣିଛୁ।" ଏବଂ କହିଲେ, "ଆମେ ଏହାକୁ କିପରି ଭଲ ପାଉ! ସେଠାରେ ଏକ ଝରଣା ଅଛି; ସେଠାରେ ସେହି ସ୍ଥାନ ଦେଇ ଏକ—ଏକ ନାଳ ବୋହିଥାଏ।" ତାହା ଓରେଗନ୍‌ରେ ଥିଲା ଏବଂ କହିଲେ, "ଆମେ ଶୁଣିଲୁ

ଯେ ଆପଣ ଓରେଗନ୍‌କୁ ଆସୁଛନ୍ତି । ଆମେ କଅଣ କରିବାକୁ ସ୍ଥିର କରିଅଛୁ ତାହା ମୁଁ ଆପଣଙ୍କୁ ଜଣାଇବି । ଆମେ ଜାଣୁ ଯେ…ଆମେ ଭାବିଲୁ ଯେ ଆମେ ଏହାକୁ ପିଲାମାନଙ୍କ ପାଇଁ ସଞ୍ଚୟ କରି ରଖିବୁ, କାରଣ ସେମାନଙ୍କ ମଧ୍ୟରୁ କେହି ହେଲେ ଖ୍ରୀଷ୍ଟିଆନ ନୁହଁନ୍ତି ।" କହିଲେ, "ଆମେ ଭାବିଲୁ ଯେ ଆମେ ସେମାନଙ୍କ ପାଇଁ ଏହାକୁ ସଞ୍ଚୟ କରିବୁ କାରଣ ସେମାନଙ୍କୁ କ୍ଲେଶ ଦେଇ ଯିବା ସମୟରେ ଏଠାରେ ରହିବାକୁ ପଡିବ, ଏବଂ ସେମାନଙ୍କ ପାଇଁ ଏହାକୁ ସଞ୍ଚୟ କରି ଦେବୁ ଓ ସେମାନେ କିଛି ଉପଭୋଗ କରନ୍ତୁ, କାରଣ ଆମେ ବିଶ୍ୱାସ କରୁ ଯେ ଆମେ ଉର୍ଦ୍ଧାନ୍ତିକରଣରେ ରହିବୁ । ସେଇଥିପାଇଁ ଆମେ ଜାଣି ନାହୁଁ ଯେ ତାହା ବିଷୟରେ କଅଣ କରିବାକୁ କଥା, ତେଣୁକରି ବୋଧହୁଏ ଯେତେବେଳେ ଆପଣ ଆସିବେ ଆମେ ଚାଷ ଭୂମିକୁ ଆପଣଙ୍କୁ ଦେଇ ଦେବୁ, ଦେଖନ୍ତୁ, ଏବଂ ତାହାପରେ ଆପଣ ତାହା ସହିତ ଯାହା କରିବାକୁ ଚାହାଁନ୍ତି ତାହା କରିପାରନ୍ତି ।"

148 ମୁଁ ପ୍ରତ୍ୟୁତ୍ତରରେ ଲେଖିଲି, ମୁଁ କହିଲି, "ଆପଣଙ୍କର ନିଜ ପିଲାମାନଙ୍କ ବିଷୟରେ ଚିନ୍ତା କରିବା ଆପଣଙ୍କ ପକ୍ଷେ କେତେ ଉତ୍ତମ ବିଷୟ ।"

149 କହିଲେ, "ମୁଁ ଏବଂ ମାଆ ସେଠାକୁ ଯାଉ, ଏବଂ ସନ୍ଧ୍ୟାର ।" କହିଲେ, "ମୁଁ ଅବସର ନେବାକୁ ପ୍ରସ୍ତୁତ, ଏବଂ," କହିଲେ, "ଆମ ପାଖରେ ଥିବା ଆନନ୍ଦମୟ-ସମୟଗୁଡିକ ହେଉଛି, ସେହି ଚାଷ ଭୂମି ଉପରେ ଭ୍ରମଣ କରିବା, ଝରଣାକୁ ଅନାଇବା, ଏବଂ ସେଠାରେ ଛିଡା ହୋଇ ପରମେଶ୍ୱରଙ୍କୁ ପ୍ରଶଂସା କରିବା ।"

150 ମୁଁ କହିଲି, "ତାହା କରିବା ଜାରି ରଖନ୍ତୁ, ଶାରୀରିକ, ବସ୍ତୁଗତ ଭାବରେ, ସେହିଭଳି ଜୀବନ ଯାପନ କରୁଥାନ୍ତୁ । ସେ ଆସିବା ପର୍ଯ୍ୟନ୍ତ କେବଳ ତାହା କରିବା ଜାରି ରଖନ୍ତୁ । ଦେଖନ୍ତୁ, କେବଳ ଏଠାରେ ରହିବା ଜାରି ରଖନ୍ତୁ, ସେ ଆସିବା ପର୍ଯ୍ୟନ୍ତ ଜାରି ରଖନ୍ତୁ ।"

151 ଯୋଜନା କରନ୍ତୁ, ଆଗକୁ ବଢନ୍ତୁ, ତାହା କରନ୍ତୁ, "ଯଦି ପ୍ରଭୁ ଇଚ୍ଛା କରନ୍ତି! ଯଦି ପ୍ରଭୁ ଇଚ୍ଛା କରନ୍ତି! ମୁଁ *ଏହା* କରିବି, ଯଦି ପ୍ରଭୁ ଇଚ୍ଛା କରନ୍ତି ।" ସେ ସେହି ସମୟ ପୂର୍ବରୁ ଆସିପାରନ୍ତି । [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] କିନ୍ତୁ ଆପଣ ଯେପରି ଭାବରେ ଅଛନ୍ତି ସେହିପରି ଭାବରେ ଜାରି ରଖନ୍ତୁ ଯେପର୍ଯ୍ୟନ୍ତକି…ମାତ୍ର ନିଜର ପ୍ରାଣକୁ ଛେଦନ କରି ରଖନ୍ତୁ, ଯେପରିକି, ସେ ଯେକୌଣସି ସମୟରେ ଆସିପାରନ୍ତି । ଦେଖନ୍ତୁ, ପ୍ରସ୍ତୁତ ରହିଥାନ୍ତୁ । କାରଣ, ଆପଣ ଦେଖନ୍ତୁ, ସେ *ଆପଣଙ୍କ* ପାଇଁ ଯେକୌଣସି ମିନିଟ୍, ଯେକୌଣସି ସେକେଣ୍ଡ୍, ପରବର୍ତ୍ତୀ ହୃଦସ୍ପନ୍ଦନ, ପରବର୍ତ୍ତୀ ନିଶ୍ୱାସରେ ଆସିପାରନ୍ତି, ସେ ଆପଣଙ୍କ ପାଇଁ ଆସିପାରନ୍ତି । କିନ୍ତୁ ଆପଣ ଯାହା ଚାହୁଁଛନ୍ତି ତାହା କରିବା ଜାରି ରଖନ୍ତୁ, ଯେପର୍ଯ୍ୟନ୍ତକି ଏହା ସତ୍ୟ ଏବଂ ସଭ୍ୟ ଓ ସରଳ ଅଟେ, ଆଗକୁ ବଢି ତାହା କରନ୍ତୁ ।

152 ବର୍ତ୍ତମାନ, ଆମେ ଜାଣୁ ଯେ ଆମେ କିଛି ବିଷୟର ସମ୍ମୁଖିନ ହେଉଅଛୁ । ମୁଁ ଏହା ଜାଣିଛି; ଆପଣ ଏହା ଜାଣନ୍ତି । ମୁଁ—ମୁଁ—ମୁଁ ଜାଣେ ନାହିଁ ଯେ କେଉଁ ପଥ ଆଡକୁ ବୁଲିବାକୁ ଅଛି । ଆପଣମାନଙ୍କର ମନେ ଥିବ ପ୍ରାୟଃ ଚାରି ବର୍ଷ ପୂର୍ବେ, ଚିକାଗୋରେ ଦିନେ, ପ୍ରଭୁଙ୍କ ଆତ୍ମା

ମୋ ଉପରକୁ ଆସିଲେ ଏବଂ ମୁଁ କହିଲି, "ଏହାହିଁ ତାହା ଅଟେ! ଏବଂ ଉଦ୍ଦୀପନା ସମାପ୍ତ ହୋଇଅଛି, ଏବଂ ଆମେରିକା ତାର ସୁଯୋଗକୁ ପ୍ରତ୍ୟାଖ୍ୟାନ କରିଛି।" ଏହା ଟେପ୍‌ରେ ଅଛି। "ଏବଂ ସେଠାରେ ଆଉ ଅଧିକ ରହିବ ନାହିଁ। ତାର ଶେଷ ସୁଯୋଗ ସେ ପ୍ରତ୍ୟାଖ୍ୟାନ କରିଅଛି।"

153 ମୁଁ ଚାହେଁ ଯେ ଆପଣ ଲକ୍ଷ୍ୟ କରନ୍ତୁ। କେହି ଜାଣନ୍ତି କି ଯେ ତାହା କେଉଁ ଦିନ ଟେପ୍‌ରେ ଥିଲା? ଆମେ ତାହା ପାଇଅଛୁ। ଲିଓ ଏବଂ ଜିନ୍ ପାଖରେ ତାହା ଅଛି। ବହୁତ ଦିନ ହୋଇନାହିଁ ମୁଁ ତାହା ଏଠାରେ ଶୁଣୁଥିଲି। ବୋଜେ ଏହାକୁ ନିଜ ଖବରକାଗଜରେ ଦେଇଥିଲେ। ଆଉ ତେଣୁକରି କେବଳ ଦେଖନ୍ତୁ ଯେ ସେହି ସମୟଠାରୁ କଅଣ ଘଟିଛି, ଦେଖନ୍ତୁ, ଉଦ୍ଦୀପନା ବନ୍ଦ ହୋଇଯାଇଛି।

154 ମୁଁ ତାହା ସେଠାରେ—ରେ ବ୍ଲୁ ଲେକଠାରେ ଅନ୍ୟ ରାତିରେ କହିଥିଲି, ଏବଂ ଜଣେ ସାନ ବ୍ୟକ୍ତି ପରଦିନ ସକାଳେ ଉଠି ଆସିଲେ, କହିଲେ, "ଭାଇ ବ୍ରାନହାମ୍ ହୁଏତ କହିପାରନ୍ତି ଯେ ପେଣ୍ଟିକଷ୍ଟାଲମାନେ ତାହା ପାଇଛନ୍ତି, କିନ୍ତୁ ମୁଁ ନୁହେଁ! ପରମେଶ୍ୱରଙ୍କ ଗୌରବ ହେଉ! ହାଲ୍ଲେଲୁୟା," ଏବଂ ଆଗକୁ ଓ ଆଗକୁ। ଦେଖନ୍ତୁ, କିନ୍ତୁ ସେହି ସାନ ବ୍ୟକ୍ତିଟି ଏହା ଜାଣି ନ ଥିଲେ ଯେ ସେହି ଶିଙ୍ଗର କେଉଁ ଆଡୁ ସେ ତାକୁ ବଜାଉଛନ୍ତି। ଦେଖନ୍ତୁ, ସେ ବୁଝନ୍ତି ନାହିଁ। ଦେଖନ୍ତୁ, ସେ ଜାଣନ୍ତି ନାହିଁ। ଏହା ଠିକ ଅଟେ, ଉତ୍ସାହିତ ହେବା, ତାହା ସମ୍ପୂର୍ଣ୍ଣ ଠିକ ଅଟେ।

155 କିନ୍ତୁ ଚାରିପାଖକୁ ଅନାନ୍ତୁ! ସେମାନେ କଅଣ କରୁଛନ୍ତି? ଲୋକମାନଙ୍କ ସହିତ ମାମଲା କଅଣ ଅଟେ? ଉଦ୍ଦୀପନାର କଅଣ ହେଲା? ବିଲି ଗ୍ରାହାମ୍, ଓରାଲ୍ ରୋବର୍ଟସ୍, ବାକି ସମସ୍ତଙ୍କ ସହିତ କଅଣ ହେଲା? ଉଦ୍ଦୀପନା କେଉଁଠାରେ ଚାଲିଛି? ଏହା ସମାପ୍ତ ହୋଇଯାଇଛି! ଧୂଆଁ ଜମି ଯାଇଛି। ବିହନ ବୁଣାଯାଇ ସାରିଛି। ସଭା ସମାପ୍ତ ହୋଇଅଛି। ନିଆଁ ଜଳିଯାଇଛି। (ରୋମର ପୁରୁଣା ମନ୍ଦିରରେ, ଭେଷ୍ଟାରେ, ଯେତେବେଳେ ନିଆଁ ଲିଭିଥାଏ ବେପାରୀମାନେ ଯଜ୍ଞବେଦୀରୁ, ଘରକୁ ଚାଲି ଯାଆନ୍ତି।) ବର୍ତ୍ତମାନ, ଆମେ ଦେଖୁଛୁ ଯେ ଉଦ୍ଦୀପନା ଆଉ ଚାଲିନାହିଁ। ଏହା ଉତ୍ସାହ ନୁହେଁ।

156 ତାହାପରେ ମୁଁ 1936 ରେ ନଦୀ ବିଷୟରେ ଚିନ୍ତା କଲି, ମୁଁ ଚିନ୍ତା କଲି ଯାହା ସେ କହିଥିଲେ। ସେଠାରେ କଅଣ ଘଟିଥିଲା? ଆପଣମାନଙ୍କ ମଧ୍ୟରୁ ଅନେକେ ଜାଣନ୍ତି। ମୁଁ ତ କେବଳ ଜଣେ ବାଳକ ହିଁ ଥିଲି, ଏବଂ ମୋର ପ୍ରଥମ ବାପ୍ତିସ୍ମକୁ ବାପ୍ତିଜିତ କରୁଥିଲି ଯେତେବେଳେ ସଦାପ୍ରଭୁଙ୍କର ସେହି ଦୂତ ତଳକୁ ଆସିଥିଲେ ଏବଂ ମୁଁ ଯେଉଁଠାରେ ଥିଲି ତାହା ଉପରେ ଆସି ଅବସ୍ଥାନ କଲେ। କେତେକ ଲୋକ କହିଲେ, "ଆପଣ ଏହାକୁ ଦେଖି ନାହାଁନ୍ତି।" ତାହାପରେ ବିଜ୍ଞାନ ପ୍ରମାଣ କଲା ଯେ ତାହା ସେହିପରି ଥିଲା। ଦେଖନ୍ତୁ? ଦେଖନ୍ତୁ?

157 ତେବେ, ସେ ସେଠାରେ କଅଣ କହିଥିଲେ? "ଯେପରି ତାହା ହୋଇଥିଲା, ଯେ ଖ୍ରୀଷ୍ଟଙ୍କ ପ୍ରଥମ ଆଗମନର ଅଗ୍ରଧାବକ ଭାବେ ବାପ୍ତିଜକ ଯୋହନଙ୍କୁ ପଠାଯାଇଥିଲା, ଠିକ ସେହିପରି ତୁମର ବାର୍ତ୍ତା ଦ୍ୱିତୀୟ ଆଗମନର ଅଗ୍ରଧାବକ ହେବ।"

158 ମୁଁ ତାହା ସମଗ୍ର ପୃଥିବୀରେ ଦେଖିଅଛି, ତାହା ସାରା ବିଶ୍ୱକୁ ଯାଇଅଛି। ଠିକ ପ୍ରାୟଃ ରାତାରାତି, ସମସ୍ତ ସ୍ଥାନରେ ଉଦ୍ଦୀପନାଗୁଡିକ ଆରମ୍ଭ ହୋଇଥିଲା। ଉଦ୍ଦୀପନାର ଅଗ୍ନି ସବୁ ସ୍ଥାନରେ ଜଳିଥିଲା, ସେଠାରେ ସବୁଠାରୁ ବଡ ଉଦ୍ଦୀପନା ଯାହା ଆମେ କେବେ ଜାଣିଛୁ ଚାଲିଥିଲା। କିନ୍ତୁ ତାହା ପୂର୍ବରୁ କିଛି ଥିଲା କି? କିଛି ନୁହେଁ! ଯେତେବେଳେ ତାହାର ଦୁଇ ସପ୍ତାହ ପୂର୍ବରୁ, ମୁଁ ଜଣେ ବ୍ୟକ୍ତିଙ୍କୁ ନ୍ୟୁ ଆଲ୍‌ବାନିରେ ଭାଷଣ ଦେଉଥିବାର ଶୁଣିଲି, କହୁଥିଲେ, "ଲୋକମାନେ ସେହି ଉଦ୍ଦୀପନାର—ର ହୋ ହାଲ୍ଲା ରବକୁ ବିଶ୍ୱାସ କରିଥିଲେ, ଯେପରିକି ବିଲି ସଣ୍ଡେ ଏବଂ ସେମାନଙ୍କୁ କରନ୍ତି।" କହିଲେ, "ଆମେ ଜାଣୁ ଯେ ସେମାନଙ୍କ ପରି ଆଉ ଅଧିକ ହୋଇପାରେ ନାହିଁ। ଲୋକମାନେ ଠୋସ୍ ପ୍ରମାଣ ଚାହାଁନ୍ତି; ସେପରି କୌଣସି ବିଷୟ ନାହିଁ!" ଯେତେବେଳେ ସେମାନେ ସେହି ବଡ ହୋ ହାଲ୍ଲା ରବ କରୁଥିଲେ, ଠିକ ସେହି ସମୟରେ ପରମେଶ୍ୱର ସବୁଠାରୁ ବଡ ଉଦ୍ଦୀପନା ପ୍ରେରଣ କରିଥିଲେ ଯାହାକି ସେମାନଙ୍କର ପ୍ରାରମ୍ଭିକ ଶତାବ୍ଦୀରୁ କେବେ ଆମ ପାଖରେ ତାହା ରହିଥିଲା, ଅତ୍ୟଧିକ ଲୋକମାନେ ଉଦ୍ଧାର ପାଇଛନ୍ତି: ଲକ୍ଷ ଲକ୍ଷ ସଂଖ୍ୟାରେ।

159 ପରିସଂଖ୍ୟାନ ଦର୍ଶାଏ ଯେ ଜଣେ ବ୍ୟକ୍ତିଙ୍କର ବାର୍ତ୍ତା ତିନି ବର୍ଷ ପର୍ଯ୍ୟନ୍ତ ରହିଥାଏ, ସେମାନଙ୍କ ମଧ୍ୟରୁ କେହି ବି ହୁଅନ୍ତୁ, ତାହାପରେ ସେ ନିଜର ପ୍ରତିଷ୍ଠା ଉପରେ ବଞ୍ଚିଥାଆନ୍ତି ଯେପର୍ଯ୍ୟନ୍ତକି ପରମେଶ୍ୱର ତାଙ୍କୁ ଡାକି ନ ନିଅନ୍ତି। ବର୍ତ୍ତମାନ, ତାହା ଖ୍ରୀଷ୍ଟଙ୍କ ସମୟଠାରୁ ରହି ଆସିଛି, ତାହାଙ୍କର ସାଢ଼େ ତିନି ବର୍ଷ ଥିଲା, ଦେଖନ୍ତୁ। ଏବଂ ତାହା ଦର୍ଶାଏ ଯେ ସମସ୍ତେ ତଳ ପର୍ଯ୍ୟନ୍ତ ଯଦି ଯିବା, ସ୍ପର୍ଜନ୍, ନକ୍ସ, କାଲ୍‌ଭିନ, ଆହୁରି ତଳକୁ ଗଲେ, ଏହା ଦର୍ଶାଏ ଯେ ଜଣେ ବ୍ୟକ୍ତିଙ୍କର ସେବାକାର୍ଯ୍ୟ ତିନି ରୁ ସାଢ଼େ ତିନି ବର୍ଷ ମଧ୍ୟରେ ସୀମିତ ଥାଏ। ବାକି ସବୁ… ତାଙ୍କର ମହମବତୀ ଜଳି ଯାଇଥାଏ, ସେ ନିଜର ଅତୀତର ପ୍ରତିଷ୍ଠା ଉପରେ ବଞ୍ଚି ରହିଥାନ୍ତି। ଯଦି ସେ ମନ୍ଦ ଥାଆନ୍ତି, ତାଙ୍କର—ତାଙ୍କର କର୍ମଗୁଡିକ ତାଙ୍କୁ ଅନୁସରଣ କରେ; ଯଦି ସେ ଠିକ୍ ଥାଆନ୍ତି, ତାଙ୍କର କାର୍ଯ୍ୟଗୁଡିକ ତାଙ୍କୁ ଅନୁସରଣ କରେ। ତାହାହିଁ ସବୁକିଛି ଅଟେ।

160 ବର୍ତ୍ତମାନ, ତାହାର ଅର୍ଥ କଅଣ? ମୁଁ ଏଠାରେ ଏହି ମଣ୍ଡଳୀକୁ ପ୍ରଚାର କରିଆସିଛି ଏବଂ ଆପଣମାନଙ୍କୁ କହିଆସିଛି ଯେ "ମୁଁ ବିଶ୍ୱାସ କରେ ଯେ ଏକ ମହାନ ଜଣ ଆସୁଛନ୍ତି।" ମୁଁ ବିଶ୍ୱାସ କରେ ଏବଂ ଆପଣମାନଙ୍କୁ କହିଅଛି ଯେ "ମୁଁ ବିଶ୍ୱାସ କରେ ଯେ ଶାସ୍ତ୍ର ସମର୍ଥନ କରେ ଯେ ଶେଷ ମଣ୍ଡଳୀ ଯୁଗ ନିମନ୍ତେ ଜଣେ ବାର୍ତ୍ତାବହ ରହିବେ।" ମୁଁ ତାହା ବିଶ୍ୱାସ କରେ। ମୁଁ ସେହି ବ୍ୟକ୍ତିଙ୍କର ଆବିର୍ଭାବ ହେବାର ବାଟକୁ ଚାହିଁ ରହିଛି, ମୁଁ ନିରନ୍ତର ଚାହିଁ ରହିଛି।

161 ଏବଂ ମୁଁ ଦେଖେ ଯେ ଜଣେ ବ୍ୟକ୍ତି ଉଠନ୍ତି, ମୁଁ ତାଙ୍କ ବିଷୟରେ ଶୁଣେ, ଜଣେ ମହାନ ବ୍ୟକ୍ତି ସେବାକାର୍ଯ୍ୟ ଆରମ୍ଭ କରନ୍ତି, ମୁଁ ତାଙ୍କ ବାର୍ତ୍ତାକୁ ଲକ୍ଷ୍ୟ କରେ ଯେ ଏହା ବାଇବଲଠାରୁ ବହୁତ ଦୂରରେ ଅଟେ। ମୁଁ ଦେଖେ ଯେ ସେ ଏକ କୋଣକୁ ଫେରି ଚାଲିଯାଆନ୍ତି। ଦେଖନ୍ତୁ? ମୁଁ ଦେଖେ ଯେ ଅନ୍ୟ ଜଣେ ଉଠନ୍ତି, ଉପରେ ଉଡ଼ନ୍ତି, କିନ୍ତୁ ସେ ଉତ୍କ୍ରୋଶ ପକ୍ଷୀମାନଙ୍କ ମଧ୍ୟକୁ ଆସନ୍ତି ନାହିଁ, ସେ ନାମଧାରୀ କାଉମାନଙ୍କ ମଧ୍ୟରେ ରହିଯାଆନ୍ତି। *ଏଠା*ରେ ତଳେ ରହିଯାଆନ୍ତି,

ତାର ସଂଗଠନ, ଏବଂ ଅନ୍ୟ ଏକ ଅଧିକ ସଦସ୍ୟତା ନେଇ ଆସନ୍ତି ଓ ଇତ୍ୟାଦି। ମୁଁ ଏହାକୁ ଦେଖେ, ମୁଁ ଏହାକୁ ମରି ଯାଉଥିବାର ଦେଖେ।

162 ମୁଁ ଚିନ୍ତା କଲି, "ପରମେଶ୍ୱର, ସେହି ଜଣକା କାହାଁନ୍ତି ଯିଏ ପିତୃଗଣଙ୍କ ବିଶ୍ୱାସକୁ ସନ୍ତାନଗଣଠାରେ ପୁନଃସ୍ଥାପିତ କରିବାକୁ ଯାଉଛନ୍ତି? ସେହି ବୀଜଗୁଡିକୁ କେଉଁଠାରେ ଲଗାହେବାକୁ ଯାଉଛି? ଏହା କେଉଁଠାରେ ଅଟେ? କଅଣ ହେବାକୁ ଯାଉଅଛି?"

163 ତେବେ ତାହା ଏହା ନିକଟକୁ ଆସେ। ଯଦି—ଯଦି ସେହି ଦିନ ନଦୀ କୂଳରେ ଦିଆଯାଇଥିବା ସେହି ବାର୍ତ୍ତା, ଯଦି ଏହା ତାହା ଅଟେ, ତାହାହେଲେ ପ୍ରଭୁଙ୍କ ଆଗମନ ସନ୍ନିକଟ ଅଟେ, ଏହା ପ୍ରାୟଃ ଏଠାରେ ଉପସ୍ଥିତ। ଯଦି ଏହା ନୁହେଁ, ତାହାହେଲେ ଏହା ସେହି ଝଡ଼ ପୂର୍ବରୁ ଏକ ନୀରବତା ଅଟେ। ମୁଁ ଜାଣି ନାହିଁ। ସେ ମୋତେ ତାହା ପ୍ରକାଶ କରି ନାହାଁନ୍ତି। ମୁଁ ଆଶ୍ଚର୍ଯ୍ୟ କରିବାକୁ ଚେଷ୍ଟା କରୁଛି, "କଅଣ ତାହା ତାଙ୍କର ଆଧିକାରିକ ବାର୍ତ୍ତା ଥିଲା କି? କଅଣ ତାହାହିଁ ସବୁ କିଛି ଥିଲା ଯାହା ମୁଁ କୁହେ ବୋଲି ସେ ଚାହୁଁଥିଲେ? କଅଣ ଏହା ତାହାହିଁ ଥିଲା ଯେତେବେଳେ ସେ କାର୍ଯ୍ୟଭାର ସମର୍ପି ଥିଲେ? କଅଣ ତାହାହିଁ ସବୁ ଥିଲା କି? ଯଦି ଏହା ଅଟେ, ତାହହେଲେ ଆମେ ବାସ୍ତବ, ବାସ୍ତବରେ ନିକଟବର୍ତ୍ତୀ ଅଟୁ। ଏହା ଆପଣଙ୍କର ଚିନ୍ତା କରିବାଠାରୁ ମଧ୍ୟ ଅତି ସନ୍ନିକଟ। ଯଦି ଏହା ତାହା ନ ଥିଲା, ତେବେ ସେହି ଝଡ ପୂର୍ବରୁ ଏକ ନୀରବତା ଅଟେ।

164 ବର୍ତ୍ତମାନ, ଅଧିକ ଦିନ ହୋଇ ନାହିଁ କେହି ଜଣେ ମୋତେ ଏଠାରେ ଲେଖିଥିଲେ, ଓ ମୋତେ ପଚାରିଥିଲେ, କହିଲେ, "ଯଦି ଆପଣ ବିଶ୍ୱାସ କରୁନାହାଁନ୍ତି ଯେ ମଣ୍ଡଳୀ କ୍ଳେଶ ଦେଇ ଗତି କରିବ, ତେବେ ପ୍ରକାଶିତ 13 ବିଷୟରେ କିପରି, ସେମାନେ କିପରି ମେଷଶାବକଙ୍କ ରକ୍ତ ଏବଂ ସେମାନଙ୍କର ସାକ୍ଷ୍ୟ ଦ୍ୱାରା ଜୟଯୁକ୍ତ ହେବେ?" ସେହି ବ୍ୟକ୍ତି ସେହି ପ୍ରଶ୍ନ ପଚାରିଥିଲେ। ମୁଁ ଆଶ୍ଚର୍ଯ୍ୟ କଲି। କଅଣ ଆପଣ ଏହା ହୃଦୟଙ୍ଗମ କରନ୍ତି ଯେ ପ୍ରକାଶିତ ବାକ୍ୟର ପ୍ରଥମ ତିନୋଟି ପର୍ବ ମଣ୍ଡଳ ଯୁଗ ସହିତ ଜଡିତ ଅଟେ? ତାହା ତ କ୍ଳେଶର ସମୟ, ମଣ୍ଡଳୀ ଯୁଗ ନୁହେଁ; ମଣ୍ଡଳୀ ତ ଉର୍ଦ୍ଧାନ୍ତିକରଣରେ ଚାଲିଯାଏ ଓ ପ୍ରକାଶିତ ବାକ୍ୟର 4ର୍ଥ ପର୍ବରେ ଉପରକୁ ଚାଲିଯାଏ, ପୁନର୍ବାର 19ଶ ପର୍ବ ପର୍ଯ୍ୟନ୍ତ ଫେରି ଆସେ ନାହିଁ ଯେତେବେଳେକି ତାହା ଯୀଶୁଙ୍କ ସହିତରେ ଆସେ। ତାହା ଠିକ୍। ତାହା ତ କ୍ଳେଶ ସମୟରେ ଅଟେ, ତାର ମଣ୍ଡଳୀ ସହିତ ଆଦୌ ସମ୍ପର୍କ ନାହିଁ।

165 ମହାନ ବିଷୟଗୁଡିକର ଏହି ସମସ୍ତ ମହତ୍ ପ୍ରତିଜ୍ଞାମାନ ଯାହାକି ଆପଣ ବାଇବଲରେ ଦେଖିଛନ୍ତି, ଯେପରିକି କଅଣ ଘଟିବାକୁ ଯାଉଅଛି, ତାହା ତ ସେଠାରେ ଯିହୁଦୀ ରାଜ୍ୟ ସହିତରେ କଥା ଅଟେ, ଏଠାରେ ବିଜାତୀମାନଙ୍କ ମଧ୍ୟରେ ନୁହେଁ। ମୁଁ ବିଶ୍ୱାସ କରେ ଯେ ଏହି ଜଣକାଙ୍କ ଦ୍ୱାରା ଯାହାଙ୍କର ଆସିବାକୁ ଅଛି ସେମାନଙ୍କର ଏକ ସମାବେଶ ହେବ ଯେପରିକି ଲୋକମାନଙ୍କର ବିଶ୍ୱାସକୁ ପୁନଃସ୍ଥାପନ କରାଯାଏ, ଯାହାକି ପ୍ରତିଜ୍ଞା କରାଯାଇଅଛି। ଆଉ ଏକମାତ୍ର ଉପାୟ ଯେ ମୁଁ ତାହା ବୁଝିପାରେ, ଯେହେତୁ ସେ କହିଥିଲେ, "ଏହି ବାର୍ତ୍ତା

ପରେ ତୁରନ୍ତ, ସେହି, ପୃଥିବୀ ଉତ୍ତାପ, ଅଗ୍ନିରେ ଦଗ୍ଧ କରାଯିବ।" ମୋତେ ତାହା କେବଳ ଆପଣମାନଙ୍କ ପାଇଁ ପାଠ କରିବାକୁ ଦିଅନ୍ତୁ ଯେତେବେଳେକି ଆମେ ଏଠାରେ ଅଛୁ, ଏବଂ ଦେଖନ୍ତୁ ଯେ ଏହା କଅଣ କୁହେ।

166 ଏବଂ ବର୍ତ୍ତମାନ ରାଜ୍ୟର ଏହି ଛୋଟ ବାର୍ତ୍ତାଟି, ହୋଇପାରେ ଯେ ମୁଁ ଆଗାମୀ ରବିବାର ସକାଳେ ତାହା ପ୍ରଚାର କରିବି, ଯଦି ପ୍ରଭୁଙ୍କର ଇଚ୍ଛା ହୁଏ, ଦେଖନ୍ତୁ, ଏବଂ ଯଦି ପ୍ରଭୁ ଇଚ୍ଛା କରନ୍ତି।

167 ତେବେ ଏଠାରେ ଦେଖନ୍ତୁ, ଯୋହନଙ୍କର ଆଗମନ ଏଠାରେ ଅଛି, ମଲାଖି ୩:

*ଦେଖ, ଆମ୍ଭେ...ଆପଣା ଦୂତକୁ ପ୍ରେରଣ କରୁଅଛୁ ଓ ସେ ଆମ୍ଭ ଆଗରେ... ଆପଣା ଦୂତକୁ ପ୍ରେରଣ କରୁଅଛୁ, ଓ ସେ ଆମ୍ଭ ଆଗରେ ପଥ ପ୍ରସ୍ତୁତ କରିବ: ପୁଣି ତୁମ୍ଭେମାନେ, ଯେଉଁ ପ୍ରଭୁଙ୍କର ଅନ୍ୱେଷଣ କରୁଅଛ, ସେ ଅକସ୍ମାତ ଆପଣା ମନ୍ଦିରକୁ ଆସିବେ, ଆଉ ନିୟମର ଯେଉଁ ଦୂତଠାରେ, ତୁମ୍ଭେ ସନ୍ତୁଷ୍ଟ ଅଟ: ଦେଖ, ସେ ଆସୁଅଛନ୍ତି, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି।*

168 କଅଣ ଆପଣ ତାହା ଦେଖିଲେ? ମଲାଖି ୩। ବର୍ତ୍ତମାନ ମାଥିଉ, ମାଥିଉ ତାର 11ଶ ପର୍ବ ଦେଖନ୍ତୁ, ଏବଂ ଏହା ଶୁଣନ୍ତୁ, ଆଉ ତାର ୫ମ ପଦ। ଆସନ୍ତୁ ତେବେ ପଢ଼ିବା ମଲା-...ମାଥିଉ 11, ଯୀଶୁ କହୁଛନ୍ତି। ଏବଂ ବର୍ତ୍ତମାନ ତାର 11ଶ ପର୍ବଠାରେ ଆରମ୍ଭ କରିବା:

*ଯୀଶୁ,* ଆପଣା *ଦ୍ୱାଦଶ ଶିଷ୍ୟଙ୍କୁ ଆଦେଶ ଦେବାର ସମାପ୍ତ କଲା ଉତ୍ତାରେ, ଲୋକମାନଙ୍କର ନଗରସମୂହରେ ଶିକ୍ଷା ଦେବାକୁ ଓ ଘୋଷଣା କରିବାକୁ ସେ ସ୍ଥାନରୁ ପ୍ରସ୍ଥାନ କଲେ।*

ଏଥିମଧ୍ୟରେ *ଯୋହନ ଖ୍ରୀଷ୍ଟଙ୍କ କର୍ମର ବିବରଣ...କାରାଗାରରେ ଶୁଣି, ଆପଣା ଶିଷ୍ୟମାନଙ୍କ ଦ୍ୱାରା ତାହାଙ୍କୁ ପଚାରି ପଠାଇଲେ,*

*ଯାହାଙ୍କର ଆଗମନ ହେବ, ସେହି ବ୍ୟକ୍ତି କି ଆପଣ, ଅବା ଆମ୍ଭେମାନେ ଅନ୍ୟ ଜଣଙ୍କ ଅପେକ୍ଷାରେ ରହିବୁ?*

169 ସେହି ଭବିଷ୍ୟଦ୍‌ବକ୍ତାଙ୍କର ଅନ୍ଧକାରମୟ ବିଷୟ ଦେଖନ୍ତୁ? ସେ ଜାଣିଥିଲେ ଯେ କିଛି ଗୋଟାଏ ଘଟିବାକୁ ଯାଉଅଛି, କିନ୍ତୁ ସେ ସେଥିରେ ସୁନିଶ୍ଚିତ ନ ଥିଲେ ଯେ ତାହା କେଉଁଠାରେ ଥିଲା, ଦେଖନ୍ତୁ, ଦେଖନ୍ତୁ, ଯେ ସେତେବେଳେ ଠିକ କଅଣ ଘଟୁଥିଲା। "ସେହି ବ୍ୟକ୍ତି କି ଆପଣ?" ବୋଲି ତାହାଙ୍କୁ ଘୋଷଣା କରି ସାରିବା ପରେ ସେ ପଚାରିଥିଲେ।

ଏବଂ *ଯୀଶୁ...ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ଯାଇ, ଯାହା ଯାହା ଶୁଣୁଅଛ ଓ ଦେଖୁଅଛ, ସେହିସବୁ ଯୋହନଙ୍କୁ ଜଣାଅ:*

*ଅନ୍ଧମାନେ ଦୃଷ୍ଟି ପାଆନ୍ତି,...ଖଞ୍ଜମାନେ ଗମନ କରନ୍ତି, କୁଷ୍ଠୀମାନେ ଶୁଚି ହୁଅନ୍ତି,...ବଧିରମାନେ ଶ୍ରବଣ କରନ୍ତି, ମୃତମାନେ ଉତ୍‌ଥାପିତ ହୁଅନ୍ତି, ପୁଣି ଦରିଦ୍ରମାନଙ୍କ ନିକଟରେ ସୁସମାଚାର ପ୍ରଚାରିତ ହୁଏ ।*

*ଆଉ, ଯେ କେହି ମୋ ଠାରେ ବିଘ୍ନର କାରଣ ନ ପାଏ, ସେ ଧନ୍ୟ ।*

*ସେମାନେ ଚାଲିଯାଉଥିବା ସମୟରେ ଯୀଶୁ ଯୋହନଙ୍କ ସମ୍ବନ୍ଧରେ* ଲୋକସମୂହକୁ *କହିବାକୁ ଲାଗିଲେ,...*(ବର୍ତ୍ତମାନ ଶୁଣନ୍ତୁ!)... *ତୁମ୍ଭେମାନେ କଅଣ ଦେଖିବା ପାଇଁ ପ୍ରାନ୍ତରକୁ ବାହାରି ଯାଇଥିଲ? କଅଣ ପବନରେ ଦୋହଲୁଥିବା ଗୋଟିଏ ନଳ?* (ନା, ତାହା ଯୋହନ ନ ଥିଲେ, ଯୋହନଙ୍କ ସହିତ କୌଣସି ଆପୋଷ ନିଷ୍ପତ୍ତି ନାହିଁ ।)

*...ତୁମ୍ଭେମାନେ କଅଣ ଦେଖିବା ପାଇଁ ବାହାରି ଯାଇଥିଲ? କଅଣ ସୂକ୍ଷ୍ମ ବସ୍ତ୍ର ପରିହିତ ଜଣେ ବ୍ୟକ୍ତିଙ୍କି?* (ଅନ୍ୟ ଶବ୍ଦରେ କହିବାକୁ ଗଲେ, କାମିଜର କଲର ଘୁରା ହୋଇଥିବ, ଆପଣ ଜାଣନ୍ତି, ଆଉ ପଣ୍ଡିତ ଓ ମହାନ ବ୍ୟକ୍ତି) *ଦେଖ, ଯେଉଁମାନେ ସୂକ୍ଷ୍ମ* ବସ୍ତ୍ର *ପରିଧାନ କରନ୍ତି ସେମାନେ ରାଜବାଟୀରେ ଥାଆନ୍ତି ।* (ସେହି ଜଣକା ଯେଉଁମାନେକି ଶିଶୁକୁ ଚୁମ୍ବନ ଦିଅନ୍ତି, ଏବଂ ପିଲାମାନଙ୍କୁ ବିବାହ ଦିଅନ୍ତି, ଓ ମୃତମାନଙ୍କୁ କବର ଦିଅନ୍ତି, ଏବଂ, ଆପଣ ଜାଣନ୍ତି, ରାଜାମାନଙ୍କ ଆଖପାଖରେ ଘୁରି ବୁଲୁଥାଆନ୍ତି । ତାହା ସେହି ପ୍ରକାର ବ୍ୟକ୍ତିମାନେ ଅଟନ୍ତି, ସେ ଦୁଇ-ଧାର ଖଡ୍ଗ ବ୍ୟବହାର କରନ୍ତି ନାହିଁ । ଦେଖନ୍ତୁ?)

...ବର୍ତ୍ତମାନ, *ତୁମ୍ଭେମାନେ କଅଣ ଦେଖିବା ପାଇଁ ପ୍ରାନ୍ତରକୁ ବାହାରି ଯାଇଥିଲ?* ଜଣେ ବ୍ୟକ୍ତି ଏବଂ ତାଙ୍କର ବସ୍ତ୍ର, ପୁଣି *କଅଣ ପବନରେ ଦୋହଲୁଥିବା ଗୋଟିଏ ନଳ?*

*...କଅଣ ସୂକ୍ଷ୍ମ ବସ୍ତ୍ର ପରିହିତ ଜଣେ ବ୍ୟକ୍ତିଙ୍କି? ଦେଖ, ଯେଉଁମାନେ ସୂକ୍ଷ୍ମ ବସ୍ତ୍ର ପରିଧାନ କରନ୍ତି ସେମାନେ* ରାଜବାଟୀରେ *ଥାଆନ୍ତି* ।

*ତାହା ନ ହେଲେ କି ନିମନ୍ତେ ବାହାରି ଯାଇଥଲ? କଅଣ ଜଣେ ଭାବବାଦୀଙ୍କି ଦେଖିବାକୁ? ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଭାବବାଦୀଙ୍କ ଅପେକ୍ଷା ଅଧିକ ଶ୍ରେଷ୍ଠ ବ୍ୟକ୍ତିଙ୍କି ।*

170 ଦେଖନ୍ତୁ! "ଏଥି ପାଇଁ..." ବର୍ତ୍ତମାନ ଶୁଣନ୍ତୁ, ଏହା ଯୀଶୁଙ୍କର ନିଜସ୍ୱ ବାକ୍ୟଗୁଡିକ ଅଟେ:

*କାରଣ ସେ ହେଉଛନ୍ତି, ଯାହାଙ୍କ ବିଷୟରେ ଏହା ଲେଖା ଅଛି, ଦେଖ, ଆମ୍ଭେ ଆପଣା ଦୂତକୁ* ମୋର ବିଶ୍ୱାସ *ଆଗରେ ପ୍ରେରଣ କରୁଅଛୁ,* ସେ...ଆଗରେ, ସେ *ତୁମ୍ଭ ସମ୍ମୁଖରେ ତୁମ୍ଭ ପଥ ପ୍ରସ୍ତୁତ କରିବ ।*

171 ବର୍ତ୍ତମାନ ମଲାଖି ୩ ଦେଖନ୍ତୁ:

*ଦେଖ, ଆମ୍ଭେ...ଆପଣା ଦୂତକୁ ପ୍ରେରଣ କରୁଅଛୁ, ଓ ସେ ଆମ୍ଭ ଆଗରେ ପଥ ପ୍ରସ୍ତୁତ କରିବ:...*(ମଲାଖି 3 ଅଟେ, ମଲାଖି 4 ନୁହେଁ ।)

172 ବର୍ତ୍ତମାନ ମଲାଖି 4 ଦେଖନ୍ତୁ:

*କାରଣ ଦେଖ, ସେଦିନ ଆସୁଅଛି, ତାହା ତୁନ୍ଦୁର ପରି ଜଳୁଅଛି; ପୁଣି ଅହଙ୍କାରୀ, ଓ ଦୁଷ୍କାଚାରୀ ସମସ୍ତେ ନଡ଼ା ପରି ହେବେ:...ଯେଉଁ ଦିନ ଆସୁଅଛି ତାହା ସେମାନଙ୍କୁ ଦଗ୍ଧ କରିବ, ଆଉ ସେମାନଙ୍କର ମୂଳ କି ଡାଳ ଯେପରି ଅବଶିଷ୍ଟ ନ ରହିବ...ସୈନ୍ୟାଧିପତି ସଦାପ୍ରଭୁ କୁହନ୍ତି* (ତାହା ହେଉଛି କ୍ଳେଶର ଏବଂ ବିନାଶର, ଦେଖନ୍ତୁ, ଯାହାକି ଆସୁଅଛି) ।

*ମାତ୍ର ଆମ୍ଭ ନାମକୁ ଭୟ କରୁଅଛ ଯେ ତୁମ୍ଭେମାନେ ତୁମ୍ଭମାନଙ୍କ ପ୍ରତି ଧର୍ମରୂପ ସୂର୍ଯ୍ୟ ଆରୋଗ୍ୟଦାୟକ କିରଣସଂଯୁକ୍ତ ହୋଇ ଉଦିତ ହେବେ* (ପ୍ରଭୁଙ୍କର ଆଗମନ); *ଆଉ ତୁମ୍ଭେମାନେ ବାହାର ହୋଇ*...ତୁମ୍ଭେମାନେ *ବାହାର ହୋଇ ହୃଷ୍ଟ ପୁଷ୍ଟ ଗୋବତ୍ସ ତୁଲ୍ୟ କୁଦା ମାରିବ ।* (ତାହା ଚରାସ୍ଥାନକୁ ଯିବା, ବାହାରକୁ ଯିବା ପରି ଅଟେ ।)

*...ତୁମ୍ଭେମାନେ ଦୁଷ୍ଟମାନଙ୍କୁ ପଦ ତଳେ ଦଳି ପକାଇବ; କାରଣ ସୈନ୍ୟାଧିପତି ସଦାପ୍ରଭୁ କୁହନ୍ତି, ଯେଉଁ ଦିନ ଆମ୍ଭେ କାର୍ଯ୍ୟ କରିବା, ସେଦିନ ସେମାନେ ତୁମ୍ଭମାନର ତଳିପାର ଅଧଃସ୍ଥିତ ଭସ୍ମ ହେବେ ।*

173 ଅନ୍ୟ କଥାରେ କହିବାକୁ ଗଲେ, ଧାର୍ମିକମାନେ, ଖ୍ରୀଷ୍ଟଙ୍କ ସହିତ ପୃଥିବୀକୁ ଫେରିବାବେଳେ, ପାଉଁଶ ଉପରେ ପଦ ଦଳିତ କରିବେ । ଯେତେବେଳେ ଆପଣ ଏହି ଲୋକମାନଙ୍କୁ ଦେଖନ୍ତି, ଅହଙ୍କାରୀ, ଗର୍ବୀ, ଘୃଣ୍ୟ, ଗୁପ୍ତରେ ଅନ୍ୟର ଚର୍ଚ୍ଚା କରନ୍ତି, ଏବଂ ତଥାପି ନିଜକୁ ଖ୍ରୀଷ୍ଟିଆନ ବୋଲି ଦାବି କରୁଥାନ୍ତି, ସେମାନେ ଆଉ କିଛି ନୁହଁ ବରଂ ପାଉଁଶ ଅଟନ୍ତି । ତାହାହିଁ ସବୁକିଛି ଅଟେ । ତାହାହିଁ ଯାହାକି ଶାସ୍ତ୍ର କୁହେ । ଦେଖନ୍ତୁ? ତେବେ ଦେଖନ୍ତୁ ।

*ଆମ୍ଭେ ହୋରେବରେ ସମଗ୍ର ଇସ୍ରାଏଲ ନିମନ୍ତେ, ଯେଉଁ ବିଧି ଓ ଶାସନସକଳ...ଆଦେଶ କଲୁ, ଆମ୍ଭ ଦାସ ମୋଶାଙ୍କର ସେହି ବ୍ୟବସ୍ଥା ତୁମ୍ଭେମାନେ...ସ୍ମରଣ କର ।*

*ଦେଖ, ସଦାପ୍ରଭୁଙ୍କର ସେହି ମହତ ଓ ଭୟଙ୍କର ଦିନର ଆଗମନ ପୂର୍ବେ ଆମ୍ଭେ ତୁମ୍ଭମାନଙ୍କ ନିକଟକୁ ଏଲୀୟ ଭବିଷ୍ୟଦ୍‌ବକ୍ତାଙ୍କୁ ପ୍ରେରଣ କରିବା:*

ଠିକ ସେହି ଦିନ ପୂର୍ବରୁ, ପ୍ରଭୁଙ୍କ ପ୍ରତ୍ୟାବର୍ତ୍ତନ, ଏଲୀୟ ପ୍ରଥମେ ଆସିବେ ।

174 ଠିକ ଅଛି, ମନେ ରଖନ୍ତୁ, ତଥାପି ଭବିଷ୍ୟତ୍‌ର ବିଷୟ ଅଟେ । ତେବେ, ଏହା ଯୋହନଙ୍କ ଆଗମନ ହୋଇ ନ ପାରେ । ସେ ତ ଏଲିୟ ଥିଲେ, ମାତ୍ର ସେ ତେବେ ପାଞ୍ଚଥର ଆସନ୍ତି । ଯୀ-ଶୁ, ବି-ଶ୍ୱା-ସ, ଅ-ଣୁ-ଗ୍ର-ହ । ଦେଖନ୍ତୁ, *ପାଞ୍ଚ* ହେଉଛି "ଅନୁଗ୍ରହ" ର ସଂଖ୍ୟା । ଏଲିୟ ପାଞ୍ଚ

ଥର ଆଗମନ କରନ୍ତି: ଗୋଟିଏ ଥର ଏଲିୟ; ଇଲୀଶାୟ ଭାବରେ; ଯୋହନଙ୍କ ଭାବରେ; ବିଜାତୀମାନଙ୍କ ସମୟର ଶେଷରେ; ଏବଂ ମୋଶାଙ୍କ ସହିତରେ ଯିହୂଦୀମାନଙ୍କ ପାଇଁ। ସିଦ୍ଧ ସଂଖ୍ୟା, ସେହି ସିଦ୍ଧ ଭବିଷ୍ୟଦ୍‌ବକ୍ତା, ସିଦ୍ଧ ବାର୍ତ୍ତାବହ, କଠୋର, ନିର୍ଭୀକ। ବୁଝିଲେ? ଧ୍ୟାନ ଦିଅନ୍ତୁ:

*...ସଦାପ୍ରଭୁଙ୍କର ସେହି ଦିନ, ମହତ ଓ ଭୟଙ୍କର ଦିନର ଆଗମନ ପୂର୍ବେ... ଆମ୍ଭେ ତୁମ୍ଭମାନଙ୍କ ନିକଟକୁ ଏଲୀୟ ଭବିଷ୍ୟଦ୍‌ବକ୍ତାଙ୍କୁ ପ୍ରେରଣ କରିବା:*

*ପୁଣି ଆମ୍ଭେ ଆସି ଯେପରି ପୃଥିବୀକି ଅଭିଶାପରେ ଆଘାତ ନ କରୁ, ଏଥିପାଇଁ ସେ ସନ୍ତାନଗଣ ପ୍ରତି ପିତୃଗଣର ହୃଦୟକୁ ଓ ପିତୃଗଣ ପ୍ରତି ସନ୍ତାନଗଣର ହୃଦୟ ଫେରାଇବ।*

175 ଦେଖନ୍ତୁ, ପରିଚୟର ପ୍ରଥମ ଆଗମନ ନୁହେଁ; ତାହା ତ ଯୋହନ ଥିଲେ, କାରଣ ପୃଥିବୀ ନଡା ସଦୃଶ ଜଳି ନ ଥିଲା, ଧାର୍ମିକମାନେ କଦାପି ଦୁଷ୍ଟମାନଙ୍କ ପାଉଁଶ ଉପରେ ଚାଲି ନ ଥିଲେ। କିନ୍ତୁ ଠିକ ଏହା ଘଟିବା ପୂର୍ବରୁ, କଅଣ ଇଲୀଶାୟ ଆସିବେ କି? ଏବଂ ସେ କଅଣ କରିବେ? ସନ୍ତାନଗଣର ବିଶ୍ୱାସକୁ ପିତୃଗଣଠାରେ ପୁନଃସ୍ଥାପିତ କରିବେ, ବାଇବଲର ମୂଳ ବିଶ୍ୱାସକୁ ପୁନଃସ୍ଥାପିତ କରିବେ।

176 ଯେତେବେଳେ ମୁଁ ଜଣେ ବ୍ୟକ୍ତିଙ୍କୁ ଆସୁଥିବାର ଦେଖେ, ମୁଁ ଭାବେ, "ତାହା ନିଶ୍ଚୟ ସେ ହୋଇଥିବେ। ସେଠାରେ ଜଣେ ବ୍ୟକ୍ତି ଖ୍ୟାତିଲାଭ କରୁଛନ୍ତି, ତାଙ୍କୁ ଦେଖନ୍ତୁ, ମଣ୍ଡଳୀଗୁଡ଼ିକ ଯାଉଛନ୍ତି।" ସେ କଅଣ କରୁଛନ୍ତି? ବାଇବଲଠାରୁ ଏକ ହଜାର ମାଇଲ ଦୂରରେ। ସେ କଅଣ କରନ୍ତି? ଘୁରି ବୁଲନ୍ତି, ବାୟୁ ବାହାରିଯାଏ ଏବଂ ସେ ତଳକୁ ଆସିଯାଆନ୍ତି। ଦେଖନ୍ତୁ, "ଭକ୍ତିର ଏକ ଭେଖ ଧରନ୍ତି ମାତ୍ର ଏହାର ଶକ୍ତିକୁ ଅସ୍ୱୀକାର କରନ୍ତି।" ବିଶ୍ୱାସକୁ ଅସ୍ୱୀକାର କରନ୍ତି, ବାଇବଲରେ ବିଶ୍ୱାସ କରନ୍ତି ନାହିଁ, କୁହନ୍ତି, ବିଶ୍ୱାସମତକୁ ଧରି ରହିଥାନ୍ତି, ନାମଧାରୀ ସଂସ୍ଥାକୁ ଧରି ରହି, ନାମଧାରୀ ସନ୍ତାନଗୁଡିକୁ ଜନ୍ମ କରନ୍ତି। ଏହାକୁ ତ ପତିତ ହେବାକୁ ଅଛି। ସେଠାରେ ସେ ଠିକ୍ ପଛକୁ ଫେରିଯାଆନ୍ତି।

177 ସେହି ବ୍ୟକ୍ତି ଜଣକ କାହାଁନ୍ତି ଯିଏକି ସେହି ଶେଷ-କାଳୀନ ମଣ୍ଡଳୀ ପାଇଁ ସେହି ବୀଜ ବୁଣିବାକୁ ଯାଉଛନ୍ତି? ସେହି ପରିପକ୍ୱ ବୀଜ କେଉଁଠାରେ ଅଛି, ଯାହାର ପ୍ରତିଜ୍ଞା ଏଲିୟଙ୍କୁ କରାଯାଇଥିଲା? ଏବଂ ତାହାଙ୍କ ଦିନ ପରେ ସଙ୍ଗେ ସଙ୍ଗେ ସେହି ମହା କ୍ଲେଶ ମାଡି ଆସିବ ଓ ପୃଥିବୀକୁ ଦଗ୍ଧ କରିବ।

178 ଏବଂ ତାହାପରେ ମଣ୍ଡଳୀ ଏବଂ କନ୍ୟାର ଫେରିବା ସମୟରେ, ସହସ୍ରାବ୍ଦୀରେ, କନ୍ୟା ଏବଂ ଖ୍ରୀଷ୍ଟ ସେମାନଙ୍କ ପାଉଁଶ ଉପରେ ଗମନାଗମନ କରିବେ, ଯେତେବେଳେ ପୃଥିବୀ ଅଗ୍ନି ଦ୍ୱାରା ଶୁଦ୍ଧ କରାଯିବ। ଏବଂ ସେଠାରେ ସେମାନେ ରାଜତ୍ୱ କରିବେ। ଏବଂ ଅନ୍ୟ ଜାତିମାନେ ଯେଉଁମାନେକି କେବେ ସୁସମାଚାର ଶୁଣି ନାହାଁନ୍ତି ସେହି ସମୟରେ ଉତ୍ଥିତ କରାଯିବେ, ଏବଂ ପରମେଶ୍ୱରଙ୍କ ପୁତ୍ରମାନେ ପ୍ରକଟିତ ହେବେ। ଯଦି ସେ ରାଜତ୍ୱ କରିବାକୁ ଯାଉଛନ୍ତି,

ତେବେ ତାଙ୍କ ପାଖରେ ରାଜତ୍ୱ କରିବା ପାଇଁ କିଛି ରହିବା ଆବଶ୍ୟକ, ତାଙ୍କର ଏକ ରାଜ୍ୟ ହେବା ଆବଶ୍ୟକ। "ଏବଂ ସେମାନେ ଖ୍ରୀଷ୍ଟଙ୍କ ସହିତ ଶାସନ ଓ ରାଜତ୍ୱ କଲେ," ଏବଂ ଖ୍ରୀଷ୍ଟ ଜାତିମାନଙ୍କ ଉପରେ, ଲୌହ ଦଣ୍ଡ ନେଇ ଶାସନ କଲେ। ତାହାପରେ ସୁସମାଚାର...ତେବେ ପରମେଶ୍ୱରଙ୍କ ପ୍ରକଟିତ ପୁତ୍ରମାନେ, ଠିକ ସେହି ଅଧିକାର ସହିତ ଯେପରିକି ତାହାଙ୍କର ଥିଲା ଯେତେବେଳେ ସେ ଏଠାରେ ଥିଲେ, ଦେଖନ୍ତୁ, ସେହି ରାଜତ୍ୱ ସମୟରେ, ଦେଖନ୍ତୁ, ପାଉଁଶ ଉପରେ ସେହି ସହସ୍ରାବ୍ଦୀ ଆସିବ।

179 ତେଣୁ ମୁଁ କୌଣସି ବିଷୟକୁ ଚାହିଁ ରହିଛି। କଅଣ ତାହା ଆମଠାରୁ ବିନମ୍ରତାରେ ଖସି ଯାଇଛି କି ଓ ଆମେ ଏହାକୁ ହରାଇଅଛୁ? କଅଣ ଏହା ଘଟି ଯାଇଅଛି କି ଏବଂ ମଣ୍ଡଳୀ ତାର ପାପରେ ପଡି ରହିଅଛି? ଯଦି ତାହା ଅଟେ, ତାହାହେଲେ ଏହା ଆପଣଙ୍କର ଚିନ୍ତା କରିବାଠାରୁ ଅଧିକ ବିଳମ୍ବ ଅଟେ। ଯଦି ନୁହେଁ, ତେବେ ସେଠାରେ ଜଣେ ବ୍ୟକ୍ତି ଏକ ବାର୍ତ୍ତା ସହିତ ଆସୁଛନ୍ତି ଯାହାକି ସିଧା ବାଇବଲ ଉପରେ ଆଧାରିତ ଅଟେ, ଏବଂ ତ୍ୱରିତ ସେବାକାର୍ଯ୍ୟ ପୃଥିବୀର ପରିଭ୍ରମଣ କରିବ। ବୀଜଗୁଡିକ ଖବରକାଗଜରେ, ପାଠ୍ୟ ସାମଗ୍ରୀରେ ଯିବ, ଯେପର୍ଯ୍ୟନ୍ତକି ପରମେଶ୍ୱରଙ୍କ ପ୍ରତ୍ୟେକ ପୂର୍ବନିରୂପିତ ବୀଜ ଏହା ଶୁଣି ନ ନେଇଛନ୍ତି। ପିତା ସେମାନଙ୍କୁ ଯେପର୍ଯ୍ୟନ୍ତ ଆକର୍ଷିତ ନ କରନ୍ତି ସେମାନଙ୍କ ମଧ୍ୟରୁ କେହି ଆସିବେ ନାହିଁ, ଏବଂ ପିତା ଯେଉଁମାନଙ୍କୁ ଆକର୍ଷିତ କରନ୍ତି ସେମାନେ ତାହା ଶୁଣିବେ ଏବଂ ଆସିବେ। ତାହା ହେବ, ପୂର୍ବ ନିରୂପିତ ବୀଜ ସେହି ବାକ୍ୟକୁ ଶୁଣିବେ।

180 ତାହାପରେ ଯେତେବେଳେ ତାହା ଘଟିବ, ଏହା ଏକ ଏକତ୍ରୀକରଣ ହେବ। ଏବଂ ଯୀଶୁ ପ୍ରକଟିତ ହେବେ, ଏବଂ ପୃଥିବୀର ସମସ୍ତ ସ୍ଥାନରୁ ମଣ୍ଡଳୀ ସେହିପରି ଭାବରେ ପୁନରୁତ୍ଥାନ ସହିତରେ, ଉଠିବ, ଊର୍ଦ୍ଧ୍ୱକୁ ଯିବ।

181 କଅଣ ତାହା ଯୋହନଙ୍କର ଆସିବା ପରି ହେବ କି, ଆଉ ଏପରିକି ନିର୍ବାଚିତ ଶିଷ୍ୟମାନେ ସୁଦ୍ଧା ତାହା ଜାଣି ନ ଥିଲେ? ସେମାନେ କହିଲେ, "ଶାସ୍ତ୍ରୀମାନେ କାହିଁକି କୁହନ୍ତି ଯେ ଏଲିୟ ପ୍ରଥମେ ଆସିବେ?"

182 ସେ ଉତ୍ତର ଦେଲେ, "ସେ ତ ଆସି ସାରିଲେଣି ଏବଂ ତୁମେ ତାହା ଜାଣିଲ ନାହିଁ।" କିନ୍ତୁ କହିଲେ, "ସେମାନେ ତାଙ୍କ ପ୍ରତି ଯାହା କରିବେ ବୋଲି କହିଥିଲେ ତାହା କଲେ।" ତାଙ୍କର ବାର୍ତ୍ତା ଏତେ ତୀବ୍ର ଥିଲା, ଦେଖନ୍ତୁ, ସମଗ୍ର ଇସ୍ରାଏଲ୍ ପାଇଁ, ଏବଂ ଏହା କେବଳ ଏକ ଛୋଟ ସ୍ଥାନ-...ଦୁଇଟି—ଦୁଇଟି ଛୋଟ ସ୍ଥାନରେ ଘଟିଥିଲା: ଯିରୁଶାଲମର ଠିକ୍ ତଳେ ଏବଂ ସେଠାରେ, କିମ୍ବା ତଳେ ଆୟନନ୍‌ରେ ଯେଉଁଠାରେକି ଯୋହନ ବାପ୍ତିଜିତ କରିବାକୁ ଯାଇଥିଲେ, ଏବଂ ଠିକ ନଦୀ କୂଳରେ ଯେଉଁଠାରେ ସେ ବାପ୍ତିଜିତ କରୁଥିଲେ, ନଦୀଟି ଶୁଖି ଯାଇଥିଲା। ମାତ୍ର ଛଅ ମାସ, ଆଉ ମଶୀହଙ୍କ ସମ୍ପୂର୍ଣ୍ଣ ପରିଚୟଟି ଠିକ୍ ସମ୍ମୁଖକୁ ଆସିଲା। ଦେଖନ୍ତୁ?

183 କଅଣ ଆମେ କିଛି ଅଣଦେଖା କରିଦେଇଛୁ କି? କଅଣ ଏହା ଆମର ଚିନ୍ତା କରିବାଠାରୁ ଅଧିକ ବିଳମ୍ବ ଅଟେ କି? ଏହା ବର୍ତ୍ତମାନ ଏକ ହୃଦୟ-ରୁ-ଅନ୍ୟ ହୃଦୟକୁ କଥା ଅଟେ । ଏହା ହେଉଛି, କେବଳ ଆଜି ରାତିରେ, କେବଳ...ହଁ, ଏହା କେବଳ—କେବଳ ଆମେ ଏଠାରେ କଥା ହେଉଅଛୁ । କଅଣ ଏହା ଆପଣଙ୍କର ଚିନ୍ତା କରିବାଠାରୁ ଅଧିକ ବିଳମ୍ବ ଅଟେ କି? କଅଣ ତାହା ସେଦିନ ସେହି ନଦୀରେ ସେହି ବାର୍ତ୍ତା ଥିଲା କି? କଅଣ ଏହା ଖସି ଯାଇଛି କି, ଏବଂ ଲୋକମାନେ ଏହାକୁ ହରାଇଛନ୍ତି? କଅଣ ଏହା ତାହା ଅଟେ କି? ତେବେ ଏହା ପ୍ରକୃତରେ ଆମେ ଚିନ୍ତା କରିବାଠାରୁ ଅଧିକ ବିଳମ୍ବ ଅଟେ । ଏହା କେବେ ହେବ? ମୁଁ ଜାଣେ ନାହିଁ। ହୋଇପାରେ ଆଜି ରାତିରେ । ହୋଇପାରେ ଆଉ ପଚାଶ ବର୍ଷରେ । ମୁଁ ଜାଣେ ନାହିଁ ଯେ ଏହା କେବେ ହେବ, ମୁଁ ବର୍ତ୍ତମାନ ଯେପରି ଅଛି ସେହିପରି ଭାବରେ ଆଗକୁ ବଢିବା ଜାରି ରଖିବି । ତେବେ, ଏହା କଅଣ? କଅଣ ମୁଁ କୌଣସି ବିଷୟର ବାଟ ଦେଖୁଅଛି କି?

184 ଗତକାଲି ରାତିରେ ମୋତେ ଏକ ବିଚିତ୍ର ସ୍ୱପ୍ନ ହେଲା, ଏହା ମୋତେ ଦିନସାରା ବ୍ୟଥିତ କଲା । ସାଧାରଣତଃ ମୁଁ ବହୁତ ସ୍ୱପ୍ନ ଦେଖେ ନାହିଁ । କିନ୍ତୁ ମୋର ଏକ ସ୍ୱପ୍ନ ହୋଇଥିଲା...

185 ମୁଁ ସବୁଆଡେ ଯାଏ, ଏବଂ ଏହା ଏହିପରି ହୁଏ ଯେ ମୁଁ ସେହି ବାର୍ତ୍ତାକୁ ପ୍ରବଳ ଭାବରେ ପ୍ରଚାର କରିଥାଏ ଆଉ ମୁଁ ଏଠାରେ ଗୋଟିଏକୁ ଏବଂ ସେଠାରେ ଗୋଟିଏକୁ ଦେଖିଥାଏ ଏବଂ ତାହାକୁ ଧରେ । ମୁଁ ପୁନର୍ବାର ଫେରିଯାଏ ଏବଂ ବାର୍ତ୍ତାକୁ ପ୍ରବଳ ଭାବରେ ପ୍ରଚାର କରେ ଆଉ ସେମାନେ ନିଜର ନାକକୁ ଘୁରାଇ ଚାଲିଯାଆନ୍ତି । ମାମଲା କଅଣ ଅଟେ? କଅଣ ସେମାନେ ସେମାନଙ୍କର ଅନୁଗ୍ରହର ଦିନକୁ ପାପରେ ଉଇହ୍ୟ କରି ଦେଇଛନ୍ତି କି? କଅଣ ସେହି ଶେଷ ଜଣକ ଆସି ଯାଇଛନ୍ତି କି? କଅଣ ଏହା ସମାପ୍ତ ହୋଇଅଛି କି? କଅଣ ଆମେ କେବଳ ବିନାଶକୁ ଅପେକ୍ଷା କରିଅଛୁ କି? କଅଣ ଏହି ସବୁ ଛୋଟ ଯୁଦ୍ଧଗୁଡ଼ିକ ଯାହା ସେପରି ଉଠୁଅଛି ତାହା ପ୍ରସ୍ତୁତ ହେବା ପାଇଁ କି?

186 କିଛି ଗୋଟାଏ ଘଟିବାକୁ ଯାଉଅଛି । ଏହା ଘଟିବା ପୂର୍ବରୁ, ମଣ୍ଡଳୀ ଚାଲି ଯିବ । ମୁଁ ସେହି କଥା ସହିତ କିପରି ଅସହମତ ଯେ ମଣ୍ଡଳୀ କ୍ଲେଶ ଦେଇ ଗମନ କରିବ! ଆପଣ କିପରି ଭାବରେ ଏକ ଛାୟାକୁ ଗଢିପାରନ୍ତି ଯାହାକି ଏକ ପ୍ରତିଛାୟାଠାରୁ ଭିନ୍ନ ଥାଏ? ଦେଖନ୍ତୁ? ଏହା ପୂର୍ବରୁକି ଟୋପାଏ ପାଣି କେବେ ପଡିଥିଲା ନୋହ ଜାହାଜ ଭିତରେ ଥିଲେ । ଏହା ପୂର୍ବରୁକି ନିଆଁ ଲାଗେ ଲୋଟ ସଦୋମରୁ ବାହାରେ ଥିଲେ । ବୁଝିଲେ? ଯୀଶୁ କହିଲେ, "ଯେପରି ଏହା ସେହି ଦିନଗୁଡ଼ିକ ମଧ୍ୟରେ ହୋଇଥିଲା ସେହିପରି ତାହା ମନୁଷ୍ୟପୁତ୍ରଙ୍କ ଆଗମନ ଦିନରେ ହେବ ।" ମଣ୍ଡଳୀକୁ ବିଚାର ସମ୍ମୁଖିନ ହେବାକୁ ପଡିବ ନାହିଁ, ଏହା ତ ଖ୍ରୀଷ୍ଟଙ୍କଠାରେ ରହିଛି ।

187 ଆମକୁ ଯାହା ଦରକାର ତାହା ହେଉଛି ସାଧୁମାନଙ୍କର ଏକ ସିଦ୍ଧତା । ସାଧୁମାନେ ବୁଝନ୍ତି ନାହିଁ, ଦେଖନ୍ତୁ, ସେମାନେ ହେଉଥାନ୍ତି...ସେମାନେ ଜାଣନ୍ତି ହିଁ ନାହିଁ ଯେ କଅଣ ଚିନ୍ତା କରିବାକୁ ଅଛି, ଦେଖନ୍ତୁ । ବର୍ତ୍ତମାନ ଆମେମାନେ...

188 ଯଦି ତାହା ଠିକ୍...ଯଦି ତାହା ନୁହେଁ, ତେବେ କିଛି ଗୋଟାଏ ଶୀଘ୍ର ଆସୁଛି, ସେଠାରେ ଏକ ବିସ୍ଫୋରଣ ହେବ। ମୁଁ ଲକ୍ଷ୍ୟ କରୁଛି, ମୁଁ ଜାଣେ ନାହିଁ ଯେ କେଉଁ ଆଡକୁ ବୁଲିବାକୁ ଅଛି।

189 ଗତ ରାତିରେ ମୁଁ ଏକ ସ୍ୱପ୍ନ ଦେଖିଲି। (ତେବେ ମୁଁ ସମାପ୍ତ କରୁଛି।) ମୁଁ ଏକ ସ୍ୱପ୍ନ ଦେଖିଲି, ବିଚିତ୍ର ବିଷୟ...

190 ମୁଁ ସେଠାରେ ଶୋଇ ରହି ମୋ ପତ୍ନୀଙ୍କ ସହ ଆଗାମୀ- ବିଷୟରେ କଥାବାର୍ତ୍ତା କରୁଥିଲି...ଆମେ ଠିକ୍ ପ୍ରାର୍ଥନା କରି ହିଁ ଥିଲୁ, ଏବଂ ମୁଁ...କେହି ଜଣେ, ସାନ ଛୋଟ ଡାଲାସ୍, ଡାକିଲେ ଯେ ସେ ତାଙ୍କ କାନରେ କିଛି ଆଘାତ ପାଇଛନ୍ତି, ଏବଂ ମୁଁ ଭିତରକୁ ଗଲି...ରକ୍ତସ୍ରାବ ହେଉଥିଲା, ଏବଂ ତାଙ୍କୁ ଡାକ୍ତରଙ୍କ ପାଖକୁ ଶୀଘ୍ର ନେବାକୁ ପଡ଼ିଥିଲା। ଏବଂ ମୁଁ ପ୍ରାର୍ଥନା କରିବାକୁ ଗଲି, ଏବଂ ପବିତ୍ରଆତ୍ମା କହିଲେ, "ତାହା ଠିକ୍ ଅଛି।" ଦେଖନ୍ତୁ?

191 ଏଠାରେ ସେ ଆସିଲେ, ତାହା ଠିକ୍ ଥିଲା। ଡାକ୍ତର କହିଲେ, "କାହିଁକି, ମୁଁ ଭାବିଲି ଯେ ତୁମର ହେବାକୁ ଯାଉଥିଲା..." କହିଲେ, "ତୁମ କାନ ପର୍ଦ୍ଦାରେ ଆଘାତ ହୋଇଛି, ଫାଟି ଯାଇଛି, ଏବଂ ଏଥିରୁ ରକ୍ତ ବାହାରୁଛି, ଏବଂ ସବୁ କିଛି ହେଉଛି।" କେବଳ ସମସ୍ତ... ପରବର୍ତ୍ତି ସମୟରେ ଯେତେବେଳେ ଆମେ ଗଲୁ—ଫେରିକି ଗଲୁ, ସେ ଏହା ବିଷୟରେ କିଛି କହିଲେ ନାହିଁ। କଅଣ ହେଲା ଜାଣେ ନାହିଁ, ଦେଖନ୍ତୁ, କୌଣସି ସଂକ୍ରମଣ ନୁହେଁ, କିଛି ନୁହେଁ। ଦେଖନ୍ତୁ?

192 ତେଣୁକରି ତେବେ କେହି ଜଣେ ଡାକି ଦେଇଥିଲେ, ଏବଂ ମୁଁ ବଖରାକୁ ଯାଇ ପ୍ରାର୍ଥନା କରୁଥିଲି। ପ୍ରାୟଃ ଅନ୍ୟ ଏକ ଦିନ ସେମାନେ ଡାକିଥିଲେ, କହୁଥିଲେ, "ଏହା ସମାପ୍ତ ହୋଇଛି। ଭଲ ଏବଂ ଉତ୍ତମ ଭାବେ! ସବୁକିଛି ଠିକ ଚାଲିଛି!"

193 ଏବଂ ମୁଁ ପତ୍ନୀଙ୍କ ସହ କଥାବାର୍ତ୍ତା ହେଉଥିଲି, ମୁଁ କହିଲି, "ପ୍ରିୟେ, ପ୍ରାୟଃ ଏକ ବର୍ଷ ଚାରି ମାସ ହେବ କେଉଁ ପଥରେ ଯିବାକୁ ଅଛି ମୁଁ ବଡ଼ କଷ୍ଟରେ ସୁଦ୍ଧା ଜାଣିପାରୁ ନାହିଁ।" ମୁଁ କହିଲି, "ମୁଁ ଜାଣେ ନାହିଁ କଅଣ।" ସେ କହିଲେ...ଆମେ ଏହି ପଦକ୍ଷେପ ବିଷୟରେ କଥାବାର୍ତ୍ତା କରୁଥିଲୁ। ମୁଁ କହିଲି, "ମୁଁ ଜାଣେ ନାହିଁ ଯେ କଅଣ କରିବି, ମୁଁ ଛିଡା ହୋଇଛି ଏବଂ ମୁଁ ଆଶ୍ଚର୍ଯ୍ୟ କରୁଛି। କଅଣ ଆମେ ବାଟ ଅନାଉ ଅଛୁ...କଅଣ ପରମେଶ୍ୱରଙ୍କର ସେହି ଜଣେ ମହାନ ଭବିଷ୍ୟଦ୍‌ବକ୍ତା...ସେହି ବିଷୟକୁ ପ୍ରହାର କରିବା ପାଇଁ ଦୃଶ୍ୟକୁ ଆସୁଛନ୍ତି କି? କଅଣ ଏହା ସର୍ବସାଧାରଣରେ ଜଣାଶୁଣା ହେବ କି?"

194 ମୁଁ ଚିନ୍ତା କଲି, "ତାହା ଶାସ୍ତ୍ରର ବିରୋଧାଭାସୀ ଅଟେ। ନା, ତାହା ହେଉଛି: 'ଆପଣ ଯେଉଁ ଘଟିକାରେ ଭାବି ନ ଥିବେ ସେ ସେହି ସମୟରେ ଆସନ୍ତି।'" ଦେଖନ୍ତୁ? ଏବଂ ମୁଁ ଜାଣେ ନାହିଁ ଯେ କଅଣ କରିବି। କଅଣ ଆମେ ଏହାକୁ ଅଣଦେଖା କରିଛୁ କି? ମୁଁ ଭାବିଲି, "ମୁଁ ଏଠାରେ ଘର ଆଖେପାଖେରେ ପଡି ରହିବାକୁ ଚାହେଁ ନାହିଁ।" ମୁଁ ଭାବିଲି...ଏବଂ ମୁଁ ଆଶା କରେ ଯେ ଏହା ଟେପ୍ ହେଉନାହିଁ; ଯଦି ଏହା ହେଉଥାଏ, ତେବେ ଟେପ୍ ଛିଣ୍ଡାଇ ଦିଅନ୍ତୁ କିମ୍ବା ଅନ୍ୟତ୍ର

ରଖିଦିଅନ୍ତୁ । ଦେଖନ୍ତୁ? ତେବେ ସେ କହିଲେ, ଯଦି...ମୁଁ କହିଲି, “ଯଦି ଏହାହିଁ ତାହା ଅଟେ, ତେବେ ଆମେ ଚନ୍ତା କରିବାଠାରୁ ମଧ୍ୟ ନିକଟବର୍ତ୍ତି ଅଟେ ।”

195 ଗୋଟିଏ ବିଷୟ ଯାହାକି ଅଛି...ଯାହାକି ଘଟିବାକୁ ଯାଉଅଛି । ନତୁବା ବର୍ତ୍ତମାନ ମୋ ସହିତ କିଛି ଗୋଟାଏ ଘଟିବାକୁ ହେବ । ଏବଂ ମୁଁ ବୁଝେ ନାହିଁ ଯେ କାହିଁକି ସେ ମୋତେ ଯିବାକୁ ଦେଲେ ନାହିଁ ଯେତେବେଳେ ଅନ୍ୟ ଦିନ ମୁଁ ସେହି ବେଞ୍ଚ ଉପରେ ଥିଲି, ତେବେ, ଦେଖନ୍ତୁ, ଯଦି ସେଠାରେ ଆଉ କିଛି କରିବା ପାଇଁ ନାହିଁ । କାହିଁକି? ମୁଁ କାହିଁକି ଗଲି ନାହିଁ? କଅଣ ହେଲା? କଅଣ ଆଉ କିଛି କରିବା ପାଇଁ ଅଛି କି? ମୁଁ ଭାବିଲି, “ତେବେ, ଯଦି ଏହା ମୋର ବାର୍ତ୍ତା ଅଟେ, ତାହାହେଲେ ଲୋକମାନେ ଏହା ଉପରେ ସେମାନଙ୍କର ନାକକୁ ବୁଲାଇବେ ।”

196 ତାହାପରେ, କିଛି ଗୋଟାଏ ମୋତେ ବିଦେଶୀ ମିଶନ୍ କ୍ଷେତ୍ରକୁ ଡାକେ । ମୁଁ ସମୁଦ୍ର ଆର ପାର୍ଶ୍ୱରୁ, ସବୁ ସ୍ଥାନରୁ ଡାକ ଆସୁଥିବାର ଶୁଣେ ।

197 ଚିଠି ଠିକ ଅନ୍ୟ ଦିନରେ ଆସିଲା, ଭାଇ ଲିଗର ଡର୍ବାନ୍ ସଭା ଉପରେ ଏକ—ଏକ ପୁସ୍ତକ ଲେଖୁଛନ୍ତି । ସେ କହିଲେ, “ଏହାକୁ କେବେ ବି ତୁଳନା କରାଯାଇ ନ ପାରେ । ଆଫ୍ରିକାରେ କେବେହେଲେ ସେପରି ଏକ ଦୋହଲାଇବା ହୋଇ ନ ଥିଲା । ଗୋଟିଏ ରାତ୍ରିର ସମୟ ମଧ୍ୟରେ ଆଫ୍ରିକାର ଏହି ଅନ୍ଧକାର ଦେଶରେ ଏପରି ଏକ ଦୋହଲାଇବା ହୋଇଥିଲା ଯାହାକି ସେମାନଙ୍କର ଜୀବନରେ ସେମାନେ ଆଗରୁ କେବେ ଅନୁଭବ କରି ନ ଥିଲେ ।” ତାହା ଠିକ, ସେଠାରେ ପ୍ରତିମାପୂଜକମାନଙ୍କ ଗହଣରେ ।

198 ମୁଁ ସେଠାରେ ତଳକୁ ଚାହିଁଲି, ମୁଁ ସେହି ଗରିବ ନିଗ୍ରୋମାନଙ୍କୁ, ମୂଲ୍ୟବାନ ଲୋକମାନଙ୍କୁ ଦେଖିଲି, ଲୋକମାନେ ସେମାନଙ୍କ ପ୍ରତି କିପରି ବ୍ୟବହାର କରୁଥିଲେ ତାହା ଦେଖିଲି... କ୍ରୀତଦାସମାନଙ୍କ ଅପେକ୍ଷା ମନ୍ଦ । ସେଠାରେ ଜଣେ ସାନ ବାଳକକୁ ଦେଖିଲି ଯାହାକି... ଆଉ ମୁଁ...ସେଠାରେ କାମ କରୁଥିଲା, ଏବଂ ମୁଁ କହିଲି...ସେହି ବାଳକ, ତୁମେ ଠିକ୍...ଆପଣ ମହିଳାମାନେ ଦୁଇ ଦିନରେ ମଧ୍ୟ ସେତିକି କରିପାରିବେ ନାହିଁ [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] କିମ୍ବା ତିନି ଦିନରେ, ଆପଣ ଯେତିକି ପରିଶ୍ରମ କରିପାରିବେ ସେତିକି ପରିଶ୍ରମୀ, ଯେତିକି ସେହି ବାଳକକୁ ଗୋଟିଏ ଦିନରେ କରିବାକୁ ପଡୁଥିଲା । ସେ ଗୋଟିଏ ଛୋଟ ପୁରୁଣା ଗାଧୁଆଘରର ଏକ ଚଟ୍ଟାଣ ଉପରେ ଶୋଇପଡେ, ପ୍ରାୟଃ ଚାରି ଫୁଟ ଲମ୍ବ ଏବଂ ଚାରି ଫୁଟ ଚଉଡା, ସେଠାରେ କୁଞ୍ଚିତ ହୋଇ ଶୋଇପଡେ । ଏବଂ ସେ ମାସକୁ ଗୋଟିଏ ପାଉଣ୍ଡ ଟଙ୍କା ପାଏ, ତାହା ହେଉଛି ଦୁଇ ଡଲାର ଏବଂ ଅଶୀ ସେଣ୍ଟ । ଏବଂ ସେ ମେଜରୁ ବଳକା ଭୋଜନ ଖାଇବାକୁ ପାଏ ନାହିଁ, ପେଟ ଭରା ଭୋଜନ ଖାଇବାକୁ ପାଏ ନାହିଁ; ଏହାର ତୃତୀୟାଂଶ, ଜଳଖିଆ; ରାତ୍ରୀ ଭୋଜନରେ ଏହାର ତୃତୀୟାଂଶ; ଏବଂ ଅନ୍ୟ ତୃତୀୟାଂଶଟି ସେହି ରାତିରେ ରାତ୍ରୀ ଭୋଜନରେ ପାଏ । ଦଶ, କିମ୍ବା ଏଗାର, ବାର ଘଟିକା ପର୍ଯ୍ୟନ୍ତ କାମ କରେ; ପରଦିନ ସକାଳୁ ଉଠି ଯାଏ ଏବଂ ଶିଶୁ ଓ ଅନ୍ୟ ସମସ୍ତ ବିଷୟର ଯତ୍ନ ନିଏ, ଏବଂ ପାହାଚଗୁଡିକୁ ସଫା କରେ ଓ ମାଲିକଙ୍କ ଗାଡିକୁ ପୋଛି ଦିଏ । ଏବଂ ସେହି ବଡ, ବୃଦ୍ଧ, ମୋଟା ମାଆ ମାତ୍ର

ସେଠାରେ ବସି ରହିଥାନ୍ତି ଆଉ କିଛି ହେଲେ କରନ୍ତି ନାହିଁ ପୁଣି ସେଠାରେ ବସି ଆଙ୍ଗୁଠିର ନଖଗୁଡିକୁ କାଟୁଥାଆନ୍ତି ଓ ତାହା ପିଅନ୍ତି, ଅଳସୁଆ, କୌଣସି କାମ-ହେତୁ ଭଲ ନୁହେଁ।

199 ସେହି ଗରିବ ପିଲାଟିକୁ ସବୁକିଛି ପରି କାମ କରିବାକୁ ପଡୁଥିଲା । ତାର କାଶ ହେଉଥିଲା, ଏବଂ ସେ ଏପରି ଦେଖାଯାଉଥିଲା ଯେପରିକି ତାକୁ ଥଣ୍ଡା ହୋଇଛି, ଯେପରିକି ଏକ "ହାଓ୍ୱ, ହାଓ୍ୱ, ହାଓ୍ୱ।" ଆଉ ଦିନେ ମୁଁ ସେଠାକୁ ଚାହିଁ ରହିଲି, ମୁଁ କହିଲି, "କଅଣ ଆପଣ କେବେ ସେହି ବାଳକକୁ ଆଣ ନାହିଁ...ଆପଣ କାହିଁକି ତାକୁ ସଭାକୁ ନେଇକରି ଆସନ୍ତି ନାହିଁ?"

200 "ସେ ଜଣେ କାଫିର୍ ଅର୍ଥାତ ଅବିଶ୍ୱାସୀ ଅଟେ।" [ଟେପ୍‌ରେ ରିକ୍ତ ସ୍ଥାନ—ଏଡି।] ଏହାର ଅର୍ଥ ହେଉଛି ଜଣେ "ଦୁର୍ବୃତ୍ତ।" କୌଣସି ଆଶ୍ଚର୍ଯ୍ୟ ନୁହେଁ ଯେ ସେମାନେ ସେହି ନାମରେ ଚିଡି ଯାଆନ୍ତି। ମୁଁ ମଧ୍ୟ, ତାହା କରିଥାଏ। ସେ ଲୋକଟି ମୋର ଭାଇ ଅଟେ। ଏବଂ ସେ ସେଠାରେ ଅଟେ। ସେ ଜଣେ କ୍ରୀତଦାସ ନୁହେଁ। ତାର ରଙ୍ଗର ଏହା ସହିତ କୌଣସି କାରବାର ନାହିଁ। ସେ ମୋର ଭାଇ ଅଟେ। ଏବଂ ସେଠାରେ ସେ ସେହିପରି ଭାବରେ ଥିଲା।

201 ମୁଁ ବାହାରକୁ ଗଲି, ମୁଁ ତାକୁ ଡାକିଲି "ଥୋମାସ୍।" ସେହି ପିଲା ତିନୋଟି ଭାଷା କହିପାରୁଥିଲା। ଏବଂ ମୁଁ କହିଲି, "ଥୋମାସ୍?"

202 ସେ ବୁଲି ପଡିଲା, ନିଜ ଆଣ୍ଠୁମାଡି ହାତ ଉପରକୁ ଉଠାଇ, କହିଲା, "ହଁ, ସ୍ୱାମୀ।"

203 ମୁଁ କହିଲି, "ଉଠ। ମୁଁ ତୁମର ସ୍ୱାମୀ ନୁହେଁ, ମୁଁ ତୁମର ଭାଇ ଅଟେ।" ମୁଁ ମୋର ବାହୁକୁ ତାର ଚାରିପାଖରେ ରଖିଲି। ସେ ମୋତେ ସେହିପରି ଭାବେ ଚାହିଁଲା, ଏବଂ ତାର ଗାଲରୁ ବଡ ବଡ ଲୁହ ଝରି ଆସିଲା। ମୁଁ କହିଲି, "ଥୋମାସ୍।"

204 ଏବଂ ପବିତ୍ରଆତ୍ମା ଆସିଲେ ଓ ସେଠାରେ ଏକ ଦର୍ଶନ ଆସିଲା। ମୁଁ ତାକୁ କିଛି କହିଲି। ଏବଂ ସେ କହିଲା, "ହଁ, ସ୍ୱାମୀ। ତାହା ସତ ଅଟେ। ତାହା ଠିକ ସେହିପରି ହିଁ ଅଟେ।"

205 ମୁଁ କହିଲି, "ଥୋମାସ୍, କାଶ ତୁମକୁ ଛାଡି ଚାଲିଯାଇଛି, ତୁମର ଆଉ ତାହା ହେବ ନାହିଁ।" ଆଉ ସେ କାଶିଲା ନାହିଁ।

206 ଲୋକମାନେ ମୋ ପକେଟରେ ଟଙ୍କା ଗଳେଇ ଦେଇ ଯାଉଥିଲେ, ମୋ ପାଖରେ ପ୍ରାୟଃ ଶହେ ଅଶୀ ସେହି *ପାଉଣ୍ଡ* ନୋଟଗୁଡ଼ିକ ଥିଲା (ଅର୍ଥାତ୍ ଦୁଇ ଡଲାର ଏବଂ ଅଶୀ ସେଣ୍ଟ)। ଆଉ ମୁଁ ତାକୁ ଏହା ଦେବା ପାଇଁ ଭୟ କରୁଥିଲି; ଭୟଭୀତ ହେଉଥିଲି ଯେ ମାଲିକ ତାକୁ ତାହା ସହ ଧରି ପକାଇବେ, ସେମାନେ ଭାବିବେ ଯେ ସେ ଏହାକୁ ଚୋରି କରିଛି ଏବଂ ତାହାପରେ ସେମାନେ ତାକୁ ପିଟିପିଟି ମାରି ପକାଇବେ। ତେବେ ମୁଁ—ମୁଁ ମାଲିକଙ୍କୁ କହିଲି, ମୁଁ କହିଲି, "ମୁଁ—ମୁଁ ସେହି ପିଲାକୁ ଭଲ ପାଏ। ମୋତେ ତାକୁ କିଛି ଟଙ୍କା ଦେବାକୁ ଦିଅନ୍ତୁ।"

"ଓଃ ନା! ନା! ଆପଣ ତାକୁ ନଷ୍ଟ କରିଦେବେ।"

207 ମୁଁ କହିଲି, "ଆପଣ ତ ଅତିଶୟ ନଷ୍ଟ ଅଟନ୍ତି।" ଦେଖନ୍ତୁ? "ଆପଣ ଏଠାରେ କଅଣ ଶୋଇ ରହିଛନ୍ତି? ଆଉ ଆପଣ କିଛି କରନ୍ତି ନାହିଁ। ସେହି ପିଲାଟି ସବୁ କାମ କରେ ଏବଂ

ଆପଣ ତାକୁ ଭୋକରେ ଅଧା ଖାଇବାକୁ ଦେଉଛନ୍ତି । ତାର ଏକ—ଏକ ବିଧବା ମାଆ ଏବଂ ପୀଡିତା ଭଉଣୀ ଅଛି, ଏବଂ ତାହାପରେ ଆପଣ ତାକୁ ଏକ ଡଲାର ଦିଅନ୍ତି...ମାସରେ ଦୁଇ ଡଲାର ଏବଂ ଅଶୀ ସେଣ୍ଟ ଦେଇଥାଆନ୍ତି ।" ମୁଁ କହିଲି, "ଆପଣ ଏଥିପାଇଁ ଦିନେ ଅମଳ କରିବେ! ସେଠାରେ କୋଡିଏ ଲକ୍ଷ ଶ୍ୱେତ ଲୋକମାନେ ଏବଂ ପ୍ରାୟଃ ଦଶ କୋଟି ଅଶ୍ୱେତ ଲୋକମାନେ ଅଛନ୍ତି । ଆପଣଙ୍କର ଏକ ବିଦ୍ରୋହ ହେବ ।"

କହିଲେ, "ଏଠାରେ ଯାହା ଚାଲିଛି, ଆପଣ ଯାଇ ଆମେରିକାରେ ତାହା କୁହନ୍ତୁ ନାହିଁ ।"

208 ମୁଁ କହିଲି, "ମୋତେ ଶାନ୍ତ ରହିବା ପାଇଁ କିଏ କହିବାକୁ ଯାଉଛି? କେବଳ ପରମେଶ୍ୱର ।" କହିଲେ, "ଆଶ୍ଚର୍ଯ୍ୟର କଥା ନୁହେଁ ଯେ ଲୋକମାନଙ୍କର ଏକ ଜଟିଳତା ରହିଥାଏ, ସେପରି ଭାବରେ ବ୍ୟବହାର କରାଯାନ୍ତି ।" [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] ଆପଣ ସେଠାରେ ଅଛନ୍ତି । ଆଉ ମୁଁ ସେମାନଙ୍କ ପାଇଁ ଛିଡା ହେଲି ।

209 ଗୋଟିଏ ଦିନ ଦୁଇଜଣ ସେବକ, କାମିଜର କଲର ଉପରକୁ ମୋଡା ହୋଇଥିଲା, ଛୋଟ ନିଶ, ସେମାନେ ରୋଡେସିଆକୁ ଆସିଲେ ।

210 ଏକ ଛୋଟ ପୁରୁଣା ସବୁଜ ପାଇଲଟ୍ ମୋତେ ସେହି ଉଷ୍ଣକଟିବନ୍ଧିୟ ଝଡ ତୋଫାନ୍ ମଧ୍ୟରୁ ଗୋଟିଏ ଭିତରକୁ ଉଡ଼ାଇ ନେଲେ, ତାହାପରେ ଆକାଶର ଉଚ୍ଚରେ, ଦୁଇ-ମାଇଲ୍ ସେହି ବିମାନ ଓଲଟା ପାଲଟା ହୋଇ, ଯିବା ପରି ଦେଖାଗଲା । ଆମେ ଜାଣି ନ ଥିଲୁ ଯେ ଆମେ ସୀଧା ଅଛୁ ନା ଓଲଟା ଅଛୁ; ବିମାନଟି ବାରମ୍ବାର ଓଲଟା ପାଲଟା ହୋଇ ଓଲଟୁ ଥିଲା । ଏବଂ ଅବଶେଷରେ ଏହା...ଆମେ ଜାଣି ନ ଥିଲୁ ଯେ ଏହା ତଳକୁ ଯାଉଥିଲା କି ଉପରକୁ ଯାଉଥିଲା । ଏବଂ ସର୍ବଶେଷରେ ଏହା ଆମକୁ ଝଡ଼ ଉପରକୁ ନେଇ ଯାଇଥିଲା । ଏବଂ ଯେତେବେଳେ ଆମେମାନେ ଓହ୍ଲାଇଲୁ ସେତେବେଳେ ମୋ ପେଟ ଅତିଶୟ ଘାଣ୍ଟୁ ଥିଲା!

211 ସେହି ସେବକମାନଙ୍କ ମଧ୍ୟରୁ କେତେକ, ପେଣ୍ଟିକଷ୍ଟାଲ୍ ସେବକମାନେ, ଗୋଟିଏ କାରରେ ବସିଲେ ଓ ମୋତେ ପ୍ରିଟୋରିଆକୁ ନେଇ ଯାଉଥିଲେ । ମୁଁ ଦକ୍ଷିଣ ରୋଡେସିଆରୁ ଆସୁଥିଲି; ଏବଂ ମୁଁ ସେଠାରେ ଓହ୍ଲାଇଲି ଏବଂ ଯାହା ବି ହେଉ, ମୁଁ ଅସୁସ୍ଥ ଥିଲି । ଏବଂ ଭାଇ ବାକ୍ସଟର୍ ସେଠାରେ ଅସୁସ୍ଥ ଭାବରେ, ବସିଥିଲେ, ଏବଂ ବିଲି ପଲ୍, ଅସୁସ୍ଥ ଥିଲେ । ଏବଂ ଏଠାରେ ଆମେମାନେ ଠିକ ସେହି ସୀମା ଦିଆଯାଇଥିବା ଅଞ୍ଚଳ ଦେଇ ଯାଉଥିଲୁ; ସେହିଠାରେ ହିଁ ଅଟେ ଯେଉଁଠାରେକି ଅଶ୍ୱେତ ଲୋକମାନେ ଯଦି କିଛି କରନ୍ତି ସେମାନଙ୍କୁ ତାଙ୍କର ଜନଜାତିକୁ ଛାଡି ଚାଲିଯିବାକୁ ପଡେ, କୌଣସି ଆଦିବାସୀ ପାପ, ଏବଂ ସେମାନେ ସେଠାକୁ ଆସନ୍ତି । ଏବଂ ସେମାନେ ସେମାନଙ୍କୁ ସହର ଭିତରକୁ ଆସିବାକୁ ଦିଅନ୍ତି ନାହିଁ, ତେଣୁ ସେମାନେ କେବଳ ଟିଣ ତଳେ କିମ୍ବା ଯାହାକିଛି ସେମାନେ କରିପାରନ୍ତି ତାହାର ତଳେ ରହିଥାଆନ୍ତି, ବହୁତ ଅପରିଷ୍କାର ଏବଂ ବିଷୟମାନ, ସତ ଅଟେ । ଏବଂ ସେଠାରେ ସେମାନେ ତାହା ଦେଇ ଗଲେ, ଏବଂ ମୁଁ ସେଠାରେ ଏକ ଚିହ୍ନପଟ ଦେଖିଲି, କହୁଥିଲା, "ଘଣ୍ଟାକୁ କୋଡ଼ିଏ ମାଇଲ୍ ।" ଏବଂ ସେହି ଲୋକଟି ଘଣ୍ଟାକୁ ପଇଁ-ଷାଠିଏ ମାଇଲ୍ ଯାଉଥିଲେ । ସେହି ଗରିବ ବୃଦ୍ଧ

ମାଆମାନେ ଦୌଡି ଯାଇ ସେମାନଙ୍କର ଛୋଟ ଛୁଆମାନଙ୍କୁ, ଛୋଟ ଶିଶୁମାନଙ୍କୁ ଧରିଥିଲେ, ଯେଉଁମାନେକି ଉଲଗ୍ନ ହୋଇ, ରାସ୍ତାରେ ସେଠାରେ ବୁଲୁଥିଲେ, ଏବଂ ପ୍ରାୟଃ ଦୁଇ ବର୍ଷରୁ ନେଇ ପାଞ୍ଚ କିମ୍ବା ଛଅ ବର୍ଷ ପର୍ଯ୍ୟନ୍ତ; ସେହି ଛୋଟ ଶିଶୁମାନଙ୍କୁ ଧରି, ଚିତ୍କାର କରୁଥିଲେ । ଏକ ସମୟରେ ତ ସେ ସେମାନଙ୍କ ମଧ୍ୟରୁ ଚାରିଜଣଙ୍କୁ ହତ୍ୟା କରିବାର ଖୁବ୍ ପାଖେଇ ଆସିଥିଲେ ।

212 ମୁଁ ତାଙ୍କୁ କାନ୍ଧରେ ହାତରେ ଠାରିଲି, ମୁଁ କହିଲି, "ହେ! ତୁମର କଅଣ ହୋଇଛି?"

ସେ ବୁଲିପଡି, କହିଲା, "ଆପଣ କିଛି କହିଲେ?"

213 ମୁଁ କହିଲି, "ମୁଁ କହିଲି, ତୁମର କଅଣ ହୋଇଛି?' ସେହି ଗାଡ଼ିକୁ ଧୀର କର!"

କହିଲେ, "ଆପଣଙ୍କୁ ଠିକ୍ ସମୟରେ ସେଠାରେ ପହଞ୍ଚାଇବାକୁ ଆମେ ଆଦେଶ ପାଇଅଛୁ ।"

214 ମୁଁ କହିଲି, "ଏହାକୁ ବନ୍ଦ କରିବା ପାଇଁ ମୁଁ ତୁମକୁ ଆଦେଶ ଦେଉଅଛି ।" ଏବଂ ସେ କହିଲେ...ମୁଁ କହିଲି, "କଅଣ ତୁମର ସେହି ଲୋକମାନଙ୍କ ପାଇଁ କୌଣସି ସମ୍ବେଦନା ନାହିଁ କି?"

"କେଉଁ ଲୋକମାନେ?"

ମୁଁ କହିଲି, "ସେଠାରେ ଥିବା ସେହି ଛୋଟ ଶିଶୁମାନଙ୍କୁ ତୁମେ ପ୍ରାୟଃ ଗାଡ଼ିରେ ମଡେଇ ଦେଇଥାଆନ୍ତ ।"

କହିଲେ, "ସେମାନେ ହେଉଛନ୍ତି କାଫିର୍ସ ବା ଅବିଶ୍ୱାସୀମାନେ!"

215 ମୁଁ କହିଲି, "ତୁମକୁ ଲାଜ ଲାଗୁ ନାହିଁ! ନିଜକୁ ଖ୍ରୀଷ୍ଟିଆନ ବୋଲି କହୁଛ?" ମୁଁ କହିଲି, "କଅଣ ତୁମେ ଜାଣ ନାହିଁ ଯେ ସେହି ମାଆ ନିଜ ଶିଶୁର ବିଷୟରେ ସେତିକି ଭାବିଥାଏ, ଯଦି ତୁମେ ତାହାକୁ ମାରି ଦେଇଥାନ୍ତ, ଯେତିକି ତୁମ ମାଆ ତୁମ ବିଷୟରେ ଭାବିଥାଏ?" ମୁଁ କହିଲି, "ସେ ହୁଏତ ଅଜ୍ଞ ଏବଂ ଅଶିକ୍ଷିତ ହୋଇପାରେ, କିନ୍ତୁ ଏକ ମାତାର ପ୍ରେମ ତାହାର ଶିଶୁ ପାଇଁ କାନ୍ଦିଥାଏ । ସେହିପରି ଏକ କାର୍ଯ୍ୟ କରିବା ତୁମ ପାଇଁ ଉଚିତ୍ ନୁହେଁ । ଏବଂ ତୁମେ ନିଜକୁ ବୋଲାଅ..." ମୁଁ କହିଲି, "ଆଉ ଏକ କଥା, ସେହି ଚିହ୍ନ କହିଲା 'ଘଣ୍ଟାକୁ କୋଡ଼ିଏ ମାଇଲ,' ମୋର ବାଇବଲ କୁହେ, 'କାଇସରର ଭାଗ କାଇସରଙ୍କୁ ଦିଅ ।'" ଏବଂ ସେ ତାଙ୍କର ମୁଣ୍ଡକୁ ତଳ କରି ଦେଲେ । ମୁଁ କହିଲି, "ତୁମେ ଏହାକୁ ଘଣ୍ଟାକୁ କୋଡ଼ିଏ ମାଇଲ୍ ପର୍ଯ୍ୟନ୍ତ ଧୀମେଇ ଦିଅ ଏବଂ ସେମାନଙ୍କୁ ନିଜର ଭାଇ ପରି ବ୍ୟବହାର କର ।" ମୁଁ କହିଲି, "ତୁମକୁ ଲଜ୍ଜା ଲାଗିବା କଥା, ସେହିପରି କୌଣସି ବି ବିଷୟ ପାଇଁ ।" ହେ, ମୋର ପ୍ରଭୁ, ସେମାନେ ଏପରି କ୍ରୋଧିତ ହେଲେ ଯେପରିକି ବେଙ୍ଗ ଉଡନ୍ତା ମାଛିଗୁଡିକୁ ଖାଇଥାଏ! କିନ୍ତୁ ଏଥିରେ କୌଣସି ଫରକ୍ ପଡେ ନାହିଁ, ମୁଁ ମୋର ଶବ୍ଦକୁ କହିଲି, ମୋର କଥାକୁ ରଖିଲି ।

216 ଏବଂ ଆମେ ସେଠାକୁ ଗଲୁ ଏବଂ ଲୋକମାନେ ଜାଣିଲେ ଯେ ମୁଁ ସେମାନଙ୍କ ପାଇଁ ଥିଲି, ଯେ ସେମାନଙ୍କ ପାଇଁ ସେହି—ସେହି ସୁସମାଚାରର ବାର୍ତ୍ତାକୁ ନେଇକି ଆସେ । ଏବଂ ପରମେଶ୍ୱର…

217 ସେମାନେ ସେଠାକୁ ଆସିଥିଲେ, ଓ ସେମାନଙ୍କୁ ମିଶା ଗୋଳା କରି ଦେଇଥିଲେ ଏବଂ ଶ୍ୱେତକୁ ଗୋଟିଏ ପାର୍ଶ୍ୱରେ ରଖିଥିଲେ, ଏବଂ ଅଶ୍ୱେତକୁ, ଏବଂ ସେଠାରେ ଅଶ୍ୱେତମାନେ ସେମାନଙ୍କୁ ଗୋଟିଏ ଶବ୍ଦ ସୁଦ୍ଧା କହିପାରନ୍ତି ନାହିଁ, କିମ୍ୱା କିଛି ହେଲେ ନୁହେଁ । ପବିତ୍ରଆତ୍ମା ସେଠାରେ ସେମାନଙ୍କ ଗହଣକୁ ଆସିଥିଲେ ଏବଂ ରୋଗୀ ଓ ପୀଡ଼ିତ ଓ ଅପଙ୍ଗମାନଙ୍କୁ ନେଇଥିଲେ, ଆଉ ସେମାନଙ୍କୁ ସୁସ୍ଥ କରିଥିଲେ, ଏବଂ *ସେମାନଙ୍କୁ* ସେଠାରେ ନିର୍ମିତ ସେମାନଙ୍କର ବୃହତ କନିଷ୍ଠମାନର କମ୍ପ୍ଲେକ୍ସରେ ଏଠାରେ ବସିବାକୁ ଦେଇଥିଲେ । ଏହା ଦେଖାଏ ଯେ ପରମେଶ୍ୱର ହୃଦୟରେ ନମ୍ରଚିତ୍ତମାନଙ୍କ ସହିତ କିପରି ବ୍ୟବହାର କରନ୍ତି!

218 ତେବେ, ତାହା ଜଣେ ବ୍ୟକ୍ତି ଯିଏକି ଏପର୍ଯ୍ୟନ୍ତ ବାର୍ତ୍ତା ଗ୍ରହଣ କରିନାହାଁନ୍ତି ଏବଂ ସେ ସେହି ପୁସ୍ତକକୁ ଲେଖୁଛନ୍ତି ।

219 ବର୍ତ୍ତମାନ, ମୋତେ କଅଣ କରିବା ଉଚିତ୍? ସେହି ବିଷୟ, ମୁଁ କଅଣ କରିବି…କଅଣ—କଅଣ ମୋତେ ସେଠାକୁ ଫେରିଯିବାକୁ ଅଛି କି? ବର୍ତ୍ତମାନ, ଯଦି ପରମେଶ୍ୱର ମୋତେ ସୁସମାଚାର ପ୍ରଚାର କରିବାକୁ ଡାକନ୍ତି, ତାହାହେଲେ ମୁଁ ଗୋଟିଏ ସମୟରେ ତାହାଙ୍କର ଦର୍ଶୀ ଏବଂ ପ୍ରଚାରକ ହୋଇପାରେ ନାହିଁ । ଆପଣ କେବଳ…ଏହା…କାର୍ଯ୍ୟାଳୟଗୁଡିକ ମିଶ୍ରିତ ହେବ ନାହିଁ, ମୁଁ—ମୁଁ ତ କେବଳ…ମୁଁ ପବନ ସହିତ ଲଢୁଥାଏ । ଯଦି ମୁଁ ଜଣେ ସୁସମାଚାର ପ୍ରଚାରକ ହେବାକୁ ଯାଉଅଛି, ତେବେ ମୋତେ ଜଣେ ପ୍ରଚାରକ ହେବାକୁ ପଡ଼ିବ । ଯଦି ମୁଁ ତାହାଙ୍କର ଦର୍ଶୀ ହେବାକୁ ଯାଉଅଛି, ତାହାହେଲେ ମୁଁ କୌଣସି ସ୍ଥାନରେ ପର୍ବତକୁ ଚାଲି ଯିବି ଓ ଦୂରରେ ରହିବି; କୌଣସି ମଣ୍ଡଳୀ, କୌଣସି ସହଭାଗୀତା ନୁହେଁ, ଯେପର୍ଯ୍ୟନ୍ତକି ମୁଁ ପ୍ରଭୁଙ୍କଠାରୁ କିଛି ବାର୍ତ୍ତା ନ ଶୁଣେ; ଆଉ ତପ୍ରେ ପାଦକୁ ଝାଡି ବାହାରି ଯାଏ ଓ ତାହା ପ୍ରଦାନ କରେ, ଏବଂ ପୁନର୍ବାର ପାଦ ଧମ ଧମ କରି ଫେରିଯାଏ । ଦେଖନ୍ତୁ? ସେହି ବିଷୟଗୁଡିକ ମଧ୍ୟରୁ ଗୋଟିଏ, ଏହା ନିକିତିରେ ତୌଲା ଯିବା ଅଟେ । କିମ୍ୱା ଏହା ସମାପ୍ତ ହୋଇଯାଇଛି । ମୋ ପାଇଁ ତ ତାହା କେବଳ, ସେହି ତିନୋଟି ବିଷୟ ମଧ୍ୟରୁ ଗୋଟିଏ ହେବା ଆବଶ୍ୟକ । ବାର୍ତ୍ତାଟି ସମାପ୍ତ ହୋଇ ଯାଇଛି କିମ୍ୱା ମୋ ନିମନ୍ତେ କରିବା ପାଇଁ ସେହି ଦୁଇଟି ବିଷୟଗୁଡିକ ମଧ୍ୟରୁ ଗୋଟିଏ ଅଟେ । ମୁଁ ଜାଣେ ନାହିଁ ଯେ କଅଣ କରିବି ।

220 ଗତକାଲି ରାତି ମୁଁ ଏକ ସ୍ୱପ୍ନ ଦେଖିଲି, ଏବଂ ମୁଁ ସ୍ୱପ୍ନରେ ଦେଖିଲି ଯେ ମୁଁ ଏକ ସଭାକୁ ଯାଉଅଛି, ଏବଂ ମୁଁ ଏପରି ଲୋକମାନଙ୍କର ଦଳକୁ କେବେ ଦେଖି ନାହିଁ! ସେମାନେ ଏକ ବଡ ଷ୍ଟାଡିୟମରେ ଏକତ୍ରିତ ହେବା ପରି ଥିଲେ, ଯେତେ ଦୂର ମୁଁ ଦେଖିପାରୁଥିଲି । ଏବଂ କେହି ଜଣେ ମୋ ପଛରେ ଆସିଲେ ଯାହାକି ବିଲି ନୁହେଁ, ଏବଂ ସେ ମୋତେ ତଳକୁ ନେଇଗଲେ । ଏବଂ ମୁଁ କୋଠରୀରେ ରହି, ପ୍ରାର୍ଥନା କରୁଥିଲି, ଆଉ ମୁଁ ଆସୁଥିଲି…ଅଭିଷେକ ତଳେ

ରହିଥିଲି; ଏକ ପ୍ରକାର ପାନ୍ଥଶାଳା ପରି ଥିଲା ଯାହା ସେମାନେ ଏହାକୁ ଡାକନ୍ତି, ଆପଣଙ୍କୁ ବୁଝାଇବା ପାଇଁ, ଏକ ଗିଅର ପରି ଯେଉଁଠାରେକି ମୁଁ ଅନୁଭବ କରିପାରିବି ଯେ ଏହା ହୃଦୟର ଗୁପ୍ତ ବିଷୟ ପରିଭେଦ ଥିଲା । ଏବଂ ରାସ୍ତାରେ ଯାଉଥିବା ସମୟରେ ଜଣେ ବ୍ୟକ୍ତି ମୋ ସହିତ କଥାବାର୍ତ୍ତା କରିବାକୁ ଲାଗିଲେ ଏବଂ, ଯେତେବେଳେ ସେ ତାହା କଲେ, ସେହି ହୃଦୟର ଗୁପ୍ତ ବିଷୟ ପରିଭେଦ ଛାଡି ଚାଲିଗଲା । ମୁଁ ଏହା ଅନୁଭବ କରିପାରିଲି ନାହିଁ । ଏବଂ ତାହାପରେ ମୁଁ ନିଜକୁ ପୁନର୍ବାର ଏଥି ଭିତରକୁ ଟାଣି ନେବାକୁ ଚେଷ୍ଟା କଲି; ମୁଁ ତାହା କରିପାରିଲି ନାହିଁ । ମୁଁ ତାହା କରି ହିଁ ପାରିଲି ନାହିଁ । ଏବଂ ମୁଁ କ୍ଳାନ୍ତ ହୋଇପଡିଲି ।

221 ଏବଂ ମୁଁ ଭିଡ଼କୁ ଦେଖିବା ଆରମ୍ଭ କଲି ଯେତେବେଳେ ସେମାନେ ଚାଲି ଆସୁଥିଲେ । ଏବଂ ଯେତେବେଳେ ମୁଁ କଲି, ମୁଁ କହିଲି, "ତେବେ, ମୋ ମନରେ ଏକ ପାଠ ଅଛି ଯାହାକି ମୁଁ ଜାଣେ ଯେ ସେହି ସଂସ୍ଥାଗୁଡ଼ିକ ଏବଂ ଯେପରି ଭାବରେ ସେମାନେ ସେହି ଲୋକମାନଙ୍କ ସହିତ ବ୍ୟବହାର କରୁଥିଲେ, ତେବେ ମୁଁ ସେହି ସୁସମାଚାରକୁ ସେମାନଙ୍କ ପାଖରେ ଯଥାସମ୍ଭବ କଡା କଡି ଭାବରେ ପ୍ରଚାର କରିବାକୁ ଯାଉଛି ଯେତିକି ମୁଁ ପାରେ ।" ଆଉ ଯେତେବେଳେ ମୁଁ ମଞ୍ଚ ଉପରକୁ ଗଲି, ତାହା ମୋତେ ଛାଡି ଦେଇଗଲା ।

222 କୌଣସି ହୃଦୟର ଗୁପ୍ତ ବିଷୟ ପରିଭେଦ ନୁହେଁ, ସେହି ବାର୍ତ୍ତାଗୁଡିକ ମଧ୍ୟରୁ ଗୋଟିଏ ନୁହେଁ; ଏବଂ ମୁଁ ସେଠାରେ ଠିଆ ହେଲି, ଆଉ ତଥାପି ସୁଦ୍ଧା ଲୋକମାନେ ଅପେକ୍ଷା କରିଥିଲେ । ଏବଂ ମୁଁ କହିଲି, "ମୁଁ କଅଣ କରିବି?"

223 ଏବଂ କିଛି ଗୋଟାଏ କହିଲା, "ଆଗକୁ ବଢି ଚାଲ । କେବଳ ବଢି ଚାଲ, ଦେଖ," ମୁଁ ସେଠାରେ ପହଞ୍ଚିବା ବେଳେ ତାହା ସୁସଜ୍ଜିତ ଥିବ । "କେବଳ ଆଗକୁ ବଢି ଚାଲ ।" ବୁଝିଲେ? ତାହାପରେ ମୁଁ ସେଠାରେ ଠିକ ମଞ୍ଚ ଉପରେ ଥିଲି-...ଏବଂ ମୁଁ ଉଠି ପଡିଲି ।

224 ଏହା ହୋଇପାରେ କାରଣ ମୁଁ ସେ ବିଷୟରେ ଚିନ୍ତା କରୁଥିଲି, ସେଇଥି ପାଇଁ ମୁଁ ସେହିପରି ଏକ ସ୍ୱପ୍ନ ଦେଖିଲି । ଏହା ତାହା ହୋଇପାରେ । ଏହା ହୋଇପାରେ ଯେ ସ୍ୱପ୍ନଟି ଆତ୍ମିକ ଅଟେ । ମୁଁ ଜାଣେ ନାହିଁ । ମୋ ପାଖରେ ଏହାର କୌଣସି ବ୍ୟାଖ୍ୟା ନାହିଁ, ମୁଁ—ମୁଁ ଜାଣେ ନାହିଁ ଯେ ଏହାର ଅର୍ଥ କଅଣ । ମୁଁ ଆପଣଙ୍କୁ କହିପାରେ ନାହିଁ ଏବଂ ମୁଁ—ମୁଁ ଜାଣେ ନାହିଁ ଯେ ଏହା କଅଣ ଅଟେ? କିନ୍ତୁ, ତାହା ଯାହାକିଛି ବି ଅଟେ, ମୁଁ କୌଣସି ଏକ ଛକ ସ୍ଥାନରେ ଅଛି । ଦେଖନ୍ତୁ? କୌଣସିଠାରେ କିଛି ଗୋଟାଏ, କିଛି ଗୋଟାଏ ଅଛି ।

225 ଏବଂ ମୁଁ—ମୁଁ ଗୋଟିଏ କଥା କହିପାରେ, ଏବଂ ମୋତେ ଏତେ ଅଧିକ ଭୁଲ୍ ବୁଝା ଯାଇଛି । କିମ୍ବା *ଏହିପରି* ଭାବରେ କୁହନ୍ତୁ, ମୁଁ...ଏହା *ଏହି* ଉପାୟରେ ବା *ସେହି* ଉପାୟରେ ଅଟେ, ଜଣେ ଏହାକୁ *ଏହି* ପାର୍ଶ୍ୱରେ ପାଇଥାଏ । ଏବଂ ଏହା ଯେଉଁ ଉପାୟରେ ଅଟେ, ଆପଣ ଗୋଟିଏ ବିନ୍ଦୁ ଆଡେ ଠିକ ସୀଧାସଳଖ କିଛି କୁହନ୍ତି, ଏବଂ ଜଣେ ତାହାକୁ *ଏହିପରି* ଭାବରେ ଶୁଣେ, ତେଣୁ ସେ ଅନ୍ୟ ଜଣକୁ କୁହେ ଏବଂ ଟିକିଏ ଦୂରକୁ ଚାଲିଯାଏ, ଏବଂ ପରବର୍ତ୍ତୀଟି ଆଉ ଟିକିଏ ଦୂରକୁ, ପରବର୍ତ୍ତୀ ଜଣକ ଆଉ ଟିକିଏ ଦୂରକୁ ଚାଲିଯାଏ, ତାହାପରେ ଏହା

ଦୃଶ୍ୟରୁ ଦୂରେଇ ଯାଏ । ଜଣେ ଏହାକୁ *ଏହିପରି* ଭାବରେ ଅନ୍ୟ ଉପାୟରେ ଶୁଣେ, ସେ ଏହି ଉପାୟରେ, ସେହି ଉପାୟରେ ଏବଂ ସେହି ଉପାୟରେ । ଦେଖନ୍ତୁ, ଏବଂ ଆପଣ ଦୂରେଇ ଯାଆନ୍ତି । ଏବଂ ସେହିପରି ଭାବରେ ତାହା ସେହି ସଭାଗୁଡ଼ିକରେ—ରେ ଅଟେ, ଏବଂ ପ୍ରଭୃତି ସବୁରେ, ଯେତେବେଳେ ଆପଣ ପ୍ରକୃତରେ ଗୋଟିଏ ବିନ୍ଦୁ ଆଡକୁ ଯାଉଥାଆନ୍ତି । ବର୍ତ୍ତମାନ, ମନୋନୀତମାନେ ସେହି ବିନ୍ଦୁକୁ ଶୁଣି ପକାଇବେ । ସେମାନେ ସେହି ବିନ୍ଦୁକୁ ପାଇଯାଆନ୍ତି! ସେମାନେ ଜାଣନ୍ତି, 'କାରଣ ମୁଁ ଠିକ୍ ତାହା କହିଲି ଯାହାକି ତାର (ଦେଖନ୍ତୁ?) ସେହିପରି ଭାବରେ ଅର୍ଥ ଥିଲା, କେବଳ ବାର୍ତ୍ତା, ଅବିକଳ ଠିକ୍ ଭାବରେ ।

226 ତେବେ, ଏବଂ ତାହାହିଁ ଅଟେ ଯାହାକି ମୁଁ କୁହେ, ଏପରି ଜଣାଯାଏ ଯେପରିକି ନିରନ୍ତର, ସବୁବେଳେ ଅଧିକ ଭୁଲ ବୁଝାମଣା ରହିଅଛି । ଏହା କଅଣ ଅଟେ? ତାହା ହେଉଛି…କଅଣ ମୁଁ ସମସ୍ତ ବୀଜ ବୁଣିଅଛି କି ଯାହା ରୋପଣ କରାଯିବା କଥା? କଅଣ ସମୟ ସନ୍ନିକଟ କି? କଅଣ ଏହି ମହାନ ବାର୍ତ୍ତାବହ ବର୍ତ୍ତମାନ ଦୃଶ୍ୟରେ ଆସିବାକୁ ପ୍ରସ୍ତୁତ ହେଉଛନ୍ତି କି? କଅଣ ପ୍ରଭୁଙ୍କ ଆଗମନ ନିକଟବର୍ତ୍ତୀ କି? କଅଣ ଏହା ଏହି ଦେଶରୁ ଅନ୍ୟକୁ ଡାକରା ଅଟେ କି? କଅଣ ସେ ମୋତେ ସୁସମାଚାର ପ୍ରଚାର କାର୍ଯ୍ୟରୁ ଡାକି ନେଇଛନ୍ତି କି?

227 ମନେରଖନ୍ତୁ ମୁଁ…ମୁଁ ଏହାକୁ ପତ୍ନୀଙ୍କ ନିକଟରେ ପୁନରାବୃତ୍ତି କଲି । ଆପଣମାନଙ୍କ ମଧ୍ୟରୁ ଅନେକ ପୁସ୍ତକରେ…ଯେଉଁ ଦିନ ମୁଁ ସେହି କୋଣର ପ୍ରସ୍ତର ରଖିଲି, ପ୍ରାୟଃ ତିରିଶ ବର୍ଷ ପୂର୍ବେ, ଠିକ୍ ସେହି କୋଣରେ, ଏହା ସେଠାରେ କହିଥିଲା…ସେଦିନ ସକାଳେ ଯେତେବେଳେ ସେ ମୋତେ ନିଦ୍ରାରୁ ଉଠାଇଲେ, ଏବଂ ସେଠାରେ କୋଠରୀରେ ବସିଥିଲି, ଏପରିକି ମୁଁ ବିବାହ କରିବା ପୂର୍ବରୁ କିମ୍ବା କୌଣସି କିଛି ପୂର୍ବରୁ, କେବଳ ଜଣେ ବାଳକ ପ୍ରଚାରକ ହିଁ ଥିଲି, ସେ କହିଥିଲେ, "ଜଣେ ସୁସମାଚାର ପ୍ରଚାରକର କାର୍ଯ୍ୟ କର । ନୁହେଁ… ତୁମେ ସୁସମାଚାର ପ୍ରଚାରକ ନୁହଁ, କିନ୍ତୁ ସେହି *କାମ* କର," ମୋତେ ଏକ ଶାସ୍ତ୍ର ଉଦ୍ଧୃତ କଲେ । ଯେତେବେଳେ ମୁଁ ଦୌଡ଼ି ଯାଇ ସେହି ଦୁଇଟି ଗଛକୁ ଦେଖିଲି, ଗୋଟାଏ *ଏଠାରୁ* ଭାଙ୍ଗିଥିଲା… ଏକତ୍ତ୍ୱବାଦୀ ଏବଂ ତ୍ରିତ୍ତ୍ୱବାଦୀ । ମୁଁ ସେମାନଙ୍କୁ କେବେ ଅତିକ୍ରମ କଲି ନାହିଁ, ମୁଁ ସେଗୁଡିକୁ ସେହିପରି ଭାବରେ ହିଁ ରୋପଣ କଲି । ତାହାପରେ ସେ ଦେଖିଲେ ଯେ ମୋ ହାତରେ ଫଳ ପଡ଼ିଲା ଏବଂ ମୋତେ କାଲଭାରୀ ନିକଟକୁ ନେଇ ଗଲେ । ବର୍ତ୍ତମାନ ଶୁଣନ୍ତୁ, ସେ କହିଲେ, "ଯେତେବେଳେ ତୁମେ ଏଥିରୁ ବାହାରି ଆସ, ଦ୍ୱିତୀୟ ତୀମଥି 4, ଦ୍ୱିତୀୟ ତୀମଥି 4 ପାଠ କର ।"

228 ଏବଂ ଏହା ମୋତେ କୋଠରୀରେ ବସିଥିବା ଅବସ୍ଥାରେ ଛାଡି ଚାଲିଗଲା । ଏପରିକି ମୁଁ ଏହା ସୁଦ୍ଧା ଜାଣି ନ ଥିଲି ଯେ ତାହା ଏକ ଦର୍ଶନ ଥିଲା । ମୁଁ ସେତେବେଳେ ଜାଣି ନ ଥିଲି ଯେ ଏହାକୁ କଅଣ କୁହାଯିବ । ମୁଁ ସେଠାରେ (ସେଦିନ) ମୂଳଦୁଆର କୋଣ ପ୍ରସ୍ତର ପକାଉଥିଲି । ଏହା ଲେଖା ହୋଇଛି, ବର୍ତ୍ତମାନ ଠିକ ସେଠାରେ ସେହି କୋଣର ପ୍ରସ୍ତରରେ ରହିଛି, ଏବଂ କୁହେ:

*...ଜଣେ ସୁସମାଚାର ପ୍ରଚାରକଙ୍କର କାର୍ଯ୍ୟ ସାଧନ କର, ତୁମ୍ଭ ସେବାର କାର୍ଯ୍ୟ ସମ୍ପନ୍ନ କର।*

*କାରଣ ସମୟ ଆସିବ ଯେତେବେଳେ ସେମାନେ ହିତଜନକ ଶିକ୍ଷା ସହ୍ୟ କରିବେ ନାହିଁ; ମାତ୍ର ଶ୍ରୁତିମଧୁର କଥାରେ ସନ୍ତୁଷ୍ଟ ହୋଇ ଅଭିଳାଷାନୁସାରେ* ଆପଣାମାନଙ୍କ *ନିମନ୍ତେ ବହୁସଂଖ୍ୟକ ଶିକ୍ଷା—ଶିକ୍ଷକଙ୍କୁ...ସଂଗ୍ରହ କରିବେ;*

...ପୁଣି ସତ୍ୟ ବାକ୍ୟରେ କର୍ଣ୍ଣ ନ ଦେଇ *କଳ୍ପିତ କାହାଣୀ ପ୍ରତି* ମନ ଦେବେ। (ତାହା ଉଭୟ ଏକତ୍ତ୍ୱବାଦୀ ଏବଂ ତ୍ରିତ୍ତ୍ୱବାଦୀ, ସେମାନେ ଏଥିରୁ ବଞ୍ଚିତ ହୋଇଛନ୍ତି...)

229 ତେବେ, ସେ କେବେ ବି କହି ନାହାଁନ୍ତି "ତୁମେ ସୁସମାଚାର ପ୍ରଚାରକ ଅଟ," ସେ କହିଲେ, "ଜଣକ ପରି *କାମ* କର।" ବୁଝିଲେ? ବର୍ତ୍ତମାନ, କଅଣ ସମୟ ଆସି ଯାଇଛି କି? କଅଣ ମୁଁ ଏହା ସହିତ ଜାରି ରଖିବି ନା ଅନ୍ୟ କିଛି ପାଇଁ ସମୟ ଆସି ଯାଇଛି? ତାହା ମୁଁ ଜାଣେ ନାହିଁ।

230 ତାହାହିଁ ଅଟେ ଯାହା ମୁଁ ଚାହୁଁଥିଲି, ଆପଣମାନଙ୍କ ସହିତରେ ହୃଦୟ-ରୁ-ହୃଦୟର ଏକ କଥାବାର୍ତ୍ତା। ଏବଂ ମୁଁ ବର୍ତ୍ତମାନ ମୋର ସମୟରୁ ଓହରି ଯାଇଛି, ଯେଉଁଥିରେକି ମୋତେ ଆପଣମାନଙ୍କୁ ଛାଡି ଦେବାର ଥିଲା, ଆପଣମାନଙ୍କୁ ଏତେ ଲମ୍ବା ସମୟ ଅପେକ୍ଷା କରି ରଖିଥିବା ହେତୁ ମୁଁ ଦୁଃଖିତ ଅଟେ।

231 କିନ୍ତୁ, ଯଦି ପ୍ରଭୁଙ୍କର ଇଚ୍ଛା ହୁଏ, ତେବେ ଭାଇ ବୋଜେ ଠିକ ରବିବାର ଦିନ ଆସିବା ପୂର୍ବରୁ, ହୋଇପାରେ ଯେ ମୁଁ ରବିବାର ସକାଳେ ଆସିଯାଇପାରେ ଏବଂ *ସନ୍ଧ୍ୟା-କାଳୀନ ସୁସମାଚାର* ଏହି ବିଷୟ ଉପରେ କହିପାରେ, କିମ୍ବା ସେପରି କିଛି, ଦେଖନ୍ତୁ, ଯଦି ତାହା ଆପଣଙ୍କ ସହିତ ଠିକ୍ ଅଟେ, ପାଳକ। [ଭାଇ ନେୱିଲ୍ କୁହନ୍ତି, "ଉତ୍ତମ! ପରମେଶ୍ୱରଙ୍କର ପ୍ରଶଂସା ହେଉ!"—ସମ୍ପା।] ପ୍ରଭୁ ଇଚ୍ଛା କଲେ, ଆସନ୍ତା ରବିବାର ସକାଳେ। ଏବଂ ମୁଁ ଆଜି ରାତିରେ ତାହା ଉପରେ କହିବାକୁ ଯାଉଥିଲି, ଏବଂ ମୁଁ ଏକ ହୃଦୟ-ରୁ-ହୃଦୟ କଥାବାର୍ତ୍ତା କରିବାକୁ ଯାଉଥିଲି ବୋଧହୁଏ ଅନ୍ୟ କୌଣସି ସମୟରେ, କିନ୍ତୁ ମୁଁ ଅନୁଭବ କରୁଛି ଯେ ତାହା ଏହି ଉପାୟରେ କରିବା ଭଲ ହେବ, ବୋଧହୁଏ, ଦେଖନ୍ତୁ, ଯଦି ତାହା ପ୍ରଭୁଙ୍କର ଇଚ୍ଛା ଅଟେ।

232 ମୁଁ ଆପଣମାନଙ୍କ ପାଇଁ ପ୍ରାର୍ଥନା କରେ। ଆପଣ ମୋ ପାଇଁ ପ୍ରାର୍ଥନା କରନ୍ତୁ। କେବଳ ଏହା କୁହନ୍ତୁ ନାହିଁ—କୁହନ୍ତୁ ନାହିଁ, "ଭାଇ ବ୍ରାନହାମ୍, ମୁଁ କରିବି।" ଆପଣ ତାହା କରନ୍ତୁ! ଦେଖନ୍ତୁ? ମୁଁ ତାହା ଉପରେ ନିର୍ଭର କରେ। ମୁଁ ହିଁ ସେହି ଜଣକ ଯିଏକି ପ୍ରାର୍ଥନା ଆବଶ୍ୟକ କରେ, ଯଦି ସେ ମୋତେ କୌଣସି ସ୍ଥାନକୁ ପଠାଇ ପାରନ୍ତି। ମନେରଖନ୍ତୁ, ମୁଁ ଜଣେ ମଣିଷ ଅଟେ, ମୁଁ ପରମେଶ୍ୱର ନୁହେଁ। ମୁଁ ଆପଣମାନଙ୍କ ପରି ଜଣେ ମଣିଷ ଅଟେ, ପରମେଶ୍ୱରଙ୍କ ଇଚ୍ଛାକୁ ଖୋଜିବାକୁ ଚେଷ୍ଟା କରୁଅଛି ଯେପରିକି ମୁଁ ସେଥିରେ ଚାଲିପାରେ। କେହି ହେଲେ ଜାଣିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି..."ଏବଂ ଯାହାର ଜ୍ଞାନର ଅଭାବ, ସେ ପରମେଶ୍ୱରଙ୍କଠାରୁ ମାଗୁ।" ଏବଂ ତାହାହିଁ ଅଟେ ଯାହା ମୁଁ କରୁଅଛି, ପରମେଶ୍ୱରଙ୍କଠାରୁ ମାଗୁଅଛି। ଏବଂ

ମୁଁ ଏହାକୁ ମୋର ମଣ୍ଡଳୀ ଭାବି, ଏକ ହୃଦୟ-ରୁ-ହୃଦୟ କଥାବାର୍ତ୍ତା ଭାବରେ ଉପସ୍ଥାପିତ କରୁଅଛି । ଆମେ, ଆମେମାନେ କେଉଁଠାରେ? ଆମେ କେଉଁଠାରେ ଠିଆ ହୋଇଅଛୁ? ଆମେ କେଉଁ ଘଟିକାରେ ବାସ କରୁଅଛୁ? ଆମେମାନେ ଶେଷ ସମୟରେ ଅଛୁ, ମୁଁ ବିଶ୍ୱାସ କରେ । ମୁଁ ବିଶ୍ୱାସ କରେ ଯେ ଆମେମାନେ ଠିକ ଏଠାରେ ଶେଷରେ ଅଛୁ ।

233 ବର୍ତ୍ତମାନ, ଏହା ଗୋଟିଏ ବାଟକୁ କିମ୍ବା ଅନ୍ୟ ବାଟକୁ ଯାଇପାରେ । ତେଣୁକରି ଆପଣ... ଏହା ହୁଏତ ମୋର କାର୍ଯ୍ୟ ସମାପ୍ତ ହୋଇଯାଇଛି, କିମ୍ବା ମୋତେ ବିଦେଶ ମିଶନ୍ କ୍ଷେତ୍ର ନିମନ୍ତେ ଡକା ଯାଇଛି, କିଅବା ସେ ଜଣେ ସୁସମାଚାର ପ୍ରଚାରକ କିମ୍ବା ଦର୍ଶୀ କରିବେ । ସେହିଗୁଡିକ ମଧ୍ୟରୁ ଗୋଟିଏ ବିଷୟ ଘଟିବାକୁ ହିଁ ଅଛି, କାରଣ ମୁଁ ଶେଷରେ ଅଛି । ମୁଁ ଜାଣେ ନାହିଁ ଯେ କଅଣ କରିବି । ମୁଁ ଜାଣେ ନାହିଁ ଯେ କେଉଁ ରାସ୍ତାରେ ଯିବାକୁ ଅଛି । ଏପରିକି ଏହି ସଭାଗୁଡ଼ିକ, ଯାହାର ମୁଁ ପାଖେଇ ଯାଉଛି, ମୁଁ ପ୍ରାର୍ଥନା କରି ଆସୁଛି, ମୁଁ କହିଛି, "ପ୍ରଭୁ, ମୁଁ ସେହିପରି ଭାବରେ ରହିବାକୁ ଯାଉ ନାହିଁ ଯେପରି ଭାବରେ ମୁଁ ରହି ଆସିଛି । ମୁଁ ତାହାକୁ ସେହିପରି ଭାବରେ ନେବାକୁ ଯାଉଅଛି ଯେପରି ଭାବରେ ମୁଁ ସେଠାରେ ପଛ ସମୟରେ କରିଥିଲି, ମୁଁ ସେହି ସୁସମାଚାର ପ୍ରଚାରକୁ ଫେରିଯିବି ଯେପର୍ଯ୍ୟନ୍ତକି ତୁମେ ମୋତେ ସେହି ବିଷୟ ନିମନ୍ତେ ଆହ୍ୱାନ ନ ଦେବ ଯେ ମୋତେ କଅଣ କରିବାକୁ ଅଛି ।"

234 ମୁଁ—ମୁଁ ସବୁ ଜାଗାରେ ବୀଜ ବୁଣିଅଛି, ଟେପ୍‌ଗୁଡିକ ସାରା ବିଶ୍ୱରେ ଯାଇଅଛି, ମୋର ବାର୍ତ୍ତାଗୁଡିକ ସମଗ୍ର ବିଶ୍ୱକୁ ଯାଇଅଛି, ସମସ୍ତ ମଣ୍ଡଳୀ ଏହା ବିଷୟରେ ଜାଣନ୍ତି, ସର୍ବତ୍ର ଚାରିଆଡେ, ଏବଂ ପିତା ଯାହାଙ୍କୁ ମନୋନୀତ କରିଛନ୍ତି ସେ ଏହାକୁ ଡାକିବେ । ଦେଖନ୍ତୁ?

235 ଏବଂ ବର୍ତ୍ତମାନ ଏହା ଏପରି ଦେଖାଯାଏ ଯେ ଏହା ସେମାନଙ୍କ ପାଇଁ ଏକ ଅପରାଧ ହୋଇଯାଇଛି । ଓଃ, ସେମାନେ ଏହା ସହିତ କିଛି କରିବାକୁ ଚାହାଁନ୍ତି ନାହିଁ । ନା, ମହାଶୟ । କଅଣ ମୁଁ କେବଳ ବାହାରକୁ ଯାଇ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବି କି, ଏବଂ ତାହା ଉପରେ ଏକ ଛୋଟ ସରଳ ବାର୍ତ୍ତା ଦେବି, ଏବଂ—ଏବଂ ପବିତ୍ରଆତ୍ମା ମୋତେ କେଉଁ ମାର୍ଗରେ କଢାଇ ନିଅନ୍ତି ତାହା ଦେଖିବି କି? ତାହାହିଁ ଯାହାକି ମୋ ମନରେ କରିବା ପାଇଁ ଅଛି ଯେପର୍ଯ୍ୟନ୍ତକି ସେ ଅନ୍ୟ ଏକ ଆହ୍ୱାନ ନ କରନ୍ତି । କାରଣ ଜଣେ ବ୍ୟକ୍ତି ଜାଣେ ନାହିଁ ଯେ କଅଣ କରିବାକୁ ଅଛି ଯେପର୍ଯ୍ୟନ୍ତକି କଅଣ କରିବାକୁ ଅଛି ତାହା ଆପଣ ପରମେଶ୍ୱରଙ୍କଠାରୁ ନ ବୁଝନ୍ତି, ଯେପର୍ଯ୍ୟନ୍ତକି ଆପଣ ନିଜର ଆହ୍ୱାନ ନ ପାଇଯାଆନ୍ତି ।

236 ଆଉ ମୁଁ—ମୁଁ ଘର ଚାରିପାଖରେ ପଡି ରହିବାକୁ ଚାହେଁ ନାହିଁ । ଏହି ବାର୍ତ୍ତା ମୋ ହୃଦୟରେ ଅଛି । ଲୋକମାନେ ମରୁଛନ୍ତି, ଦୂରେଇ ଯାଉଛନ୍ତି, ଅନନ୍ତକାଳକୁ ଚାଲି ଯାଉଛନ୍ତି । ମୁଁ କଅଣ କରିପାରେ? ମୋତେ ଏହାକୁ ସର୍ବତ୍ର ପ୍ରବଳ ଭାବରେ କହିବାକୁ ଦିଅନ୍ତୁ ଯେତିକି ମୁଁ କରିପାରେ, ଏବଂ ପ୍ରଭୁ ଯୀଶୁଙ୍କ ବିଷୟରେ କହିବାକୁ ଦିଅନ୍ତୁ ଯେପର୍ଯ୍ୟନ୍ତକି ସେ ସ୍ଥିତି ପରିବର୍ତ୍ତନ ନ କରନ୍ତି । ଆପଣ ମୋ ପାଇଁ ପ୍ରାର୍ଥନା କରନ୍ତୁ, ମୁଁ ଆପଣଙ୍କ ପାଇଁ ପ୍ରାର୍ଥନା କରିବି । ମୁଁ ଆଶା କରେ ଯେ ଆପଣ ତାହା କରିବେ ।

237 ତେବେ, ବୁଧବାର ରାତ୍ରି, ପ୍ରାର୍ଥନା ସଭା ମନେ ରଖନ୍ତୁ, ଏବଂ ଶୁକ୍ରବାର ରାତ୍ରି, ପୁରୁଷମାନଙ୍କର ସଭା ମନେ ରଖନ୍ତୁ । କଅଣ ତାହା ଏଠାରେ ହେବାକୁ ଯାଉଛି କି? ମୁଁ ଆପଣ ସମସ୍ତଙ୍କୁ ଦେଖିବା ପାଇଁ ତଳେ ରହିପାରେ, ମୁଁ ଆପଣମାନଙ୍କୁ କହିଲି ଯେ ମୁଁ ଶୁକ୍ରବାର ରାତିରେ ଆସି ଆପଣଙ୍କୁ ଦେଖା କରିବି । ଠିକ ଅଛି, ତେବେ ରବିବାର ସକାଳେ, ପ୍ରଭୁ ଇଚ୍ଛା କଲେ, ମୁଁ *ସନ୍ଧ୍ୟା-କାଳୀନ ସୁସମାଚାର* ବିଷୟରେ କହିବାକୁ ଯାଉଛି, ଯଦି ପ୍ରଭୁ ଇଚ୍ଛା କରନ୍ତି; ହୁଏତ ଏହାକୁ ବଦଳାଇପାରେ, ଜାଣେ ନାହିଁ । କିନ୍ତୁ ତାହାହିଁ ଅଟେ ଯାହାକି ମୁଁ ଠିକ ବର୍ତ୍ତମାନ ଚିନ୍ତା କରୁଅଛି, ଯେ ସନ୍ଧ୍ୟାକାଳୀନ ସମୟରେ କେଉଁ ପ୍ରକାରର ସୁସମାଚାର ପ୍ରଚାରକମାନେ ରହିବେ । ଏବଂ ତାହାପରେ ରବିବାର ରାତିରେ, ଭାଇ ବୋଜେଙ୍କ ଚଳଚିତ୍ର, ଏବଂ ତାହା ବର୍ତ୍ତମାନ ମନେ ରଖନ୍ତୁ । ଏବଂ ଆମ ପାଇଁ ପ୍ରାର୍ଥନା କରିବେ, କାରଣ ଆସନ୍ତା ସପ୍ତାହ ଯଦି ପ୍ରଭୁ ଇଚ୍ଛା କରନ୍ତି, ଆମେ ଅମଳ କ୍ଷେତ୍ରକୁ ବାହାରିବୁ ।

*କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି?* ଆମେନ୍!
*କଅଣ ଆପଣ ତାହାଙ୍କର ସେବା କରିବେ?* ଆମେନ୍!
*କଅଣ ଆପଣ ତାହାଙ୍କୁ ବିଶ୍ୱାସ କରିବେ?* ଆମେନ୍!
ଆମେନ୍! ଆମେନ୍!

*ସେ ହେଉଛନ୍ତି ପିତା ।* ଆମେନ୍!
*ସେ ହେଉଛନ୍ତି ପୁତ୍ର ।* ଆମେନ୍!
*ସେ ହେଉଛନ୍ତି ପବିତ୍ରଆତ୍ମା ।* ଆମେନ୍!
ଆମେନ୍! ଆମେନ୍!

*ଏବେବି ଗୀତ ଗାଉଛନ୍ତି ।* ଆମେନ୍!

ଆମେନ୍! ଆମେନ୍! ଆମେନ୍! ଆମେନ୍!

*କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି?* ଆମେନ୍!
*କଅଣ ସେ ଆସୁଛନ୍ତି?* ଆମେନ୍!
*କଅଣ ଆପଣ ପ୍ରସ୍ତୁତ ଅଟନ୍ତି?* ଆମେନ୍!
ଆମେନ୍! ଆମେନ୍!

*ଆଜି ରାତିରେ ହୋଇପାରେ, କଅଣ ଆପଣ ପ୍ରସ୍ତୁତ କି?* ଆମେନ୍!
*ସକାଳେ, କଅଣ ଆପଣ ପ୍ରସ୍ତୁତ କି?* ଆମେନ୍!
*ଯେକୌଣସି ସମୟରେ, କଅଣ ଆପଣ ପ୍ରସ୍ତୁତ କି?* ଆମେନ୍!
ଆମେନ୍! ଆମେନ୍!

*ଏବେବି ଗୀତ ଗାଉଛନ୍ତି।* ଆମେନ୍!
*ଏବଂ ଚିତ୍କାର କରୁଛନ୍ତି।* ଆମେନ୍!
*ଏବଂ ପ୍ରାର୍ଥନା କରୁଛନ୍ତି।* ଆମେନ୍!
ଆମେନ୍! ଆମେନ୍!

*ପ୍ରଭୁ ଯୀଶୁ ଆସ।* ଆମେନ୍!
*ଆପଣା ମଣ୍ଡଳୀକୁ ପ୍ରସ୍ତୁତ କର।* ଆମେନ୍!
*ଆମେମାନେ ପ୍ରସ୍ତୁତ ହେଉଅଛୁ।* ଆମେନ୍!
ଆମେନ୍, ଆମେନ୍!

*ମୋର ମାଆଙ୍କୁ ଦେଖିବାକୁ ଚାହେଁ।* ଆମେନ୍!
*ମୋର ବାପାଙ୍କୁ ଦେଖିବାକୁ ଚାହେଁ।* ଆମେନ୍!
*ମୁଁ ମୋର ତ୍ରାଣକର୍ତ୍ତାଙ୍କୁ ଦେଖିବାକୁ ଚାହେଁ।* ଆମେନ୍!
ଆମେନ୍! ଆମେନ୍!

*ଓଃ, କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି?* ଆମେନ୍!
*କଅଣ ଆପଣ ତାହାଙ୍କର ସେବା କରିବେ?* ଆମେନ୍!
*କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି?* ଆମେନ୍!
ଆମେନ୍! ଆମେନ୍!

238 ଆମମାନଙ୍କର ସ୍ୱର୍ଗୀୟ ପିତା, ଏହା ଆମର...ଏକ ଛୋଟିଆ *ଆମେନ୍* ଗୀତ ଅଟେ। ଆମେ ତୁମର ଶିକ୍ଷା ଭଲପାଉ, ଆମେ ସମସ୍ତେ କହୁ "ଆମେନ୍!" ଆମେ ଆତ୍ମାଙ୍କୁ ଭଲପାଉ, "ଆମେନ୍!" ଆମେ ବିଶ୍ୱାସ କରୁ ଯେ ସେ ଆସୁଛନ୍ତି, "ଆମେନ୍!" ପ୍ରଭୁ, ପ୍ରତ୍ୟେକ ବାକ୍ୟ ଯାହା ତୁମେ ତୁମର ବାଇବଲରେ କହିଥାଅ, ଆମେ ତାହାକୁ ଏହା ସହିତରେ ବିରାମ ଚିହ୍ନ ଦେଉ "ଆମେନ୍!" ଆମେ ଏହାର ପ୍ରତ୍ୟେକ ବାକ୍ୟକୁ ବିଶ୍ୱାସ କରୁ, ଏହାକୁ ଆମର ସର୍ବୋତ୍ତମ ଜ୍ଞାନରେ ଶିକ୍ଷା ଦେଉ, ଠିକ ଯେପରିକି ଏହା ଲେଖା ହୋଇଛି, ପ୍ରତ୍ୟେକ ବିରାମ ଚିହ୍ନ, ପ୍ରତ୍ୟେକ ବିନ୍ଦୁ, ପ୍ରତ୍ୟେକ ଅବଧି, ପ୍ରତ୍ୟେକ ବିସର୍ଗ, ଠିକ ଯେପରିକି ଏହା ଲେଖା ହୋଇଛି, ଆମ ସର୍ବୋତ୍ତମ ଜ୍ଞାନ ଅନୁଯାୟୀ।

239 ହେ ପରମେଶ୍ୱର, ଆମକୁ ପୁନଃସ୍ଥାପନ କର, ପ୍ରଭୁ। ଆମକୁ ସେହି ବୃହତ ବଡ଼ ସନ୍ତୋଷ ଦିଅ ଯାହାକୁ ଆମେ ଚାହିଁଥାଉ, ଯେ ଗୋଟିଏ ଦିନ ଆମ୍ଭେମାନେ ସ୍ୱର୍ଗ ଦୂତମାନଙ୍କର ଏକ ଶବ୍ଦ ଶୁଣିବୁ ଯେତେବେଳେ ସେମାନେ ଆକାଶରେ ସାମୁହିକ ଗାୟନ ମଣ୍ଡଳୀରେ ହାଲ୍ଲେଲୁୟା ଗାଇବେ, ଯେତେବେଳେ ଯୀଶୁ ପ୍ରକଟିତ ହେବେ ଏବଂ ମଣ୍ଡଳୀ ଊର୍ଦ୍ଧ୍ୱକୁ ଉନ୍ନୀତ ହେବ।

240 ଅବିଶ୍ୱାସୀମାନେ ଆଶ୍ଚର୍ଯ୍ୟ କରିବେ, "କଅଣ ହେଲା, ସେହି ଲୋକମାନଙ୍କ ସହିତ କି ମାମଲା ଅଟେ? ସେମାନେ କୁଆଡେ ଗଲେ?" ହେ ପରମେଶ୍ୱର, ସେମାନେ ବୁଝିବେ ନାହିଁ, ଏପରିକି ସେମାନେ ତାହାଙ୍କୁ ଦେଖିବେ ସୁଦ୍ଧା ନାହିଁ। କିନ୍ତୁ ମଣ୍ଡଳୀ ତାହାଙ୍କୁ ଦେଖିବ,

ଅର୍ଥାତ୍ ଆହ୍ଵାନ-ପ୍ରାପ୍ତ, ମନୋନୀତ, ନୁତନ-ଜନ୍ମ ପ୍ରାପ୍ତ, ସେମାନେ ଅଦୃଶ୍ୟ ହୋଇଯିବେ। ସେମାନେ ଜାଣିବେ ନାହିଁ ଯେ ସେମାନେ କେଉଁଠାରେ ଅଛନ୍ତି, ସେମାନେ କେବଳ ଜାଣିବେ ଯେ ସେମାନେ ନିଖୋଜ ଅଟନ୍ତି; ସେମାନେ ସେମାନଙ୍କର ପ୍ରଭୁଙ୍କ ସହିତରେ ରହିବେ।

241 ତେବେ ସେହି ସମୟରେ, ପ୍ରଭୁ, ଏଠାରେ ଛାଡି ହୋଇଯିବା କି ଏକ ଭୟଙ୍କର ବିଷୟ ହେବ ନାହିଁ କି, ଏହା ଜାଣି ଯେ ପରିତ୍ରାଣର ସମୟ ଅତିବାହିତ ହୋଇ ଯାଇଛି? ଆଉ ଅଧିକ ମୁକ୍ତି ନାହିଁ! ଶାସ୍ତ୍ର କୁହେ, "ଯିଏ ଅଶୁଚି ସେ ଏବେ ସୁଦ୍ଧା ଅଶୁଚି ଥାଉ, ଯିଏ ଅପବିତ୍ର ସେ ଏବେ ସୁଦ୍ଧା ଅପବିତ୍ର ଥାଉ।" ଓଃ, ତାହା କି ଏକ ସମୟ ହେବ!

242 ପ୍ରଭୁ, ଏହା ହେଉ ଯେ ଆମେ ବର୍ତ୍ତମାନ ପ୍ରସ୍ତୁତ ହେଉ। ହେ ପିତା, ତାହା କି ଏକ ଅଦ୍ଭୁତ ସମୟ ହେବ ଯଦି ଆମେ କେବଳ ତୁମକୁ ସାକ୍ଷାତ କରିବା ପାଇଁ ପ୍ରସ୍ତୁତ ହେବୁ, ଏବଂ ପ୍ରତିଦିନ ନିଜ ହୃଦୟଗୁଡିକୁ ପ୍ରସ୍ତୁତ କରିବୁ। ଏବଂ ଯଦି ଆମେ ଏକ ଭୁଲ୍ କରି ଦେବୁ ଓ ପତିତ ହେବୁ, ଯେପରିକି ଏହି ବେଚାରା ପ୍ରାଣଟି ଆଜି ଏହି ପ୍ରଶ୍ନରେ ଲେଖିଥିଲେ, ସେମାନେ ଏହା ଜାଣନ୍ତୁ ଯେ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ସମସ୍ତ ପାପକୁ ଧୌତ କରେ। ସେହି ବ୍ୟକ୍ତିଙ୍କର ତାହା କରିବାର ଅଭିପ୍ରାୟ ନ ଥିଲା, ପ୍ରଭୁ। ସେମାନେ କ୍ଷୁଧିତ ଏବଂ ତୃଷିତ ଅଟନ୍ତି, ଆତ୍ମାର ସେହି ସହଭାଗିତାକୁ ଫେରି ଆସିବାକୁ ଚେଷ୍ଟା କରୁଛନ୍ତି। ହେ ପ୍ରଭୁ, ସେମାନଙ୍କୁ ଉପରକୁ ନେଇ ଆସ। ସେମାନଙ୍କୁ ଏହି ମେଘୁଆ, ମନ୍ଦ ଜଗତର ଉପରକୁ ଉଠାଇ ଆଣ; ଉପରକୁ, ଯେଉଁଠାରେକି ସୂର୍ଯ୍ୟକିରଣ ପୁଣି ଥରେ ସେମାନଙ୍କ ପ୍ରାଣଗୁଡିକ ଉପରେ ଉଜ୍ଜ୍ୱଳ ହୋଇପାରେ। ସେମାନେ ମେଘମାଳାର—ର ସେହି—ସେହି—ସେହି ମହାନ ଦିଗ୍ୱଳୟ ତଳେ ଖସି ଯାଇଛନ୍ତି, ଏବଂ ସେମାନେ ତଳେ ସେହି ଆବର୍ଜନାରେ, ସେହି ପାପରେ ରହିଛନ୍ତି। କିନ୍ତୁ ସେମାନେ ଥରେ ସେଠାରେ ସୂର୍ଯ୍ୟାଲୋକରେ ବାସ କରିଥିଲେ। ସେମାନେ—ସେମାନେ ପୁନର୍ବାର ଫେରିଯିବାକୁ ଚାହାଁନ୍ତି, ପ୍ରଭୁ। ଆଜି ରାତିରେ ସେମାନଙ୍କୁ ଫେରାଇ ନିଅ, ପ୍ରଭୁ। ଏବଂ ଯଦି ଏଠାରେ କେହି ଅଛନ୍ତି ଯେଉଁମାନେକି ସେଠାରେ ଉପରେ ରହିବାର ସାକ୍ଷୀ ହୋଇ ନାହାଁନ୍ତି, ଏବଂ ଏହା ଜାଣନ୍ତି…

243 ଏଠାରେ ରହିଥିବା ଏହି ସମସ୍ତ କ୍ଷେପଣାସ୍ତ୍ର ଏବଂ ସବୁକିଛି ଅବିକଳ ଠିକ ତୁମ ବାକ୍ୟ ଅନୁଯାୟୀ ଅଟେ, ଠିକ୍ ସେହି ଭଳି ଅଟେ ଯେପରିକି ବିଷୟଗୁଡିକ ଘଟିବାର ଅନୁମାନ କରାଯାଏ। ଏବଂ ଆମେ ଦେଖୁ ଯେ ମଣ୍ଡଳୀ ଜଗତ ସେମାନେ କିପରି ଭାବରେ କରିଛନ୍ତି। ଆମେ—ଆମେ ଠିକ୍ ତାହା ଦେଖୁ—ଠିକ୍ ତାହା ଦେଖୁ ଯେପରିକି ତାହା ନୋହଙ୍କ ଦିନରେ ଥିଲା, ଯେପରିକି ତାହା ସଦୋମର ଦିନରେ ଥିଲା, ଅବିକଳ ଠିକ ଯାହା ଯୀଶୁ କହିଥିଲେ ଯେ ଘଟିବ; ସେହି ଜୁଆର ତରଙ୍ଗମାନ; ସ୍ତ୍ରୀଲୋକମାନେ କିପରି ଚାଲିବେ ଏବଂ ପୋଷାକ ପିନ୍ଧିବେ, ଏବଂ ସେମାନେ କିପରି ପରଚର୍ଯ୍ୟା କରିବେ, ଏବଂ—ଏବଂ ସେହିପରି ଭାବରେ ଚାଲିବେ ଯେପରିକି ସେମାନେ କରନ୍ତି, ଏବଂ ଅଣ୍ଟା ଭାଙ୍ଗନ୍ତି ଏବଂ ମୋଡି ହୁଅନ୍ତି, ଏବଂ କରୁଥାଆନ୍ତି…ଠିକ୍ ଯାହାକି ଭବିଷ୍ୟଦ୍‌ବକ୍ତା କହିଥିଲେ। ଠିକ୍ ଯାହାକି ଦାନିୟେଲ କହିଥିଲେ,

"ଲୁହା ଏବଂ ମାଟି ଏକତ୍ର ସହମତ ହୋଇପାରିବ ନାହିଁ।" ଏବଂ, ଓଃ, ସବୁକିଛି, ଏହା ସଫଳ ହୋଇଛି, ପ୍ରଭୁ। ଆମେ ଠିକ ଶେଷ ସମୟରେ ଅଛୁ। ଛାୟାଗୁଡିକ ପଡୁଅଛି, ପ୍ରଭୁ। ଲାଲ୍ ବତୀ ଜଳୁଅଛି, ଘଣ୍ଟିମାନ ବାଜୁଅଛି।

244 ହେ ପରମେଶ୍ୱର, ଏହା ହେଉ ଯେ ତୁମର ଲୋକମାନେ ଅନୁଭବ କରନ୍ତୁ ଯେ ଠିକ ଯେତେବେଳେ ସେହି ସ୍ୱର୍ଗଦୂତ ସ୍ଥଳ ଓ ଜଳ ଉପରେ ପାଦ ରଖିବେ ଓ ନିଜର ହାତ ଉଠାଇ କହିବେ, "ସମୟ ଆଉ ଅଧିକ ନାହିଁ!"

> ତେବେ ଓଃ, କି ଏକ କ୍ରନ୍ଦନ ଏବଂ ବିଳାପ ହେବ,
> ଯେତେବେଳେ ବିନଷ୍ଟ ହେବାକୁ ଥିବା ଲୋକମାନଙ୍କୁ ସେମାନଙ୍କର
> ଭାଗ୍ୟ ବିଷୟରେ କୁହାଯାଏ;
> ସେମାନେ ପଥର ଓ ପର୍ବତ ନିକଟରେ କାନ୍ଦିବେ,
> ସେମାନେ ପ୍ରାର୍ଥନା କରିବେ, କିନ୍ତୁ ସେହି ପ୍ରାର୍ଥନା ବହୁତ ବିଳମ୍ବ
> ହୋଇ ଯାଇଥିବ।

245 ବର୍ତ୍ତମାନ ହିଁ ପରିତ୍ରାଣର ଦିନ ଅଟେ। "ଯାହାର କର୍ଣ୍ଣ ଅଛି, ସେ ଶୁଣୁ ଯେ ଆତ୍ମା ମଣ୍ଡଳୀଗଣଙ୍କୁ କଅଣ କୁହନ୍ତି।" ହେ ପ୍ରଭୁ, ପ୍ରଦାନ କର।

246 ଏପରି ହେଉ ଯେ ଏଠାରେ ଥିବା କେହି ହେଲେ ବି ସେହି ଦିନ ଉର୍ଦ୍ଧାନ୍ତିକରଣରୁ ବଞ୍ଚିତ ନ ହୁଅନ୍ତୁ। ଏପରି ହେଉ ଯେ ଆମ୍ଭେମାନେ ପରମେଶ୍ୱରଙ୍କ ପ୍ରେମ ଏବଂ ପରମେଶ୍ୱରଙ୍କ ଆତ୍ମାରେ ଏତେ ପରିପୂର୍ଣ୍ଣ ହେଉ ଯେପର୍ଯ୍ୟନ୍ତକି ପବିତ୍ରଆତ୍ମା ଆମକୁ ଅପେକ୍ଷା କରୁଥିବା ଲୋକମାନଙ୍କ ସହ, କିମ୍ବା ଏପରିକି ଯଦିଓ ଆମେ ନିଜର ସମୂହ ସହିତରେ ବିଶ୍ରାମ କରୁଥିବୁ ସେମାନଙ୍କ ସହ ଉର୍ଦ୍ଧାନ୍ତିକରଣରେ ନେଇଯିବେ। ଯେପରି ତୁମେ ଦାନିୟେଲଙ୍କୁ କହିଥିଲ, "ଦାନିୟେଲ, ନିଜ ବାଟରେ ଯାଅ, କାରଣ ତୁମ୍ଭେ ବିଶ୍ରାମ ପାଇବ। କିନ୍ତୁ ସେହି ଦିନ ତୁମେ ତୁମର ସମୂହ ସହିତରେ ଛିଡା ହେବ।"

247 ହେ ପରମେଶ୍ୱର, ତୁମେ କହିଥିଲ, "ଯେଉଁମାନେ...ପାପରୁ ଧାର୍ମିକତା...ଆଡକୁ ଫେରନ୍ତି ସେମାନେ ଚିରଦିନ ତାରାଗଣଠାରୁ ଅଧିକ ପ୍ରକାଶ ଦେବେ।" କି ଏକ ଦିନ ହେବ! କିନ୍ତୁ ଦୁଷ୍ଟ ଲୋକମାନେ ବିନାଶ ଆଡକୁ ଚାଲିଯିବେ। ହେ ପରମେଶ୍ୱର, ମନୁଷ୍ୟକୁ ବର୍ତ୍ତମାନ ଜୀବନରେ ସେମାନଙ୍କର ସ୍ଥିତିକୁ ହୃଦୟଙ୍ଗମ କରିବାକୁ ଦିଅ, ଯେପରିକି ଏହା ଅନନ୍ତ ବିଳମ୍ବ ହେବା ପୂର୍ବରୁ ସେମାନେ ଧାର୍ମିକ ଜଣକଙ୍କ ନିକଟକୁ ଫେରି ଯାଇପାରନ୍ତି। ପିତା, ଏହାକୁ ପ୍ରଦାନ କର।

248 ତେବେ ଆମର ମସ୍ତକଗୁଡିକ ନତ ଥିବା ସହିତ, ଶେଷ ପ୍ରାର୍ଥନାରେ, କଅଣ କେହି ସ୍ମରଣ କରାଯାଉ ବୋଲି ଚାହିଁବେ କି, କହିବେ, "ଭାଇ ବ୍ରାନହାମ୍, ମୁଁ ତୁମ ପାଇଁ ନୁହେଁ ବରଂ ପରମେଶ୍ୱରଙ୍କ ନିକଟରେ ନିଜର ହାତ ଉଠାଉଅଛି। ପରମେଶ୍ୱର ମୋ ପ୍ରତି ଦୟାଳୁ ହୁଅନ୍ତୁ ଏବଂ ମେଷଶାବକଙ୍କ ରକ୍ତରେ ଧୌତ ହୋଇ, ମୁଁ ସେହି ଦିନ ଉପସ୍ଥିତ ରହିବି"?

ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଆପଣଙ୍କୁ, ଆପଣଙ୍କୁ, ଆପଣଙ୍କୁ, ଆପଣଙ୍କୁ, ଅନେକ ହାତଗୁଡିକୁ।

249 ତେବେ, ହେ ସ୍ୱର୍ଗୀୟ ପିତା ପରମେଶ୍ୱର, ପ୍ରତ୍ୟେକଙ୍କୁ ଆଶୀର୍ବାଦ କର। ତୁମେ ସେମାନଙ୍କର ହାତ ଦେଖିଛ। ତୁମେ ସେମାନଙ୍କର ହୃଦୟ ଜାଣିଛ।

250 ଏବଂ ଆମେ ଅନୁଭବ କରୁ, ହେ ପ୍ରଭୁ, ଯେ ଆମେ...କିଛି ଗୋଟାଏ ଘଟିବାକୁ ଯାଉଅଛି। ଜଗତ ଏହା ଜାଣେ, ସେମାନେ ଗୀତ ଗାଉଛନ୍ତି, ଏବଂ ଟେଲିଭିଜନ ମାନସିକ ଅବ୍ୟବସ୍ଥାର ଥଟ୍ଟା ପରିହାସରେ ଏବଂ ଗୀତରେ ପରିପୂର୍ଣ୍ଣ ଅଟେ। ସେମାନେ କଅଣ କରୁଛନ୍ତି? ଯେପରିକି ଅନ୍ଧାରରେ ଏକ ଛୋଟ ବାଳକ ସିଟି ବଜାଇଥାଏ, ଏକ କବରସ୍ଥାନ ଦେଇ ଯାଉଥିବା ବେଳେ, ମୃତ୍ୟୁକୁ ଭୟ କରି, ସିଟି ବଜାଇ ତାର ସ୍ନାୟୁକୁ ଶାନ୍ତ କରିବାକୁ ଚେଷ୍ଟା କରୁଥାଏ। ସେ ତ କେବଳ ନିଜକୁ ବୋକା ବନାଉଅଛି। ଠିକ ସେହିପରି ଏହି ରାଷ୍ଟ୍ର କେବଳ ହସୁଅଛି, ଥଟ୍ଟା କରୁଅଛି, ପରିହାସ କରୁଅଛି, ଯେପରି ଭାବରେକି ଏହା କୁହାଯାଇଛି ଯେ ସେହି ସମୟ ଆସିବ ଯେତେବେଳେ ସେମାନେ ତାହା କରିବେ, "ସତ୍ୟରୁ ଓହରି ଯାଇ କଳ୍ପିତ କାହାଣୀରେ ମନ ଦେବେ," ଏବଂ କିପରି ଯେ "ଶେଷ ଦିନରେ ଉପହାସକାରୀ ଏବଂ ଥଟ୍ଟାକାରୀ ଲୋକମାନେ ଆସିବେ," ଏବଂ କିପରି ଏହି ବିଷୟଗୁଡ଼ିକ ଶେଷ ସମୟରେ ରହିବ, "ଦୁଃସାହସିକ, ଦାମ୍ଭିକ ହେବେ, ଭକ୍ତିର ଭେଖ ଧରିବେ, ସତ୍ୟରୁ ବିମୁଖ ହେବେ," ଏବଂ ଆମେ ତାହା ବର୍ତ୍ତମାନ ଦେଖୁଅଛୁ।

251 ହେ ପରମେଶ୍ୱର, ଲୋକମାନଙ୍କୁ ଜାଗ୍ରତ କର! ସେମାନେ ଏହା ହୃଦୟଙ୍ଗମ କରନ୍ତୁ ଯେ ସେମାନେ ବର୍ତ୍ତମାନ ସୁନିଶ୍ଚିତ ହୋଇପାରନ୍ତି ଯେ ସେମାନେ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଛନ୍ତି। ଯେତେବେଳେ ଆମେ ଖ୍ରୀଷ୍ଟ, ପବିତ୍ରଆତ୍ମାଙ୍କୁ ଗ୍ରହଣ କରୁ, ଆମେ ସେତେବେଳେ ଠିକ ଜଗତରୁ ଉପରକୁ ଉଠି ଯାଇଥାଉ। ତାହାପରେ ଆମେ ଜାଣୁ ଯେ ଆମେ ତାହାଙ୍କ ସହିତ ପୂର୍ବରୁ ଉଠି ସାରିଛୁ, ଏବଂ ଆମେ କେବଳ ସେହି ପରିବର୍ତ୍ତନକୁ ଅପେକ୍ଷା କରିଛୁ ଯେଉଁଠାରେ ମୃତ୍ୟୁ ମର୍ତ୍ତ୍ୟରେ ହିଁ ସୀମିତ ହୋଇଯିବ, ମର୍ତ୍ତ୍ୟ ଜୀବନର ଏହି ଛୋଟ ଛୋଟ ଚକଗୁଡିକ ଯାହା ଆମ ଇନ୍ଦ୍ରିୟଗୁଡିକରେ ଘୁରୁଅଛି, ମୁକ୍ତ କରାଯିବ। ହେ ପରମେଶ୍ୱର! ଏବଂ ତାହାପରେ ଆମର ତାହାଙ୍କ ପରି ଏକ ଶରୀର ହେବ ଏବଂ ତାହାଙ୍କ ସହିତ ଅନନ୍ତକାଳ ବାସ କରିବା, ପ୍ରମାଣ ସହିତ ରହିଥିବା, ସେହି ମହାନ ପ୍ରତିଜ୍ଞାତ ଦେଶରେ।

252 ହେ ପ୍ରଭୁ, ଏହାକୁ କେହି ହେଲେ ହରାନ୍ତୁ ନାହିଁ। ଯେଉଁମାନେ ନିଜର ହାତ ଉଠାଇଥିଲେ, ହେଉ ଯେ ସେମାନେ (ଆଜି ରାତିରେ) ରାଜ୍ୟ ଭିତରକୁ ନେଇ ନିଆ ଯାଆନ୍ତୁ। ବୋଧହୁଏ ଯେତେବେଳେ ସେମାନେ ଘରକୁ ଯାଆନ୍ତି, ବୋଧହୁଏ ସେହି ପୁରୁଷ ଜଣକ ତାଙ୍କ ପତ୍ନୀଙ୍କୁ କୁହନ୍ତି, "ପ୍ରିୟେ, ଆଜି ରାତିରେ କିଛି ଗୋଟାଏ ମୋତେ ଆଘାତ କଲା"; କିମ୍ବା ପତ୍ନୀ ସେହି ସ୍ୱାମୀକୁ କୁହନ୍ତି, "ପ୍ରିୟେ, ମୁଁ—ମୁଁ ପ୍ରକୃତରେ ବିଚିତ୍ର ଅନୁଭବ କଲି।" "ହଁ, ପ୍ରିୟେ, ଆସ ଏଠାରେ ଖଟ ପାଖରେ ଆଣ୍ଠୁମାଡି ବସିବା। ଆମେ ଏହା ପୂର୍ବରୁ କେବେ ହେଲେ କରିନାହୁଁ,

କିନ୍ତୁ ଆସୁ ଆଜି ରାତିରେ ପ୍ରାର୍ଥନା କରିବା । ଆସନ୍ତୁ ପରମେଶ୍ୱର ଆମ ପ୍ରତି ଦୟାଳୁ ହୁଅନ୍ତୁ ଏବଂ ଆମକୁ ଏକତ୍ରିତ କରନ୍ତୁ ବୋଲି ତାଙ୍କୁ ମାଗିବା । ପ୍ରିୟେ, ମୁଁ ତୁମକୁ ଭଲ ପାଏ ।”

253 ଏବଂ ସେହି—ସେହି ଅନ୍ୟଟି, ପୁରୁଷ ନାରୀକୁ କୁହେ, ଏବଂ ସେମାନେ କିପରି ପରସ୍ପରକୁ ଭଲ ପାଆନ୍ତି, “ମୁଁ—ମୁଁ—ମୁଁ ତୁମ ସହିତ ସ୍ୱର୍ଗରେ ରହିବାକୁ ଚାହେଁ । ମୁଁ ଏହାକୁ ହରାଇବାକୁ ଚାହେଁ ନାହିଁ । ଏବଂ କୌଣସି ଦିନେ ଯେତେବେଳେ ଆମକୁ ଘରେ ସ୍ୱାଗତ କରାଯାଏ ଏବଂ ମୁଁ ତୁମକୁ ହାତରେ ଧରି ନେଇଯିବି ଓ ସେହି ବୃହତ ଗଳିମାନ ଦେଇ ଏବଂ ଅନନ୍ତକାଳୀନ ଉଦ୍ୟାନ ଦେଇ ଚାଲିଯିବି, ଯେଉଁଠାରେ ସେହି ମେଷଶାବକ ଏବଂ—ଏବଂ ସେହି ସିଂହ ଏକତ୍ର ଶୟନ କରିବେ, ଏବଂ ସେହି ବିଲୁଆ ଓ ସେହି—ସେହି ଗାଈ ଏକତ୍ର ଶୋଇବେ । ଏବଂ ସେଠାରେ ଆଉ ମୃତ୍ୟୁ ହେବ ନାହିଁ ପୁଣି ଆଉ ଦୁଃଖ ହେବ ନାହିଁ । ଏବଂ ଯେତେବେଳେ ଆମେ ସେଠାକୁ ଚାଲିକରି ଯାଉ ଏବଂ ସ୍ୱର୍ଗ ଦୂତମାନଙ୍କର, ଆମ ଉପରେ ଥିବା ଗାୟନ ମଣ୍ଡଳୀର, ଗୀତଗୁଡ଼ିକ ପରିବେଶକୁ ସଂଗୀତମୟ କରେ, ଯେତେବେଳେ ସ୍ୱର୍ଗ ଦୂତମାନେ ଆମକୁ ଘରକୁ ସ୍ୱାଗତ କରନ୍ତି, ପ୍ରିୟେ, ମୁଁ ତୁମ ସହିତ ସେଠାରେ ରହିବାକୁ ଚାହେଁ । ମୁଁ—ମୁଁ ତୁମକୁ ଭଲପାଏ । ବୋଧହୁଏ ତୁମେ ବୃଦ୍ଧ ହେଉଅଛ, ମୋତେ ତୁମ ବିଷୟରେ ମନେ ଅଛି ଯେତେବେଳେ ମୁଁ ତୁମକୁ ବିବାହ କରିଥିଲି, ତୁମର ସୁନ୍ଦର ଛୋଟ ଚେହେରା ।” “ଏବଂ—ଏବଂ ତୁମେ, ଆଉ ମୋତେ ତୁମକୁ ମନେ ଅଛି, ପ୍ରିୟେ, ଯେତେବେଳେ ତୁମେ ଜଣେ ସୁନ୍ଦର ଯୁବକ ଥିଲ ।”

254 କିନ୍ତୁ ଏହି ସବୁ ପୁନଃସ୍ଥାପିତ ହୋଇଯିବ । ସେ ଯିଏକି ତୁମର ସୁନ୍ଦର ଚେହେରାକୁ ଥରେ ଅଙ୍କନ କରିଥିଲେ ସେ ନିଜର ମନରେ ତାହାର ସେହି—ସେହି ଚିତ୍ରକୁ ରଖିଛନ୍ତି । ସେ ଏହାକୁ ପୁନର୍ବାର ସେଠାରେ ଅଙ୍କନ କରିପାରନ୍ତି ଯେଉଁଠାରେକି ଏହା କେବେ ବି ମଳିନ ହେବ ନାହିଁ । ହେ ପରମେଶ୍ୱର, ଲୋକମାନେ ଏହା ଜାଣନ୍ତୁ ଯେ ଏହା କୌଣସି ପୌରାଣିକ ସ୍ୱପ୍ନ ନୁହେଁ, କିନ୍ତୁ ଏହା ଏକ—ଏକ ସତ୍ୟ ଅଟେ, ଏବଂ ପରମେଶ୍ୱର, ସେହି ପବିତ୍ରଆତ୍ମା, ଏଠାରେ ତାର ସାକ୍ଷ୍ୟ ନିମନ୍ତେ ଅଛନ୍ତି । ଯୁଗ ଯୁଗ ଧରି ତାହାଙ୍କର ବାକ୍ୟ ଏହା ବିଷୟରେ କହିଅଛି । ଆସନ୍ତୁ ପଛକୁ ଅନାଇବା ଓ ଦେଖିବା, ଆମର ଇତିହାସ ପାଠ କରିବା । ଏବଂ ଯେକୌଣସି ମନୁଷ୍ୟ ଯିଏକି କେବେ ପୃଥିବୀରେ ଏତେ ଅଧିକ କିଛି ପାଇଛନ୍ତି ସେମାନେ ମନୁଷ୍ୟ ହିଁ ଅଟନ୍ତି, ପରମେଶ୍ୱର-ଭୟାଳୁ ମଣିଷ ଅଟନ୍ତି, ଏପରିକି ଆମର ରାଷ୍ଟ୍ରପତିମାନ ଯଥା ୱାଶିଂଟନ୍, ଲିଙ୍କନ୍, ଏବଂ ଅନ୍ୟାନ୍ୟ ସବୁ, *ଯିହୋଶୂୟଗଣ*, ଏବଂ—ଏବଂ ସେହିପରି... *ମୋଶାଗଣ*, ଏବଂ ସେମାନେ ଯେଉଁମାନେକି...ବିଶ୍ୱର ମହାନ ବ୍ୟକ୍ତି ସେହି ମଣିଷ ହିଁ ରହିଛନ୍ତି ଯେଉଁମାନେକି ସେଥିରେ ବିଶ୍ୱାସ କରିଥିଲେ, ଏବଂ ସେମାନଙ୍କର ସାକ୍ଷ୍ୟକୁ ମୁଦ୍ରାଙ୍କିତ କରିଥିଲେ, ଏବଂ ସେଠାରେ ପୁନରୁତ୍ଥାନକୁ ଅପେକ୍ଷା କରିଥିଲେ । ଆମ ପାଖରେ ଏହାର ପ୍ରଥମ ଫଳମାନ, ସେହି ବଇନା ଅଛି ।

255 ମୁଁ ବର୍ତ୍ତମାନ ପ୍ରାର୍ଥନା କରୁଛି ଯେ ମୋର ପ୍ରାର୍ଥନା ମାଧ୍ୟମରେ ତୁମେ ଏହି ଲୋକମାନଙ୍କୁ

ସେମାନଙ୍କର ପ୍ରାର୍ଥନା ସହିତ ଗ୍ରହଣ କରିବ ଓ ସେମାନଙ୍କୁ ରାଜ୍ୟ ଭିତରକୁ ଗ୍ରହଣ କରି ନେବ । ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

256 ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ, ଆପଣଙ୍କ ପ୍ରତି ଦୟାରେ ଧନୀ ହୁଅନ୍ତୁ, ତାଙ୍କ ମୁଖକୁ ଆପଣଙ୍କ ଉପରେ ପ୍ରକାଶିତ କରନ୍ତୁ, ଏବଂ ଆପଣଙ୍କୁ ରକ୍ଷା କରନ୍ତୁ, ଏବଂ ସମସ୍ତ ସ୍ୱର୍ଗୀୟ ଆଶୀର୍ବାଦରେ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

257 ବର୍ତ୍ତମାନ ମୁଁ ଏହା କହୁଛି, ନିଷ୍ଠୁର ହେବା ପାଇଁ ନୁହେଁ, ମାତ୍ର ପ୍ରେମରେ । ମୁଁ ପ୍ରାର୍ଥନା କରୁଛି ଯେ ଆପଣ ଯେଉଁମାନେକି ତାହାଙ୍କୁ ଜାଣି ନାହାଁନ୍ତି, ଆପଣଙ୍କର ତକିଆ ଏତେ କଠିନ ହୋଇଯିବ ଯେ ଆପଣ ଆଉ ଅଧିକ ଶୋଇ ପାରିବେ ନାହିଁ, ଆପଣଙ୍କର ଖାଦ୍ୟ ଏତେ ଖରାପ ହୋଇଯିବ ଯେ ଏପରିକି ଆପଣ ଆଉ ଖାଇ ପାରିବେ ନାହିଁ, ଯେପର୍ଯ୍ୟନ୍ତକି ଆପଣ କୌଣସି ସ୍ଥାନରୁ ସେହି ପାର୍ଶ୍ୱରେ ଖସି ନ ଯାଆନ୍ତି ଏବଂ ନ କୁହନ୍ତି, "ହେ ପ୍ରଭୁ, ମୋତେ ଦୟା କର ।" ତାହା ଆପଣଙ୍କ ପାଇଁ କିଛି ଭୁଲ୍ କାମନା କରୁନାହିଁ । ତାହା ଆପଣଙ୍କ ଭଲ ପାଇଁ ଅଟେ, ଭାଇ, ଭଉଣୀ । ମୁଁ କେବଳ ପ୍ରାର୍ଥନା କରୁଛି ଯେ ଏହା ଆପଣଙ୍କ ପାଇଁ ସେହିପରି ହେବ ।

ଯେପର୍ଯ୍ୟନ୍ତ ଆମେ ନ ଭେଟିବା! ଯେପର୍ଯ୍ୟନ୍ତ ଆମେ ନ ଭେଟିବା!
ଯେପର୍ଯ୍ୟନ୍ତ ଆମେ ଯୀଶୁଙ୍କ ପାଦତଳେ ନ ଭେଟିବା; (ଯେପର୍ଯ୍ୟନ୍ତ
ଆମେ ନ ଭେଟିବା!)
ଯେପର୍ଯ୍ୟନ୍ତ ଆମେ ନ ଭେଟିବା! ଯେପର୍ଯ୍ୟନ୍ତ ଆମେ ନ ଭେଟିବା!
ଆମେ ପୁନର୍ବାର ନ ଭେଟିବା ପର୍ଯ୍ୟନ୍ତ ପରମେଶ୍ୱର ତୁମ ସହିତରେ
ରୁହନ୍ତୁ!

ଆମେ ପୁନର୍ବାର ନ ଭେଟିବା ପର୍ଯ୍ୟନ୍ତ ପରମେଶ୍ୱର ତୁମ ସହିତରେ
ରୁହନ୍ତୁ!
ତାହାଙ୍କର ପରାମର୍ଶ ମାର୍ଗଦର୍ଶନ ଦ୍ୱାରା, ତୁମକୁ ଧରି ରଖନ୍ତୁ,
ତୁମ ସମ୍ମୁଖରେ ଥିବା ଧମକପୂର୍ଣ୍ଣ ତରଙ୍ଗକୁ ଆଘାତ କରନ୍ତୁ;
ଆମେ ନ ଭେଟିବା ପର୍ଯ୍ୟନ୍ତ ପରମେଶ୍ୱର ତୁମ ସହିତରେ ରୁହନ୍ତୁ...

258 ତେବେ ପୁରୁଣା ସମୟର ଲୋକମାନଙ୍କ ସକାଶୁ, ଆସନ୍ତୁ ବର୍ତ୍ତମାନ କାହାରି ସହିତ ହାତ ମିଶାଇବା ।

ଯେପର୍ଯ୍ୟନ୍ତ ଆମେମାନେ...

ପ୍ରଭୁ ଯୀଶୁ, ସଂପୂର୍ଣ୍ଣ ଭଲ...?...କର, ସଂକ୍ରମଣକୁ ବାହାର କରି ଦିଅ ଏବଂ ଯୀଶୁଙ୍କ ନାମରେ ପ୍ରଭୁ, ତାଙ୍କୁ ସୁସ୍ଥତା ଦିଅ ।

ଯେପର୍ଯ୍ୟନ୍ତ ଆମେ ଯୀଶୁଙ୍କ ପାଦତଳେ ନ ଭେଟିବା; (ଯେପର୍ଯ୍ୟନ୍ତ
ଆମେ ନ ଭେଟିବା!)
ଯେପର୍ଯ୍ୟନ୍ତ ଆମେ...?...

ଯେପର୍ଯ୍ୟନ୍ତ ଆମେମାନେ...
...ଯୀଶୁଙ୍କର...

259 କଅଣ ଆପଣମାନଙ୍କର ମନେ ଅଛି ଯେ ଆମେ ସେହି ଗୀତଗୁଡିକୁ ଗାଉଥିଲୁ? ଆସନ୍ତୁ...ଏବଂ ଏହି ଅନ୍ୟଟି ଯାହା ଆମେମାନେ ଗୀତ ଗାଉଥିଲୁ, ବହୁ ବର୍ଷ ପୂର୍ବେ, ମୁଁ ଜାଣେ ନାହିଁ ଯେ ଏଠାରେ କିଏ ଅଛି କି ନାହିଁ, ଯେତେବେଳେ ଆମେ ଏଠାରେ ଏକ ପୁରୁଣା ଚୁଲି ଚାରିପାଖରେ ହାତ ମିଶାଉଥିଲୁ, ଏବଂ ଚଟାଣରେ କାଦୁଅ ରହୁଥିଲା । କଅଣ ଆପଣଙ୍କର ତାହା ମନେ ଅଛି କି? ଆମେ ଗାଉ ଥିଲୁ:

ଆମେ ସିୟୋନକୁ ଯାତ୍ରା କରୁଅଛୁ,
ସୁନ୍ଦର, ସୁନ୍ଦର ସିୟୋନ;
ଆମେ ଉପରକୁ ସିୟୋନକୁ ଯାତ୍ରା କରୁଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗରକୁ ।

260 କଅଣ ଆପଣ ଜାଣନ୍ତି ଯେ ସହସ୍ରାବ୍ଦୀରେ ସିୟୋନ କଅଣ ହେବାକୁ ଯାଉଅଛି? ସିୟୋନରେ ଏକ ଆଲୋକ ହେବ, ଏବଂ ଏହା ଦିନରେ ସୂର୍ଯ୍ୟଠାରୁ ଏକ ଛାୟା ନିମନ୍ତେ ଏବଂ ରାତିରେ ଏକ ପ୍ରକାଶ ନିମନ୍ତେ ହେବ, କାରଣ ସେଠାରେ କୌଣସି ରାତି ହେବ ନାହିଁ । ଓଃ, ମୋର ପ୍ରଭୁ!

ସିୟୋନର କ୍ଷେତ୍ର ଅମଳ କରିବ
ଏକ ସହସ୍ର ପବିତ୍ର ମିଷ୍ଟାନ୍ନ
ଆମେ ସେହି ସ୍ୱର୍ଗୀୟ ସିଂହାସନରେ ପହଞ୍ଚିବା ପୂର୍ବରୁ,
ଆମେ ସେହି ସ୍ୱର୍ଗୀୟ ସିଂହାସନରେ ପହଞ୍ଚିବା ପୂର୍ବରୁ,
କିମ୍ୱା ସୁବର୍ଣ୍ଣ ରାସ୍ତାରେ ଚାଲିବା ପୂର୍ବରୁ,
କିମ୍ୱା ସୁବର୍ଣ୍ଣ ରାସ୍ତାରେ ଚାଲିବା ପୂର୍ବରୁ ।

ବର୍ତ୍ତମାନ ସମସ୍ତେ ଏକାଠି:

ଆମେ ସିୟୋନକୁ ଯାତ୍ରା କରୁଅଛୁ,
ହେ ସୁନ୍ଦର, ସୁନ୍ଦର ସିୟୋନ;
ଆମେ ଉପରକୁ ସିୟୋନକୁ ଯାତ୍ରା କରୁଅଛୁ,
ପରମେଶ୍ୱରଙ୍କର ସେହି ସୁନ୍ଦର ନଗରକୁ ।

261 ମୁଁ କେବଳ ତାହାକୁ ଭଲ ପାଏ, ମୁଁ ଭାବୁଛି ଯେ ଏହା ବହୁତ ସୁନ୍ଦର ଅଟେ । ତେବେ, କଅଣ ଆପଣ ସେହି ପୁରାତନ-ସମୟର ଗୀତଗୁଡିକୁ ପସନ୍ଦ କରନ୍ତି ନାହିଁ କି? ମୁଁ ଭାବୁଛି ଯେ ତାହା ଆଜି ଆମେ ଗୀତ ବୋଲି କହୁଥିବା ଏହି କଟା କାଟି ବିଷୟଠାରୁ ଅଧିକ ଭଲ । ମୁଁ କେବଳ ତାହା ଭଲ ପାଏ । ଏବଂ ମୁଁ ମଣ୍ଡଳୀରେ ଏକ ପୁରାତନ ଗୀତ ଗାଉଥିଲି, ଆପଣମାନଙ୍କର ମନେ ଥିବ:

> ସ୍ଥାନ, ସ୍ଥାନ, ହଁ, ସେଠାରେ ସ୍ଥାନ ଅଛି,
> ନିର୍ଝର ପାଖରେ ତୁମ ପାଇଁ ସ୍ଥାନ ଅଛି ।

262 ଓଃ, ମୋର ପ୍ରଭୁ! ସେହି ଉତ୍ତମ, ପୁରାତନ ଗୀତଗୁଡିକ, ମୁଁ ବିଶ୍ୱାସ କରେ ସେହି କଲମଟି ପବିତ୍ରଆତ୍ମାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା, ଯିଏ ସେହି ଗୀତଗୁଡିକୁ ଲେଖିଥିଲା ।

> ଅଧିକ ନିକଟବର୍ତ୍ତୀ, ହେ ମୋର ପରମେଶ୍ୱର, ତୁମ୍ଭର ଅଧିକ ନିକଟବର୍ତ୍ତୀ!
> ଯଦିଓ ତାହା କ୍ରୁଶ ହେବ ଯାହା ମୋତେ ଉତ୍ଥାପିତ କରେ ।

263 ତଥାପି, ଚାର୍ଲ୍ସ ୱେସଲି ଏବଂ ସେହି ମହାନ ଲେଖକମାନେ ଯେଉଁମାନେକି ସେହିପରି ଗୀତଗୁଡିକ ଲେଖିଥିଲେ, ସେହି କବିମାନେ । ଏହା ସୁନ୍ଦର ଅଟେ, ମୁଁ ଭାବୁଛି ଯେ ସେଗୁଡିକ ବହୁତ ଭଲ ଅଟେ । ଏବଂ ତାହାପରେ ଆମେ କରୁଥିଲୁ…ତାହା ମନେ ଥିବ:

> ହେ ବେଉଲା ଭୂମି, ମଧୁର ବେଉଲା ଭୂମି,
> ଯେପରିକି ଉଚ୍ଚତମ ପର୍ବତ ଉପରେ ମୁଁ ଛିଡା ହୋଇଛି,
> ମୁଁ ସମୁଦ୍ର ଆରପାରିକୁ ଚାହେଁ,
> ଯେଉଁଠାରେ ତୁମେ ମୋ ପାଇଁ ବାସ ସ୍ଥାନ ପ୍ରସ୍ତୁତ କରିଅଛ ।

264 କଅଣ ଆପଣମାନଙ୍କର ତାହା ମନେ ଅଛି ଯେତେବେଳେ ପ୍ରଥମ ଥର ପାଇଁ ସଦାପ୍ରଭୁଙ୍କ ସେହି ଦୂତ ନଦୀ କୂଳରେ ଓହ୍ଲାଇଥିଲେ? ଆମେମାନେ ଗୀତ ଗାଉଥିଲୁ:

> ଯର୍ଦ୍ଦନର ଝଡ଼ତୋଫାନ କୂଳରେ ମୁଁ ଛିଡା ହୋଇଛି,
> ଏବଂ ଏକ ଇଚ୍ଛାପୂର୍ଣ୍ଣ ଆଖି ପକାଇଅଛି,
> କିଣାନର ସେହି ସୁନ୍ଦର ଏବଂ ଉଲ୍ଲସିତ ଦେଶକୁ,
> ଯେଉଁଠାରେ ମୋର ସମ୍ପତ୍ତି ରହିଛି ।
>
> ମୁଁ ସେହି ପ୍ରତିଜ୍ଞାତ ଦେଶ ଅଭିମୁଖେ,
> କିଏ ଆସି ମୋ ସହିତ ଯିବେ?
> ମୁଁ ସେହି ପ୍ରତିଜ୍ଞାତ ଦେଶ ଅଭିମୁଖେ ।

265 ଯେତେବେଳେ ଆମେ ସେହି ଗୀତ ଗାଉଥିଲୁ, ଆକାଶରୁ ଏକ ରବ ଚିତ୍କାର କଲା, ଏବଂ ସେହି ମହାନ ଅଗ୍ନିସ୍ତମ୍ଭ ଘୁରି ତଳକୁ ଓହ୍ଲାଇ ଆସିଲା ଓ କହିଲା, "ଯେପରି ବାପ୍ତିଜକ

ଯୋହନଙ୍କୁ ତାହାଙ୍କର ପ୍ରଥମ ଆଗମନର ଅଗ୍ରଧାବକ ହେବା ନିମନ୍ତେ ପଠାଯାଇଥିଲା, ସେହିପରି ତୁମଠାରେ ଏକ ବାର୍ତ୍ତା ଅଛି ଯାହାକି ଦ୍ୱିତୀୟ ଆଗମନର ଅଗ୍ରଧାବକ ହେବ।" ଦେଖନ୍ତୁ ଯେ ସେ କୁଆଡେ ଗଲା। ତାହା ଏକ-ତିରିଶ ବର୍ଷ ପୂର୍ବେ ଅଟେ। ଦେଖନ୍ତୁ, ଏହା ତାହା ପରଠାରୁ କେଉଁଠାକୁ ଗଲା, ଉଦ୍ଦୀପନାର ଏକ ଅଗ୍ନିରେ ସମଗ୍ର ବିଶ୍ୱକୁ ଗଲା। ଏବଂ ବର୍ତ୍ତମାନ ଆମେ ଏହାକୁ ଶୀତଳ ହେଉଥିବାର ଦେଖୁଅଛୁ। ସମୟ ସନ୍ନିକଟ ଅଟେ।

266 ସମସ୍ତ ଘୋଷଣାଗୁଡିକୁ ମନେ ପକାଇ, ଆସନ୍ତୁ ବର୍ତ୍ତମାନ ନିଜର ମସ୍ତକଗୁଡିକୁ ନତ କରିବା।

267 ମେଷପଲର ସେହି ମହାନ ମେଷପାଳକ, ଯାହାଙ୍କର ଆଗମନକୁ ଆମେ କୌଣସି ଦିନେ ଅପେକ୍ଷା କରୁଅଛୁ, ଆମର ହୃଦୟଗୁଡିକ ସେହି ଘଟିକା ପାଇଁ ଲାଳାୟିତ ଅଟେ ଯେତେବେଳେ ଆମ୍ଭେମାନେ ତାହାଙ୍କୁ ଦେଖିବୁ। ଦିନେ ତୁମେ ପର୍ବତ ଉପରେ ବସିଥିଲ ଏବଂ ତୁମେ ନିଜର ଲୋକମାନଙ୍କୁ ଶିକ୍ଷା ଦେଇଥିଲ, ତୁମେ କହିଲ, "ଏହିପ୍ରକାରେ ପ୍ରାର୍ଥନା କର:"

ହେ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା, ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ
ହେଉ।
ତୁମ୍ଭର ରାଜ୍ୟ ଆସୁ। ଯେପରି ସ୍ୱର୍ଗରେ, ସେପରି ପୃଥିବୀରେ ତୁମ୍ଭର
ଇଚ୍ଛା ସଫଳ ହେଉ।
ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ।
ଆମ୍ଭେମାନେ ଯେପରି ଆପଣା ଆପଣା ଅପରାଧୀମାନଙ୍କୁ କ୍ଷମା
କରିଅଛୁ, ସେପରି ଆମ୍ଭମାନଙ୍କର ଅପରାଧସବୁ କ୍ଷମା କର।
ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ, ମାତ୍ର ମନ୍ଦରୁ ରକ୍ଷା କର; ଯେଣୁ
ରାଜ୍ୟ, ପରାକ୍ରମ ଓ ଗୌରବ ଯୁଗେ ଯୁଗେ ତୁମ୍ଭର। ଆମେନ୍।

268 ବାଇବଲ କୁହେ, "ପୁଣି ସେମାନେ ଏକ ଭଜନ ଗାଇ ବାହାରି ଗଲେ।"

ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ,
ହେ ଦୁଃଖ ଓ ସନ୍ତାପର ସନ୍ତାନ;
ଏହା ତୁମକୁ ଆନନ୍ଦ ଓ ସାନ୍ତ୍ୱନା ପ୍ରଦାନ କରିବ,
ଆପଣ ଯେଉଁଆଡେ ବି ଯାଆନ୍ତି ଏହାକୁ ନିଅନ୍ତୁ।

ମୂଲ୍ୟବାନ ନାମ, ଓଃ କେତେ ମଧୁର!
ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ;
ମୂଲ୍ୟବାନ ନାମ, ଓଃ କେତେ ମଧୁର! (କେତେ ମଧୁର!)
ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ।

269 କଅଣ ତାହା ସୁନ୍ଦର ଶୁଭେ ନାହିଁ କି? ଆସନ୍ତୁ କେବଳ ଆଉ ଥରେ, କେବଳ ଏଠାରେ ଜଣେ ଏବଂ ସେଠାରେ, ଏବଂ ଆମେ ଗୀତ ଗାଇବାବେଳେ ଏହାକୁ ପୁନର୍ବାର ଶୁଣୁ:

ଯୀଶୁଙ୍କର ନାମରେ ନତ ମସ୍ତକ ହେଉଅଛୁ,
ତାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣାମ କରୁଅଛୁ, (ଦେଖନ୍ତୁ?)
ସ୍ୱର୍ଗରେ ରାଜାମାନଙ୍କର ରାଜା ଭାବରେ ଆମେ ତାହାଙ୍କୁ ମୁକୁଟାଭିଷେକ କରିବୁ,
ଯେତେବେଳେ ଆମର ଯାତ୍ରା ସମାପ୍ତ ହେବ।

ଓଃ, କଅଣ ତାହା ସୁନ୍ଦର ନୁହେଁ କି? ଆସନ୍ତୁ ଦେଖିବା:

ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ,
ପ୍ରତ୍ୟେକ ଫାନ୍ଦରୁ ଢାଲ ସ୍ୱରୂପେ;
ଯେତେବେଳେ ତୁମ ଚତୁର୍ଦ୍ଦିଗରେ ପ୍ରଲୋଭନ ଏକତ୍ର ହୁଏ,
ପ୍ରାର୍ଥନାରେ ସେହି ପବିତ୍ର ନାମକୁ କେବଳ ନିଶ୍ୱସିତ କର। (ବୁଝିଲେ?)

ଓଃ ମୂଲ୍ୟବାନ ନାମ! ଆସନ୍ତୁ ଏହାକୁ ଗାଇବା:

ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ,
ପ୍ରତ୍ୟେକ ଫାନ୍ଦରୁ ଢାଲ ସ୍ୱରୂପେ;
ଯେତେବେଳେ ତୁମ ଚତୁର୍ଦ୍ଦିଗରେ ପ୍ରଲୋଭନ ଏକତ୍ର ହୁଏ,
ପ୍ରାର୍ଥନାରେ ସେହି ପବିତ୍ର ନାମକୁ କେବଳ ନିଶ୍ୱସିତ କର।

ଓଃ ମୂଲ୍ୟବାନ ନାମ, (ମୂଲ୍ୟବାନ ନାମ!) ଓଃ କେତେ ମଧୁର! (ଓଃ କେତେ ମଧୁର!)
ପୃଥିବୀର ଆଶା ଏବଂ ସ୍ୱର୍ଗର ଆନନ୍ଦ;
ମୂଲ୍ୟବାନ ନାମ, ଓଃ କେତେ ମଧୁର! (କେତେ ମଧୁର!)
ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ।

270 ବର୍ତ୍ତମାନ, ଯଦି ଆମେମାନେ ନିଜର ମସ୍ତକଗୁଡିକୁ ନତ କରିବା, ଆମର ପାଳକ ପ୍ରାର୍ଥନାରେ ମଣ୍ଡଳୀକୁ ବିସର୍ଜିତ କରିବେ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ନେଭିଲ୍।

***ପ୍ରଶ୍ନୋତ୍ତର*** ORI62-0527

(Questions and Answers)

**ମଣ୍ଡଳୀର ଆଚରଣ, କ୍ରମ ଏବଂ ସିଦ୍ଧାନ୍ତ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ମେ 27, 1962, ରବିବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:



Voice Of God Recordings

P.O. Box 950, Jeffersonville, Indiana 47131 U.S.A.

www.branham.org